# ନିତିଦିନ
NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20

12 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
11 JANUARY 2025
ଶନିବାର
୧୧ ଜାନୁଆରୀ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 ● ISSUE 234 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୦ ● ସଂଖ୍ୟା ୨୩୪ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


### ତେଲେଙ୍ଗାନାରେ ଟ୍ରକ୍‌କୁ ପିଟିଲା ବସ୍

## ୪ ଓଡ଼ିଆ ମୃତ



**ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍:**

ତେଲେଙ୍ଗାନାର ସୂର୍ଯ୍ୟାପେଟ-ଖମାମ ରାସ୍ତାରେ ଆଜି ଭୋର ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ପଛରେ ଏକ ବସ୍ ପିଟି ହେବାରୁ ୪ ଓଡ଼ିଆଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ୨ ଜଣ ମହିଳା ଥିବା ସୂଚନା ମିଳିଛି।

କଳାହାଣ୍ଡି ସିନାପାଲିରୁ ୩୨ ଜଣ ଶ୍ରମିକଙ୍କୁ ନେଇ ଗତକାଲି ହାଇଦ୍ରାବାଦ ଅଭିମୁଖେ ବାହାରିଥିଲା ବସ୍। ବସ୍‌ଟି ରାତି ପ୍ରାୟ ୩ଟା ସମୟରେ ସୂର୍ଯ୍ୟାପେଟ-ଖମାମ ରାସ୍ତା ଅତିକ୍ରମ କରୁଥିଲା। ଉକ୍ତ ସମୟରେ ରାସ୍ତା ଉପରେ ଏକ ଟ୍ରକ୍ ଛିଡ଼ା ହୋଇଥିବା ବେଳେ ଦ୍ରୁତଗାମୀ ବସ୍‌ଟି ତାହାକୁ ପଛ ପଟୁ ପିଟିଥିଲା। ଫଳରେ ଘଟଣାସ୍ଥଳରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ବସ୍ ଡ୍ରାଇଭର, ୨ ମହିଳା ଶ୍ରମିକ ଓ ଜଣେ ପୁରୁଷ ଶ୍ରମିକ ଥିବା ଜଣାଯାଇଛି।ଏହି ଦୁର୍ଘଟଣାରେ ଆଉ କିଛି ଶ୍ରମିକ ଆହତ ହୋଇଥିବା ବେଳେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଥିସହ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି।

## ୧୨ ଯାଏଁ ଖୋଲା ରହିବ ପ୍ରବାସୀ ଭାରତୀୟ ପ୍ରଦର୍ଶନୀ

**ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍:**




### ବୁଲିପାରିବେ ସାଧାରଣ ଲୋକ, ଛାତ୍ରଛାତ୍ରୀ

ସାଧାରଣ ଲୋକଙ୍କ ପାଇଁ ଖୋଲା ରହିବ ଜନତା ମଇଦାନ ପ୍ରବାସୀ ଭାରତୀୟ ଦିବସ ପ୍ରଦର୍ଶନୀ। ଆସନ୍ତାକାଲି ଠାରୁ ୧୨ ତାରିଖ ସନ୍ଧ୍ୟା ଯାଏଁ ପ୍ରଦର୍ଶନୀ ଖୋଲା ରହିବ। ସାଧାରଣ ଲୋକ ଏବଂ ଛାତ୍ରଛାତ୍ରୀ ବୁଲି ଦେଖିପାରିବେ। ଏଥିପାଇଁ କୌଣସି ପ୍ରବେଶ ଶୁଳ୍କ ନିଆଯିବ ନାହିଁ। ଲୋକମାନେ ମାଗଣାରେ ମେଳା ବୁଲି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିପାରିବେ। ବିଭିନ୍ନ ଗ୍ୟାଲେରୀର ଷ୍ଟଲ ବୁଲି ଦେଖି ପାରିବେ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ପର୍ଯ୍ୟଟନ ଠାରୁ ନେଇ ବିଜ୍ଞାନ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀରେ ବହୁ ଶିକ୍ଷଣୀୟ ଜିନିଷ ରହିଛି। ତେଣୁ ଏହି ପ୍ରଦର୍ଶନୀ ସମସ୍ତେ ଦେଖିବା ଉଚିତ୍ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ପ୍ରଦର୍ଶନୀକୁ ୨ ରୁ ୩ ଦିନ ଯାଏଁ ବଢାଇବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ସାଧାରଣ ଲୋକ ବିଶେଷ କରି ଯୁବ ବର୍ଗଙ୍କୁ ଦୃଷ୍ଟିରେ ରଖି ସେ ଏହି ଅପିଲ୍ କରିଥିଲେ। ଯାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି

▶▶ ୭

### ପ୍ରବାସୀ ଭାରତୀୟ ଦିବସର ଉଦ୍‌ଯାପନୀ ସମାରୋହ

# ସାକାର ହେବ ବିକଶିତ ଭାରତର ସ୍ୱପ୍ନ: ରାଷ୍ଟ୍ରପତି

**ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍:**



ବିକଶିତ ଭାରତର ସ୍ୱପ୍ନ ସାକାର ହେବାକୁ ଯାଉଛି। ବିଶ୍ୱ ସ୍ତରରେ ଭାରତର ଗୁରୁତ୍ୱ ଦ୍ୱିଗୁଣିତ ହେବା ସହ ଭାରତ ସବୁ କ୍ଷେତ୍ରରେ ଏବେ ଆଗକୁ ବଢୁଛି। ବିକଶିତ ଭାରତ ନିର୍ମାଣରେ ପ୍ରବାସୀ ଭାରତୀୟଙ୍କ ସହଯୋଗ ଜରୁରୀ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

ଶୁକ୍ରବାର ପ୍ରବାସୀ ଭାରତୀୟ ଦିବସ ସମାରୋହର ଉଦ୍‌ଯାପନୀ ଦିବସରେ ଯୋଗଦେଇ ରାଷ୍ଟ୍ରପତି କହିଲେ ଯେ ପ୍ରବାସୀ ଭାରତୀୟଙ୍କ ପାଇଁ ଭାରତବାସୀ ସର୍ବଦା ଗର୍ବିତ। ନିୟୁତ ନିୟୁତ ଲୋକ ଆଦର୍ଶ ଭାବେ ବି ଗ୍ରହଣ କରିଛନ୍ତି। ତେଣୁ ଭାରତ ସରକାର ପ୍ରବାସୀ ଭାରତୀୟଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆଗକୁ ବି କରିବେ। ଓଡ଼ିଶା ସରକାର ମଧ୍ୟ ଅନେକ ଭଲ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଭଳି ଏକ ପ୍ରାଚୀନ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ସଂପନ୍ନ ବିଶ୍ୱସ୍ତରୀୟ ସମ୍ମିଳନୀ ଆୟୋଜନ ହେବା ଦ୍ୱାରା ପ୍ରବାସୀ ଭାରତୀୟଙ୍କ ସହ ସଂପର୍କ ଜୋଡ଼ିଯାଇଛି। ପର୍ଯ୍ୟଟନର ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି। ଆର୍ଥିକ ଦିଗରୁ ବି ଉଭୟ ଭାରତ ଓ ରାଜ୍ୟ ସରକାର ଲାଭବାନ ହେବେ। ତେଣୁ ପ୍ରବାସୀ ଭାରତୀୟମାନେ ନିଜ ରାଜ୍ୟ ତଥା ଦେଶର ବିକାଶର ପଥକୁ ଆଗକୁ ନେବା ପାଇଁ ବଜ୍ର ଶପଥ ନେବା ଆବଶ୍ୟକ ବୋଲି ରାଷ୍ଟ୍ରପତି ପ୍ରକାଶ କରିଛନ୍ତି।

ବୈଦେଶିକ ମନ୍ତ୍ରୀ ଡ଼. ଏସ୍ ଜୟଶଙ୍କର କହିଛନ୍ତି ଯେ ବସୁଦେବ କୁଟୁମ୍ବକମକୁ ସର୍ବଦା ଗୁରୁତ୍ୱ ଦେଇଛି ଭାରତ। ଯିଏ ଯେଉଁଠି ଥିଲେ ହେଁ ଭାରତମାତାର ଆକର୍ଷଣ ସେମାନଙ୍କୁ ଏଠାକୁ ଟାଣି ଆଣିଛି। ବିଦେଶରେ ପ୍ରବାସୀ ଭାରତୀୟମାନେ ବିଭିନ୍ନ କ୍ଷେତ୍ରରେ ଯେଉଁ ଉତ୍କର୍ଷତା ଦେଖାଇ ସଫଳତା ପାଇଛନ୍ତି, ତାହା ପାଇଁ ଭାରତର ଟେକ ରହିଛି। କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ୍ କହିଛନ୍ତି ଯେ, ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରୁ ଅନେକ ଶିଖିବାର ମିଳିଛି। ଏଭଳି ଆୟୋଜନ ପରେ ଉଭୟ ଭାରତ ଓ ରାଜ୍ୟ ସରକାରଙ୍କୁ ଅନେକ ଆତ୍ମବିଶ୍ୱାସ ମିଳିଛି। 'ଆମେ ଯୁଦ୍ଧ ନୁହେଁ, ବୁଦ୍ଧର ଭାରତ ଚାହୁଁ' ବୋଲି ନାରା ଦେଇଥିବା ପ୍ରଧାନମନ୍ତ୍ରୀ ସତରେ ବିଶ୍ୱକୁ ବଡ଼ ଶାନ୍ତିର ବାର୍ତ୍ତା ଦେଇଛନ୍ତି ବୋଲି ଶ୍ରୀ ଓରାମ ପ୍ରକାଶ କରିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ସାରା ବିଶ୍ୱକୁ ଆକର୍ଷିତ କରିଛି। ଏହି ମାଟିର ଆରାଧ୍ୟ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ବିଶ୍ୱର ଠାକୁର। ଓଡ଼ିଶାରେ ସ୍ୱାଭିମାନ ଓ ଗଣତନ୍ତ୍ରର ମୂଳ ଗଭୀରତା ରହିଛି। ଏହା ହେଉଛି ବୁଦ୍ଧଙ୍କ ଭୂମି, ଶାନ୍ତିର ଭୂମି। ସମଗ୍ର ବିଶ୍ୱରେ ବୌଦ୍ଧ ଧର୍ମର ମାର୍ଗ ଓଡ଼ିଶା ଜରିଆରେ ହିଁ ଉଭା ହୋଇଛି। ଯେତେବେଳେ ଓଡିଶାରେ କେହି ରାଜା ନଥିଲେ, ସେହି ସମୟରେ ଆମ ଓଡିଶାରେ ଗଣତନ୍ତ୍ର ଥିଲା । ଆମର ସମୂହ ତ୍ୟାଗ ବା ବଳିଦାନ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିବା ପାଇଁ ବାଧ କରିଥିଲା। ସବୁ କ୍ଷେତ୍ରରେ ଓଡ଼ିଶା ଅଗ୍ରସର ହେଉଛି। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦ୍ୟୋୟ ସ୍ୱପ୍ନ ସାକାର ହେବାକୁ ଯାଉଛି। ଏହି ଭୂମି ପୂର୍ବୋଦୟର ଉତ୍ପତ୍ତିସ୍ଥଳୀ ହେବ। ଏଇଠୁ ବିକାଶର ରାସ୍ତା ବି ପ୍ରଶସ୍ତ ହେବ। ଆଜି ଆମ ସମ୍ମୁଖରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ରହିଛି। ୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ। ୨୦୪୭ରେ ଭାରତ ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ପାଳନ କରିବ। ଏହି ସମୟରେ ଆମକୁ ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବ। ଓଡ଼ିଶାର ବିକାଶ ହେଲେ ହିଁ ଭାରତର ବିକାଶ ହେବ ବୋଲି ସେ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ପ୍ରବାସୀ ଭାରତୀୟ ଦିବସର ଉଦ୍‌ଯାପନୀ ସମାରୋହରେ ରାଷ୍ଟ୍ରପତିଙ୍କ ଉପସ୍ଥିତି ସମ୍ମିଳନୀର ଗୁରୁତ୍ୱକୁ ବଢ଼ାଇବା ସହ ମହିମାମଣ୍ଡିତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଦୋହରାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରତି ପ୍ରବାସୀ ଭାରତୀୟ ନିଜର ୫ ବନ୍ଧୁଙ୍କୁ ନିଜର ମାଟିକୁ ଆଣି ଦେଖାଇବା ଉଚିତ। ଏହାଦ୍ୱାରା ଭାରତ 'ଲୋକାଲରୁ ଗ୍ଲୋବାଲ' ହୋଇଯିବ ଏବଂ ଓଡ଼ିଆ ଅସ୍ମିତା ନୂଆ ସୋପାନରେ ଅବତୀର୍ଣ୍ଣ ହେବ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରବାସୀ ଭାରତୀୟ ଦିବସ ଉତ୍ସବର ଉଦଯାପନୀ ଅବସରରେ, ଆପଣଙ୍କ ଆଗମନ ଆମ ସମସ୍ତଙ୍କୁ ଗୌରବାନ୍ୱିତ କରିଛି। ଆପଣଙ୍କ ଉପସ୍ଥିତି, ଏ କାର୍ଯ୍ୟକ୍ରମର ମର୍ଯ୍ୟାଦାକୁ ବୃଦ୍ଧି କରିଛି। ଆପଣ ଆମ ରାଷ୍ଟ୍ରର ଉଜ୍ଜ୍ୱଳ ପ୍ରଦୀପ। ଆପଣ ଆମ ବିଶ୍ୱାସ ଆଉ ଆକାଂକ୍ଷାର ଅକ୍ଷୟ ଭଣ୍ଡାର। ଆପଣଙ୍କ ସକ୍ରିୟ ଏବଂ ଗୌରବମୟ ଉପସ୍ଥିତି ଆମ ପାଇଁ ଅନ୍ତରଙ୍ଗ ଆଶ୍ୱସ୍ତି ଓ ସୁଖଦାୟକ। ଆପଣଙ୍କ ମହିମାମଣ୍ଡିତ ଉପସ୍ଥିତି ପାଇଁ, ମୁଁ ଆପଣଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଛି। ମହାମହିମ ରାଷ୍ଟ୍ରପତି ଜୀ ଆମ ଓଡ଼ିଶାର ଝିଅ। ତାଙ୍କର ଶାନ୍ତ, ସରଳ ସ୍ୱଭାବ, ତାଙ୍କ ଜ୍ଞାନର ଗଭୀରତା ଓ ଦାର୍ଶନିକ ଚିନ୍ତାଧାରାରେ ସେ ସାରା ଦେଶବାସୀଙ୍କୁ ଅନୁପ୍ରାଣୀତ କରିଆସିଛନ୍ତି। ତାଙ୍କ ପାଇଁ ଆଜି ଦେଶର ମା'ମାନଙ୍କୁ, ଭଉଣୀମାନଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହ ଓ ଶକ୍ତି ମିଳିଛି ବୋଲି ସେ ପ୍ରକାଶ କରିଛନ୍ତି।

ବିଦେଶରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ୨୭ ଜଣ ପ୍ରବାସୀ ଭାରତୀୟଙ୍କୁ ରାଷ୍ଟ୍ରପତି 'ପ୍ରବାସୀ ଭାରତୀୟ ସମ୍ମାନ' ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟପାଳ ହରିବାବୁ କମ୍ଭମପତି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁବ୍ରମଣ୍ୟମ୍ ଜୟଶଙ୍କର ପ୍ରମୁଖ ଉପସ୍ଥିତ ଥିଲେ।

### ପୁଣି ୨ ଶିଶୁ ଏଚ୍‌ଏମ୍‌ପିଭି ସଂକ୍ରମିତ

## ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪କୁ ବୃଦ୍ଧି

**ନୂଆଦିଲ୍ଲୀ,୧୦।୧/ଏଜେନ୍ସି:**




ଦେଶରେ ଏବେ ହ୍ୟୁମାନ୍ ମେଟାନ୍ୟୁମୋ ଭୂତାଣୁ (ଏଚ୍‌ଏମ୍‌ପିଭି) ସଂକ୍ରମଣଜନିତ ମାମଲା ନିରନ୍ତର ବୃଦ୍ଧିପାଇବାରେ ଲାଗିଛି। ଶୁକ୍ରବାର ସୁଦ୍ଧା ଚିହ୍ନଟ ହୋଇଥିବା ସଂକ୍ରମିତଙ୍କୁ ମିଶାଇ ଦେଶରେ ଏବେ ମୋଟ୍ ଏଚ୍‌ଏମ୍‌ପିଭି ସଂକ୍ରମିତଙ୍କ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ରିପୋର୍ଟ ଅନୁସାରେ ଶୁକ୍ରବାର ରାଜସ୍ଥାନ ଏବଂ ଗୁଜରାଟରୁ ଜଣେ ଲେଖାଏ ଏଚ୍‌ଏମ୍‌ପିଭି ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ରାଜସ୍ଥାନର ବାରାଙ୍ଗ ଠାରେ ଏକ ୬ ମାସର ଶିଶୁକନ୍ୟା ଠାରେ ଏହି ଭୂତାଣୁ ଚିହ୍ନଟ ହୋଇଥିବା ବେଳେ ଗୁଜରାଟର ଅହମ୍ମଦାବାଦ ଠାରେ ଜଣେ ୯ମାସର ଶିଶୁକୁ ଏହି ଭୂତାଣୁ ସଂକ୍ରମିତ ଭାବେ ଚିହ୍ନଟ କରାଯାଇଛି। ଦିନକପୂର୍ବରୁ ଅର୍ଥାତ୍ ଗୁରୁବାର ଦେଶରେ ୩ ଏଚ୍‌ଏମ୍‌ପିଭି ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶର ଲକ୍ଷ୍ନୌ ଠାରେ ଜଣେ ୬୦ ବର୍ଷୀୟା ମହିଳା, ଗୁଜରାଟର ଅହମ୍ମଦାବାଦ୍ ଠାରେ ଜଣେ ୮୦ ବର୍ଷୀୟ ବୃଦ୍ଧ ଏବଂ ହିମ୍ମତନଗରରେ ଜଣେ ୭ବର୍ଷର ବାଳକ ସାମିଲ ଅଛନ୍ତି।

ଯଦିଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଠାରୁ ଆରମ୍ଭ କରି ବିଶ୍ୱସ୍ତରର ବଡ଼ ବଡ଼ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହି ଭୂତାଣୁକୁ ନେଇ ଭୟଭୀତ ହେବାର କୌଣସି କାରଣ ନଥିବା କହିସାରିଛନ୍ତି, ତଥାପି କରୋନା ଭଳି ଲକ୍ଷଣ ରହୁଥିବା ଏହି ଭୂତାଣୁକୁ ନେଇ ଭାରତରେ ଭୟର ବାତାବରଣ ଦେଖିବାକୁ ମିଳୁଛି। ଏହାକୁ ଦୃଷ୍ଟିରେ ରଖି ଦେଶର ଅଧିକାଂଶ ରାଜ୍ୟ ସରକାର ନିଜ ହିସାବରେ ରାଜ୍ୟବାସୀଙ୍କ ପାଇଁ ସତର୍କତା ପାଳନ ପରିପ୍ରେକ୍ଷୀରେ ଗାଇଡ୍‌ଲାଇନ୍ ମଧ୍ୟ ଜାରି କରୁଛନ୍ତି।

▶▶ ୭

## ୯ ମାର୍ଗରେ ୧୩ ବସ୍ ସେବାର ଶୁଭାରମ୍ଭ

**ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍:**



ଓଏସ୍‌ଆରଟିସି ଦ୍ୱାରା ପରିଚାଳିତ ହେବାକୁ ଥିବା ୯ଟି ନୂତନ ମାର୍ଗରେ ୧୩ଟି ବସ୍ ସେବାର ଶୁଭାରମ୍ଭ ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭର୍ଚୁଆଲ ମୋଡରେ ଏହାର ଶୁଭ ଉଦଘାଟନ କରିଛନ୍ତି। ଏହି ନୂତନ ବସ୍ ସେବା ସିଦ୍ଧ ଭୈରବୀ, ଗଣିଆ (କଣ୍ଟିଲୋ), କୋଟପାଡ଼, ଯୋରନ୍ଦା ଏବଂ ପାରଳାଖେମୁଣ୍ଡିକୁ ପୁରୀ ସହ ସଂଯୋଗ କରିବ। ସେହିପରି ଇନ୍ଦ୍ରାବତୀ ଓ ବ୍ରହ୍ମପୁରକୁ ଭୁବନେଶ୍ୱର ସହ, କୁଦୁରାକୁ କଟକ ସହ ଏବଂ ବ୍ରହ୍ମପୁରକୁ ରାଉରକେଲା ସହ ସିଧାସଳଖ ସଂଯୋଗ କରିବ। ଏହାଦ୍ୱାରା ଓଡ଼ିଶା ତଥା ଆଭ୍ୟନ୍ତରଣ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ଗମନାଗମନ ପାଇଁ ଏକ ସୁଲଭ ଏବଂ ଆରାମଦାୟକ ସେବା ପାଇପାରିବେ। ମନ୍ତ୍ରୀ କହିଛନ୍ତି ଯେ, "ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ମୌଳିକ ଜନସାଧାରଣ ପରିବହନ ଭିତ୍ତିଭୂମି ବିକାଶ ସହିତ, ଆମର ଲକ୍ଷ୍ୟ ହେଉଛି ଲୋକଙ୍କ

▶▶ ୭

### ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ସାମିଲ ହୁଅନ୍ତୁ ପ୍ରବାସୀ ଓଡ଼ିଆ,ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ପ୍ରଣୟନ ହେବ ପ୍ରବାସୀ ଓଡ଼ିଆ ନୀତି

**ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍:**



ପ୍ରଣୟନ ହେବ ପ୍ରବାସୀ ଓଡ଼ିଆ ନୀତି। ପ୍ରବାସୀ ଓଡ଼ିଆଙ୍କ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବ। ଓଡ଼ିଶାର

### ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବ

ବିକାଶ ପାଇଁ ଡବଲ ଇଞ୍ଜିନ୍ ସହ ତୃତୀୟ ଇଞ୍ଜିନ୍ ଭାବେ ପ୍ରବାସୀ ଇଞ୍ଜିନ୍ କାମ କରିବ। ତେଣୁ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ସାମିଲ ହୁଅନ୍ତୁ ବୋଲି ପ୍ରବାସୀ ଓଡ଼ିଆଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି।

ଜନତା ମଇଦାନଠାରେ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରବାସୀ ଓଡ଼ିଆମାନଙ୍କ ସହିତ ସ୍ୱତନ୍ତ୍ର ଭାବେ ଏକ ଆଲୋଚନା କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଆଲୋଚନାରେ ପ୍ରବାସୀ ଓଡ଼ିଆମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଦେଶ ମାଟିରେ ଆପଣମାନେ ଦୁଇ ଦେଶ ମଧ୍ୟରେ ସଂପର୍କର ସେତୁ ହୋଇପାରିଛନ୍ତି। ଆମ ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର କରୁଛନ୍ତି। ଆପଣମାନେ ପ୍ରବାସରେ ରହି ମଧ୍ୟ ଓଡ଼ିଶାର ବିକାଶ ଓ ଅସ୍ମିତାର ସୁରକ୍ଷା ବିଷୟରେ ଚିନ୍ତା କରୁଛନ୍ତି। ସେ ଦିଗରେ କାମ ମଧ୍ୟ କରୁଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ଆମକୁ ଏକ ନୂଆ ଓଡ଼ିଶା, ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପର ଅବସର ଆଣିଦେଇଛି। ଏହି ସମ୍ମିଳନୀ ମାଧ୍ୟମରେ ଓଡ଼ିଶାର ବିକାଶ ପାଇଁ ଡବଲ ଇଞ୍ଜିନ୍ ସହ ତୃତୀୟ ଇଞ୍ଜିନ୍ ଭାବେ ପ୍ରବାସୀ ଇଞ୍ଜିନ୍ ଯୋଡ଼ି ହୋଇଛି। ଓଡ଼ିଶା ଏବେ ସମୃଦ୍ଧି ପଥରେ ଅଗ୍ରସର ହେବା ପାଇଁ ଯାତ୍ରା ଆରମ୍ଭ କରିସାରିଛି। ଆପଣମାନେ ବିଭିନ୍ନ ଦେଶରେ ରହୁଛନ୍ତି। ଆପଣମାନଙ୍କ ମଧ୍ୟରେ ସଫଳ ଶିଳ୍ପପତି, ପ୍ରଫେସନାଲ ଓ ଟେକ୍ନୋକ୍ରାଟମାନେ ମଧ୍ୟ ଅଛନ୍ତି। ଏ ଯାତ୍ରାରେ ଆପଣମାନେ ସାମିଲ ହେବା ଅତ୍ୟନ୍ତ ଜରୁରୀ। ପ୍ରବାସୀ ଓଡ଼ିଆମାନଙ୍କର ରହିଥିବା ବିଭିନ୍ନ ସମସ୍ୟା ଓ ସେମାନେ ଓଡ଼ିଶାର ବିକାଶ ପାଇଁ ଚାହୁଁଥିବା ବିଷୟଗୁଡ଼ିକ ମଧ୍ୟରେ ସମନ୍ୱୟ ରଖିବା ପାଇଁ ଓଡ଼ିଶାର ଜଣେ ମନ୍ତ୍ରୀ ସ୍ୱତନ୍ତ୍ର ଭାବେ ଦାୟିତ୍ୱରେ ରହିବେ। କେନ୍ଦ୍ର ସରକାରଙ୍କ ସହଯୋଗରେ ବର୍ତ୍ତମାନେ ଓଡ଼ିଶାରେ ବିମାନ ଚଳାଚଳ ସେବାରେ ବୃଦ୍ଧି ଘଟିଛି। ଆଗାମୀ ଦିନରେ କୁଏତ ଓ କାତାର ଭଳି ଦେଶକୁ ମଧ୍ୟ ବିମାନ ଚଳାଚଳ ପାଇଁ ମଧ୍ୟ ଆମେ ବିଚାର କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କହିଥିଲେ।

କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ ଯେ ଆମ ଦେଶର ସବୁଠାରୁ ବଡ଼ ସମ୍ପତ୍ତି ହେଉଛି ଆମ ବୌଦ୍ଧିକ ମାନବ ସମ୍ବଳ। ଆପଣମାନେ ହେଉଛନ୍ତି ତାହାର ଉଦାହରଣ। ଓଡ଼ିଆ ସମ୍ଭ୍ରମତା, ଓଡ଼ିଆ ସଂସ୍କୃତି, ଓଡ଼ିଆ ଜାତିର ଆପଣମାନେ ହେଉଛନ୍ତି ଜଣେ ଜଣେ ପ୍ରତୀକ। ଘରେ ପିଲାମାନଙ୍କୁ ଓଡ଼ିଆ ଭାଷା ଶିଖାଇବା ପାଇଁ ସେ ପ୍ରବାସୀ ଓଡ଼ିଆମାନଙ୍କୁ ଅନୁରୋଧ କରିଥିଲେ। ଓଡ଼ିଶାରେ ଜଙ୍ଗଲ, ବେଳାଭୂମି, ମନ୍ଦିର ପରି ପର୍ଯ୍ୟଟନର ସମସ୍ତ ସମ୍ଭାର ରହିଛି । ଓଡ଼ିଶାର ଏହି ପର୍ଯ୍ୟଟନ ସମ୍ଭାର ବିଷୟରେ ଆପଣମାନେ ବିଦେଶରେ ଜଣାନ୍ତୁ । ଚାକିରି କରିବା ବଦଳରେ ଚାକିରି ଦେବା ପଦ୍ଧତିକୁ ଆପଣେଇବା ପାଇଁ ସେ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ପ୍ରବାସରୁ

▶▶ ୭

### କଗ୍ନିଜେଣ୍ଟ ଭୁବନେଶ୍ୱରରେ ସେଣ୍ଟର କଲେ ସହଯୋଗ କରିବୁ : ମୁଖ୍ୟମନ୍ତ୍ରୀ

ବିଶ୍ୱସ୍ତରୀୟ କଗ୍ନିଜେଣ୍ଟ ଆଇଟି କମ୍ପାନୀ ଆଗାମୀ ୫ ବର୍ଷ ଭିତରେ ଭୁବନେଶ୍ୱରରେ ତାରର 'ସେଣ୍ଟର' ସ୍ଥାପନା କରିବାକୁ ନିଷ୍ପତ୍ତି ନେଇଛି। ଯଦି ତାହା ସମ୍ଭବ ହୁଏ ତାହାଲେ ରାଜ୍ୟ ସରକାର କଗ୍ନିଜେଣ୍ଟକୁ ସଂପୂର୍ଣ୍ଣ ସହଯୋଗ କରିବେ। ଶୁକ୍ରବାର ସଂପୃକ୍ତ କମ୍ପାନୀ ସିଇଓ ରବି କୁମାର ସୌଜନ୍ୟମୂଳକ ସାକ୍ଷାତକାର ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ସ୍ପଷ୍ଟ କରିଛନ୍ତି।

### ପ୍ରବାସୀ ଭାରତୀୟ ଦିବସ-୨୦୨୫

## ବ୍ୟଞ୍ଜନ ହିଁ ଗୋଟିଏ ଦେଶର ସଂସ୍କୃତିର ପରିଚୟ: ଶେଖାୱତ

**ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍:**

'ବ୍ୟଞ୍ଜନ ହିଁ ଗୋଟିଏ ଦେଶର ସଂସ୍କୃତିର ପରିଚୟ। ନିଜ ଘରୋଇ ଖାଦ୍ୟକୁ ପ୍ରଭାବଶାଳୀ ଭାବରେ ପ୍ରସାର ଓ ପ୍ରଚାର କରିବା ପାଇଁ ନିଜ ସଂସ୍କୃତି ବିଷୟରେ କୌଣସି ସଂକୋଚ ପ୍ରକାଶ ନ କରିବା ଉଚିତ।' ଅଠର ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ 'ପ୍ରବାସୀ ବିତର୍କ: ସଂସ୍କୃତି, ସଂଯୋଗ ଏବଂ ସମ୍ପର୍କ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଏହା କହିଛନ୍ତି ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍।

ସେ କହିଛନ୍ତି ଯେ ପ୍ରବାସୀ ଭାରତୀୟମାନେ ବିଦେଶରେ ଭାରତର ସମୃଦ୍ଧ ଐତିହ୍ୟର ବାହକ। ଅନେକ ପ୍ରବାସୀ ଭାରତୀୟ ବିଦେଶରେ ଭାରତୀୟ ଖାଦ୍ୟ ଓ ପରମ୍ପରାକୁ ଲୋକପ୍ରିୟ କରିବାରେ ପ୍ରମୁଖ ଭୂମିକା ତୁଲାଉଛନ୍ତି। ଯୋଗ, ସଙ୍ଗୀତ, ଖାଦ୍ୟ ଓ କଳା ଭଳି ସୂକ୍ଷ୍ମ ଶକ୍ତି ବିଶ୍ୱବ୍ୟାପୀ ପ୍ରଶଂସା ଭାଜନ ବି ହୋଇପାରିଛି। ନ୍ୟୁୟର୍କର ଖାଦ୍ୟ ଟ୍ରକ୍‌ରୁ ଲଣ୍ଡନର ମିସେଲିନ୍-ତାରକା ପ୍ରତିଷ୍ଠାନ ପର୍ଯ୍ୟନ୍ତ ଭାରତୀୟ ଖାଦ୍ୟର ଚାହିଦା ଆମର ରାନ୍ଧଣା ଐତିହ୍ୟ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି। ଟାଇମ୍ସ ସ୍କୋୟାରରେ ଦୀପାବଳି ପୋଷ୍ଟର ଓ ବିଦେଶର ବିଭିନ୍ନ ସ୍ଥାନରେ ଦୀପାବଳି ଚିତ୍ରକଳା ଦେଖିବା ସମୟରେ ଆମକୁ ଗର୍ବ ଅନୁଭବ ହୁଏ। ଆମର ସହଭାଗୀ ଐତିହ୍ୟର ଅବଦାନ ଭାବରେ ଭାରତର ପର୍ଯ୍ୟଟନ କ୍ଷେତ୍ରରେ ପ୍ରବାସୀ ଭାରତୀୟଙ୍କ ନିବେଶ କରିବା ଜରୁରୀ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶେଖାୱତ ଆହ୍ୱାନ ଦେଇଛନ୍ତି।

ଆନ୍ତର୍ଜାତୀକ ସ୍ତରରେ ଖୁବ୍ ସୁନାମ ଅର୍ଜିଥିବା ସେଫ୍ ରଣବୀର ବ୍ରାର କହିଛନ୍ତି ଯେ ଗତ କିଛି

### ଲୋକେ ଖାଦ୍ୟ ଓ ସଂସ୍କୃତିକୁ ଏକାଠି ଦେଖିବା ଆରମ୍ଭ କରିଛନ୍ତି : ବ୍ରାର

ବର୍ଷ ଧରି ଭାରତୀୟ ଖାଦ୍ୟ ଏହାର ସ୍ୱାଦ ପାଇଁ ନୁହେଁ ବରଂ ଭାରତୀୟ ସଂସ୍କୃତି ଓ ପରମ୍ପରା ବିଶ୍ୱ ମଞ୍ଚରେ ସମ୍ମାନ ଅର୍ଜନ କରିଛି। ପୂର୍ବରୁ ବିଦେଶରେ ରେଷ୍ଟୁରାଣ୍ଟ ସ୍ଥାପନ କରିବାବେଳେ, ମୁଁ ମଡର୍ଣ୍ଣ ଇଣ୍ଡିଆନ୍ ରେଷ୍ଟୁରାଣ୍ଟ ଭଳି ହାଇଫେନେ ଫୁଡ୍ ଶବ୍ଦ ବ୍ୟବହାର କରୁଥିଲି। କିନ୍ତୁ ଏବେ କେବଳ ଭାରତୀୟ ରେଷ୍ଟୁରାଣ୍ଟ ନାମ ଯଥେଷ୍ଟ। ଗ୍ରାହକମାନଙ୍କୁ ଆପେ ଆପେ ଆକର୍ଷିତ ହୋଇ ଆସୁଛନ୍ତି। ଗତ ୨୫ ବର୍ଷ ମଧ୍ୟରେ ଲୋକମାନେ ଖାଦ୍ୟ ଓ ସଂସ୍କୃତିକୁ ଏକାଠି ଦେଖିବା ଆରମ୍ଭ କରିଥିବାରୁ ଏହା ସମ୍ଭବ ହୋଇଛି ବୋଲି ବ୍ରାର ମତ ପ୍ରକାଶ କରିଛନ୍ତି।

ଉକ୍ତ ଆଲୋଚନାଚକ୍ରର ମଞ୍ଚ

▶▶ ୭






## ପ୍ରବାସୀ ଭାରତୀୟ ରଖିଛନ୍ତି

# ଦେଶର ମାନ

ସରସ, ସୁନ୍ଦର ଆଉ ସୁଖଦ। ତିନି ଦିନ ଧରି ଓଡ଼ିଶାରେ ଚାଲିଥିବା ପ୍ରବାସୀ ମହାକୁମ୍ଭର ମହାଉଦ୍‌ଯାପନ। ଭୁବନେଶ୍ୱରସ୍ଥ ଜନତା ମୈଦାନରେ ଚାଲିଥିବା ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମେଳନକୁ ସମ୍ବୋଧନ କରି ଶୁକ୍ରବାର ଉତ୍ସବର ସମାପନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ପ୍ରବାସୀ ଭାରତୀୟଙ୍କ ଏହି ମହା ସମ୍ମେଳନର ଶେଷ ଦିନର ଆକର୍ଷଣ ଥିଲା ବିଶ୍ୱର ବିଭିନ୍ନ କୋଣଅନୁକୋଣରେ ପ୍ରତିଷ୍ଠିତ ପ୍ରବାସୀ ଭାରତୀୟଙ୍କୁ ସମ୍ମାନିତ କରିବାର ମହାର୍ଘ୍ୟ ଅବସର। ଉଦ୍‌ଯାପନୀ ଦିବସରେ ବିଶ୍ୱର ୨୪ ରାଷ୍ଟ୍ରର ୨୭ ଜଣ ସଫଳ ପ୍ରବାସୀଙ୍କୁ 'ପ୍ରବାସୀ ଭାରତୀୟ ସମ୍ମାନ'ରେ ସମ୍ମାନିତ କରିଥିଲେ ରାଷ୍ଟ୍ରପତି। ଏହି ଅବସରରେ ପ୍ରବାସୀ ଭାରତୀୟମାନେ ସମଗ୍ର ବିଶ୍ୱରେ ଦେଶର ମାନ ଟେକ ରଖିଛନ୍ତି। ପ୍ରବାସୀ ଭାରତୀୟମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇ ପ୍ରତିଷ୍ଠା ପାଇପାରିଛନ୍ତି ବୋଲି କହିଛନ୍ତି ରାଷ୍ଟ୍ରପତି।


















## ମୋଦୀଙ୍କୁ କୃତଜ୍ଞତା ଜଣାଇଲେ ମୋହନ



ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ଯୋଗ ଦେଇ ମାର୍ଗଦର୍ଶନ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିଜର ସୋସିଆଲ ମିଡିଆ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ ପ୍ରବାସୀ ଭାରତୀୟ ଦିବସରେ ଆପଣଙ୍କ ଗାରିମାମୟ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଆହୁରି ସଫଳ ଏବଂ ସ୍ୱତନ୍ତ୍ର କରିପାରିଛି। ଆପଣଙ୍କ ମାର୍ଗଦର୍ଶନ ସମସ୍ତ ପ୍ରବାସୀ ଭାରତୀୟଙ୍କ ମନରେ ନୂଆ ଆଶା, ଉତ୍ସାହ ଏବଂ ଉଦ୍ଦୀପନା ଭରିଦେବା ସହ 'ବିକଶିତ ଭାରତ' ନିର୍ମାଣ ପାଇଁ ଅନୁପ୍ରାଣିତ କରିଛି।ଏଥିପାଇଁ ବ୍ୟକ୍ତିଗତ ଭାବେ ଆପଣଙ୍କୁ କୃତଜ୍ଞତା ଜଣାଉଛି।' ସୂଚନାଯୋଗ୍ୟ, ଗତକାଲି ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିଥିଲେ।



## ଓଡ଼ିଶାକୁ ଦେଖିଲା ସମଗ୍ର ବିଶ୍ୱ

୩ ଦିନିଆ ପ୍ରବାସୀ ଭାରତୀୟ ସମ୍ମିଳନୀ ସରିଲା, ସମଗ୍ର ବିଶ୍ୱ ଓଡ଼ିଶାକୁ ଦେଖିଲା ଓ ଏହାର ଦକ୍ଷତା ବାବଦରେ ଜାଣିଲା। ୭୦ ଦେଶରୁ ହଜାର ହଜାର ସଂଖ୍ୟାରେ ଆସିଥିବା ପ୍ରବାସୀ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ ବାବଦରେ ଜାଣିଛନ୍ତି। ଏହାସହ ଓଡ଼ିଶାରେ ଥିବା ଅପାର ସମ୍ଭାବନାକୁ ଅନୁଭବ କରି ଫେରିଛନ୍ତି। ନିବେଶ ଅନୁକୂଳ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ। ଏହି ସମ୍ମିଳନୀ ବିଶ୍ୱ ଦରବାରରେ ଓଡ଼ିଶାକୁ ଆହୁରି ଅଧିକ ପରିଚିତ କରିବାକୁ ମାର୍ଗ ପ୍ରଶସ୍ତ କରିଛି। ଖାସକରି ପର୍ଯ୍ୟଟନ ଓ ଶିଳ୍ପ କ୍ଷେତ୍ରରେ। କାରଣ ଓଡ଼ିଶା ପାଖରେ ସୁଦୀର୍ଘ ବେଳାଭୂମି ଓ ପାହାଡ ପର୍ବତ ଘେରା ପ୍ରାକୃତିକ ପରିବେଶ ରହିଛି। ପ୍ରବାସୀ ଭାରତୀୟଙ୍କ ପ୍ରଚେଷ୍ଟା ଓ ସରକାରଙ୍କ ସହଯୋଗ ପର୍ୟ୍ୟଟେନ କ୍ଷେତ୍ରରେ ଓଡ଼ିଶାକୁ ଟୁରିଜିମ ଡେଷ୍ଟିନେସନର ନୂଆ ପରିଚୟ ଦେବ। ସେହିଭଳି ଆଗକୁ ଓଡ଼ିଶାକୁ ଏଫଡିଆଇ ନିବେଶ ଆସିବାର ସୁଯୋଗ ସୃଷ୍ଟି ହେବ।



## ମନ ଜିଣିଲା ଓଡ଼ିଶା ପ୍ରଦର୍ଶନୀ କକ୍ଷ

୧୮ତମ ପ୍ରବାସୀ ଭାରତୀୟ ଦିବସରେ ଓଡ଼ିଶା ପ୍ରଦର୍ଶନୀ କକ୍ଷ ସମସ୍ତ ପ୍ରବାସୀ ଭାରତୀୟମାନଙ୍କର ମନ ଜିଣିପାରିଛି। ଓଡ଼ିଶା ପ୍ରଦର୍ଶନୀ କକ୍ଷରେ ଓଡ଼ିଆ ସଂସ୍କୃତିରେ ବିଭିନ୍ନ ଦିଗକୁ ପ୍ରଦର୍ଶିତ କରାଯାଇଥିଲା। ପ୍ରାଚୀନ ଓଡ଼ିଶା ଇତିହାସ ଠାରୁ ଆରମ୍ଭ କରି ଆଧୁନିକ ଓଡ଼ିଶା ଇତିହାସ, କଳିଙ୍ଗ ଯୁଦ୍ଧ ଓ ପାଇକ ବିଦ୍ରୋହ ଠାରୁ ନେଇ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ମିଳିବାର ଗୌରବମୟ ଗାଥାକୁ ଖୁବ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିଲା। ଏଥିସହିତ ଓଡ଼ିଶାର ଲୋକକଳା, ଚିତ୍ରକଳା, ଶାସ୍ତ୍ରୀୟ ଓ ଲୋକନୃତ୍ୟ, ପାରମ୍ପରିକ ବାଦ୍ୟ ଓ ସଂଗୀତ, ପର୍ବପର୍ବାଣୀ ଆଦିକୁ ପ୍ରଦର୍ଶନୀ କକ୍ଷରେ ପ୍ରଦର୍ଶିତ କରାଯାଇଥିଲା। ପ୍ରଦର୍ଶନୀ କକ୍ଷରେ ରଥଯାତ୍ରା ଓ ସୁନାବେଶର ଫଟୋଚିତ୍ର ପ୍ରଦର୍ଶିତ ହେବା ସହିତ କୋଣାର୍କ ଚକ୍ରକୁ ମଧ୍ୟ ସ୍ଥାନିତ କରାଯାଇଥିଲା।









# ଏମ୍ସରେ ଭର୍ତ୍ତି ହେଲା ଛୋଟା ରାଜନ

**ନୂଆଦିଲ୍ଲୀ, ୧୦।୧/ଏଜେନ୍ସି:** ତିହାର ଜେଲରେ ବନ୍ଦୀ ଜୀବନ କାଟୁଥିବା ଅଣ୍ଡରୱାର୍ଲ୍ଡ ଡନ୍ ଛୋଟା ରାଜନ ଶୁକ୍ରବାର ଦିଲ୍ଲୀ ଏମ୍ସରେ ଭର୍ତ୍ତି ହୋଇଛି। ରାଜନର ସାଇନସ୍ ସମସ୍ୟା ରହିଥିବା ବେଳେ ସେ ଦୀର୍ଘଦିନ ଧରି କଷ୍ଟ ଅନୁଭବ କରୁଥିଲା। ତେବେ ସର୍ଜରୀ ମାଧ୍ୟମରେ ଏହି ସମସ୍ୟାର ଦୂରିକରଣ ହୋଇପାରିବ ବୋଲି ଡାକ୍ତରୀଦଳ ସ୍ପଷ୍ଟ କରିବା ପରେ ତାକୁ ଏମ୍ସରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ୨୦୦୧ ଜୟା ସେଟ୍ଟୀ ନାମକ ଜଣେ ହୋଟେଲ ମାଲିକଙ୍କୁ ହତ୍ୟା, ସାମ୍ବାଦିକ ଜୟ ଦେ'ଙ୍କୁ ହତ୍ୟା ଭଳି ଅନେକ ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଛୋଟା ରାଜନ୍ ଏବେ ଆଜୀବନ ଜେଲ୍‌ଦଣ୍ଡ ଭୋଗୁଛି। ତେବେ ତାକୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିବା ବେଳେ ଏମ୍ସ ବାହାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଦିଆଯାଇଛି। ପ୍ରକାଶ, ୨୦୧୫ ଅକ୍ଟୋବର ୨୫ରେ ଇଣ୍ଡୋନେସିଆରୁ ଛୋଟା ରାଜନକୁ ଗିରଫ କରାଯିବା ପରେ ଭାରତ ଅଣାଯାଇଥିଲା।



# ୟୁପିରେ ମା' ବାପାଙ୍କ ସହ ତିନି ଶିଶୁଙ୍କୁ ହତ୍ୟା

**ମିରଟ, ୧୦।୧/ଏଜେନ୍ସି:** ଉତ୍ତରପ୍ରଦେଶର ମିରଟରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଗୋଟିଏ ପରିବାରର ୫ ସଦସ୍ୟଙ୍କ ମୃତଦେହ ବେଡ୍‌ବକ୍ସରୁ ପୁଲିସ୍ ଜବତ କରିଛି। ଦମ୍ପତିଙ୍କ ସହ ୩ଶିଶୁକନ୍ୟାଙ୍କ କ୍ଷତବିକ୍ଷତ ଶରୀର ଉଦ୍ଧାର ହୋଇଛି। ମିରଟର ଲିସାରି ଗେଟ୍ ଅଞ୍ଚଳରେ ଘଟିଥିବା ଏହି ବିଭତ୍ସ ହତ୍ୟାକାଣ୍ଡରେ ପୁଲିସ୍ ତଦନ୍ତ ଆରମ୍ଭ କରିଥିବା ବେଳେ ଏମାନଙ୍କ ବୟସ ୧୦ ବର୍ଷରୁ ମଧ୍ୟ କମ୍। ସବୁଠାରୁ ବଡ ଝିଅର ବୟସ ୮ ଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ଯଥାକ୍ରମେ ୪ ଓ ୧ ବର୍ଷ ହେବ ବୋଲି ପୁଲିସ୍ ଅନୁମାନ କରୁଛି। ପ୍ରାଥମିକ ତଦନ୍ତ ଅନୁସାରେ ପରିବାରର ସମସ୍ତ ସଦସ୍ୟଙ୍କୁ ଶରୀରର ମୁଣ୍ଡକୁ କୌଣସି ମାରଣାସ୍ତ୍ରରେ ପିଟାଯାଇଥିବା ଜଣାପଡିଛି। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କହିଛନ୍ତି ଏସ୍‌ଏସ୍‌ପି ବିପିନ ଟାଡା କହିଛନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଉଛି ଦମ୍ପତିଙ୍କ ମୃତଦେହ ଘରେ ପଡ଼ିଥିବା ବେଳେ, ପିଲାମାନଙ୍କ ମୃତଦେହ ଏକ ବେଡ୍ ବକ୍ସ ଭିତରୁ ମିଳିଥିଲା। ଏଥିରୁ ଏହା ଏକ ହତ୍ୟା ମାମଲା ବୋଲି ଅନୁମାନ କରାଯାଉଛି। ପରିବାରର କୌଣସି ଲୋକ ଘରୁ ବାହାରକୁ ନ ବାହାରିବାରୁ ପଡୋଶୀଙ୍କ ସନ୍ଦେହ ହୋଇଥିଲା। ଏନେଇ ପଡୋଶୀ ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପୋଲିସ ପହଞ୍ଚି ତାଲା ଭାଙ୍ଗି ଘରେ ପଶିଥିଲା।

# ସାମ୍ବାଦିକଙ୍କ ପରିବାରର ୩ ସଦସ୍ୟଙ୍କୁ ହତ୍ୟା

**ରାୟପୁର, ୧୦।୧/ଏଜେନ୍ସି:** ନିକଟରେ ଛତିଶଗଡ଼ରେ ମୁକେଶ ଚନ୍ଦ୍ରାକର ନାମକ ଜଣେ ସାମ୍ବାଦିକଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣା ମନରୁ ଲିଭିନଥିବା ବେଳେ ଥକଉଏ ଆଉ ଜଣେ ସାମ୍ବାଦିକଙ୍କ ପୂରା ପରିବାରକୁ ହତ୍ୟା କରାଯାଇଛି। ସୁରଜପୁର ଜିଲ୍ଲାରେ ଏହି ଅଭାବନୀୟ ଅଘଟଣ ଘଟିଥିବା ସମ୍ପର୍କରେ ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଜାତୀୟ ହିନ୍ଦୀ ଚ୍ୟାନେଲ ଆଜତକ୍‌ର ଜିଲ୍ଲା ରିପୋର୍ଟର ଭାବେ କାମ କରୁଥିବା ସାମ୍ବାଦିକ ସନ୍ତୋଷ କୁମାର ଟୋପୋଙ୍କ ପରିବାରର ୩ ସଦସ୍ୟଙ୍କୁ ଅତ୍ୟନ୍ତ ବିଭତ୍ସ ଭାବେ ହତ୍ୟା କରାଯାଇଛି। ସମ୍ପତ୍ତି ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ସନ୍ତୋଷଙ୍କ ମା'-ବାପା ଏବଂ ଭାଇ ରହିଛନ୍ତି। ସୁରଜପୁର ଜିଲ୍ଲାର ଜଗନ୍ନାଥପୁର ଗ୍ରାମର ସ୍ଥାୟୀ ନିବାସୀ ସନ୍ତୋଷଙ୍କ ପରିବାର ଏହି ଠାରେ ରହୁଥିଲେ। ସେମାନଙ୍କର ନିଜ ସମ୍ପର୍କୀୟଙ୍କ ସହ ଜମିଜୁମା ବିବାଦ ରହିଥିଲା। ତେବେ ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟାରେ ସନ୍ତୋଷଙ୍କ ମା' ବାସନ୍ତୀ ଟୋପୋ (୫୩)-ବାପା ମାଙ୍ଗେରାମ୍ ଟୋପୋ (୬୦) ଓ ଭାଇ ନରେଶ କ୍ଷେତରେ କାମ କରୁଥିବାବେଳେ ତାଙ୍କ ଦାଦା ଅନ୍ୟ କିଛି ସମ୍ପର୍କୀୟଙ୍କ ସହିତ ମିଶି ସେମାନଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସମସ୍ତଙ୍କର ମୃତ୍ୟୁ ଘଟିଥିଲା। ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ବେଳେ ପୁଲିସ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



## ନିଖିଲ କାମାଥ୍‌ଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ପଡ୍‌କାଷ୍ଟ ସାକ୍ଷାତକାର

# ମୁଁ ଜଣେ ମଣିଷ, ଭଗବାନ ନୁହେଁ: ମୋଦୀ

**ନୂଆଦିଲ୍ଲୀ, ୧୦।୧/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ଥର ପାଇଁ ଏକ ପଡ୍‌କାଷ୍ଟ ସାକ୍ଷାତକାରରେ ନିଜ ମନର କଥା କହିଛନ୍ତି। ଜିରୋଧାର ସହ ପ୍ରତିଷ୍ଠାତା ନିଖିଲ କାମାଥ୍‌ଙ୍କ ସହ ପଡକାଷ୍ଟରେ କାମାଥ୍‌ଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି ମୋଦୀ। ତେବେ ଏହି ଅବସରରେ ମୋଦୀ କହିଛନ୍ତି, 'ଏହା ମୋର



ପ୍ରଥମ ପଡକାଷ୍ଟ ହୋଇଥିବାରୁ ଏହା ଦର୍ଶକଙ୍କୁ କେତେ ଭଲ ଲାଗିବ ମୋତେ ଜଣାନାହିଁ।' ତେବେ ମୋଦୀଙ୍କ ଏହି ପଡ୍‌କାଷ୍ଟର ଏକ ଟ୍ରେଲରକୁ କାମାଥ୍ ନିଜ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ୨ ମିନିଟ୍ ୧୩ ସେକେଣ୍ଡର ଏହି ପଡକାଷ୍ଟର ଇଣ୍ଟରଭ୍ୟୁ ଟ୍ରେଲରରେମୋଦୀ ଅନେକ ପ୍ରଶ୍ନର ଜବାବ ଦେଇଛନ୍ତି। ଖୁବଶୀଘ୍ର ଏହି ପଡକାଷ୍ଟର ନିଖିଲ କାମାଥଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରସାରଣ ହେବ ବୋଲି ଜଣାପଡିଛି। ଏଥିରେ ମୋଦୀଙ୍କୁ ନିଖିଲ କାମାଥଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଖୋଲାଖୋଲି ଆଲୋଚନା କରୁଥିବା ଦେଖିବାକୁ ଓ ଶୁଣିବାକୁ ମିଳିବ।

ବର୍ତ୍ତମାନ ସମୟରେ ଯେଉଁ ଟ୍ରେଲରଟି ସାମ୍ନାକୁ ଆସିଛି ସେଥିରେ ମୋଦୀଙ୍କୁ ମୁଁ ମଣିଷ, ଭଗବାନ ନୁହେଁ ବୋଲି କହୁଥିବାର ଶୁଣିବାକୁ ଓ ଦେଖିବାକୁ ମିଳିଛି। ମୋଦୀ କହିଛନ୍ତି ଯେ, ମଣିଷ ମାତ୍ରକେ ଭୁଲ୍, ସେ ବି ହୁଏତ ଭୁଲ୍ କରିଥିବେ। କିନ୍ତୁ ଉଦ୍ଦେଶ୍ୟମୂଳକ ଭାବେ କିମ୍ବା ଜାଣିଶୁଣି ସେ କେବେ ବି ଭୁଲ୍ କରିବେ ନାହିଁ ବୋଲି ଶପଥ ନେଇଛନ୍ତି। ସେହିପରି ଏ ଦୁନିଆରେ କେବଳ ତାଙ୍କ ମା' ହୀରାବେନ୍ ମୋଦୀ ହିଁ ତାଙ୍କୁ 'ତୁ' ବୋଲି ସମ୍ବୋଧନ କରିଥାନ୍ତି। ବର୍ତ୍ତମାନ ସମୟରେ ତାଙ୍କୁ ତୁ' ବୋଲି କହି ସମ୍ବୋଧନ କରିବା ଭଳି ଅନ୍ୟ କେହି ନାହାନ୍ତି ବୋଲି ମଧ୍ୟ ମୋଦୀ କହୁଥିବାର ଦେଖିବାକୁ ମିଳିଛି। ଏତଦ୍‌ବ୍ୟତୀତ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ଘଟିଥିବା ଗୋଧ୍ରା ଦଙ୍ଗା ସମ୍ପର୍କରେ ମଧ୍ୟ ମୋଦୀ କିଛି କହୁଥିବାର ଦେଖିବା, ଶୁଣିବାକୁ ମିଳିଛି। ସେହିପରି ରାଜନୀତିକୁ ଆସିବାକୁ ଚାହୁଁଥିବା ଯୁବପିଢ଼ିଙ୍କୁ ପରାମର୍ଶ ଦେଇ ମୋଦୀ କହିଛନ୍ତି ଯେ, ସେମାନେ ଲକ୍ଷ୍ୟ ନେଇ ଆସିବା ଦରକାର, ଆଶା ନେଇ ନୁହେଁ। ମୋଦୀ କହିଛନ୍ତି ଯେ, 'ଏହା ମୋର ପ୍ରଥମ ପଡକାଷ୍ଟ ଜାଣି ନାହିଁ ଏହା ଦର୍ଶକଙ୍କୁ କେତେ ଭଲ ଲାଗିବ। ତେବେ କାମାଥ୍‌ଙ୍କ ଏହି ପଡ୍‌କାଷ୍ଟର ଟ୍ରେଲରକୁ କୋଟି କୋଟି ଲୋକ ଦେଖିସାରିଥିବା ବେଳେ ଏହାର ଫୁଲ୍ ଭର୍ସନ୍ ୟୁଟ୍ୟୁବ୍‌ରେ ଆସିବାକୁ ଲୋକେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

# ସଭରକରଙ୍କ ବିରୋଧୀ ବୟାନ: ରାହୁଲ ଗାନ୍ଧୀଙ୍କୁ ଜାମିନ

**ନୂଆଦିଲ୍ଲୀ, ୧୦।୧/ଏଜେନ୍ସି:** ବିନାୟକ ଦାମୋଦର ସଭରକରଙ୍କ ବିରୋଧରେ ବୟାନ୍‌ବାଜି କରିବା ଅଭିଯୋଗରେ ମାନହାନି ମାମଲାରେ ଛନ୍ଦି ହୋଇପଡିଥିବା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ବଡ ଆଶ୍ୱସ୍ତି ମିଳିଛି।



ପୁଣେର ସ୍ୱତନ୍ତ୍ର ଏମ୍‌ଏଲଏ କୋର୍ଟ ଶୁକ୍ରବାର ରାହୁଲଙ୍କ ବିରୋଧରେ ଆଗତ ମାନହାନି ମାମଲାରେ ୨୫ ହଜାର ଟଙ୍କାର ବଣ୍ଡ ଦାଖଲ ପୂର୍ବକ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ରାହୁଲଙ୍କ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ମୋହନ ଯୋଶୀ କୋର୍ଟରେ ବନ୍ଧକ ଅର୍ଥ ଦାଖଲ କରିଥିଲେ। ତେବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବ୍ରୁଆରି ୧୮ତାରିଖରେ ହେବା ନେଇ କୋର୍ଟ ତାରିଖ ଧାର୍ଯ୍ୟ କରିଛନ୍ତି। ଆଜିର ଶୁଣାଣିରେ ରାହୁଲ ଗାନ୍ଧୀ ଭିଡିଓ କନଫରେନ୍ସ ଜରିଆରେ ଯୋଗ ଦେଇଥିବା କୁହାଯାଉଛି। ପ୍ରକାଶ, ସଭରକରଙ୍କ ନାତି ରାହୁଲ ଗାନ୍ଧୀଙ୍କ ବିରୋଧରେ ପୁଣେରେ ଏକ ମାନହାନି ମାମଲା ରୁଜୁ କରିଥିଲେ। ରାହୁଲ ଗାନ୍ଧୀ ୨୦୨୩ ମାର୍ଚ୍ଚରେ ଲଣ୍ଡନରେ ସଭରକରଙ୍କ ବିରୋଧରେ ଆପତ୍ତିଜନକ ବୟାନ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ଶୁଣାଣି ଏବେ ଜାରି ରହିଛି।

## ଦିଲ୍ଲୀ ବିଧାନସଭା ନିର୍ବାଚନ

# ଜାରି ହେଲା ବିଜ୍ଞପ୍ତି, ନାମାଙ୍କନ ଆରମ୍ଭ

**ନୂଆଦିଲ୍ଲୀ, ୧୦।୧/ଏଜେନ୍ସି:** ଫେବ୍ରୁଆରୀ ୫ରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ-୨୦୨୫ ପାଇଁ ଶୁକ୍ରବାର ବିଜ୍ଞପ୍ତି ଜାରି କରାଯାଇଛି। ଏଥିସହ ଦିଲ୍ଲୀର ସମସ୍ତ ୭୦ଟି ଆସନ ପାଇଁ ନାମାଙ୍କନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ସକାଳ ୧୧ଟାରେ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରାର୍ଥୀମାନେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରିବା ଦେଖିବାକୁ ମିଳିଛି। ତେବେ ଦିଲ୍ଲୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁସାରେ ଶନିବାର ଏବଂ ରବିବାର ଛୁଟିଥିବାରୁ ନାମାଙ୍କନ ପ୍ରକ୍ରିୟା ବନ୍ଦ ରହିବ। ଏହି ଦିନ ପ୍ରାର୍ଥୀମାନେ ନାମାଙ୍କନ ପତ୍ର କିଣିପାରିବେ ନାହିଁ କିମ୍ବା ଦାଖଲ କରିପାରିବେ ନାହିଁ। ଏହାପରେ, ପ୍ରାର୍ଥୀମାନେ ଆସନ୍ତା ସପ୍ତାହ ଅର୍ଥାତ୍ ସୋମବାରରୁ ଶୁକ୍ରବାର (୧୭ ତାରିଖ)ପର୍ଯ୍ୟନ୍ତ ସେମାନଙ୍କର ନାମାଙ୍କନ ପତ୍ର କିଣିବା ସହ ପୂରଣ ଏବଂ ଦାଖଲ କରିପାରିବେ। ନିର୍ବାଚନ କମିଶନ ଦିଲ୍ଲୀର ସମସ୍ତ ୭୦ ବିଧାନସଭା ଆସନ ପାଇଁ ୭୦ ଜଣ ଆର୍‌ଓ (ରିଟର୍ଣ୍ଣିଂ ଅଫିସର) ନିଯୁକ୍ତ କରିଛନ୍ତି। ଏହାସହିତ, ପ୍ରାର୍ଥୀମାନେ ରାଜଧାନୀର ସମସ୍ତ ୧୧ଟି ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟରେ ଥିବା ସମ୍ପୃକ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ଆରଓ କାର୍ଯ୍ୟାଳୟରେ ସେମାନଙ୍କର ନାମାଙ୍କନ ଦାଖଲ କରିପାରିବେ। ତେବେ ନାମାଙ୍କନ ପତ୍ର ଦାଖଲ କରିବାକୁ କାର୍ଯ୍ୟାଳୟକୁ ଆସିବା ପାଇଁ କେତେକ କଟକଣା ମଧ୍ୟ ଲାଗୁ କରାଯାଇଛି, ଯାହାକୁ ପ୍ରାର୍ଥୀଙ୍କୁ ମାନିବାକୁ ହେବ। ଉଦାହରଣ ସ୍ୱରୁପ ନାମାଙ୍କନ ଦାଖଲ କରିବାକୁ ଯାଉଥିବା ପ୍ରାର୍ଥୀମାନେ ପାଞ୍ଚଟିରୁ ଅଧିକ ଗାଡ଼ି ସହିତ ଆରଓ ଅଫିସକୁ ଯାଇପାରିବେ ନାହିଁ। ନାମାଙ୍କନ ପାଇଁ, ସାଧାରଣ ବର୍ଗର ପ୍ରାର୍ଥୀମାନଙ୍କୁ ୧୦,୦୦୦ ଟଙ୍କା ଏବଂ ଏସ୍‌ସି/ଏସ୍‌ଟି ପ୍ରାର୍ଥୀମାନଙ୍କୁ ୫,୦୦୦ ଟଙ୍କା ସୁରକ୍ଷା ଜମା ଦେବାକୁ ପଡିବ।

ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ଜାନୁଆରୀ ୧୭ରେ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ରହିଥିବା ବେଳେ ୧୮ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ଜାନୁଆରୀ ୨୦ ଯାଏ ନାମାଙ୍କନ ପ୍ରତ୍ୟାହାର କରିବା ପାଇଁ ସୁଯୋଗ ମିଳିବ। ଭୋଟ ଗଣତି ଫେବ୍ରୁଆରୀ ୮ରେ ହେବ ଏବଂ ସନ୍ଧ୍ୟା ସୁଦ୍ଧା ନିର୍ବାଚନ ଫଳାଫଳ ପ୍ରକାଶ ପାଇବ।

## ୨୦ରେ ଆମେରିକାର ନୂଆ ରାଷ୍ଟ୍ରପତିଙ୍କ ଶପଥଗ୍ରହଣ

# ମୋଦୀଙ୍କୁ ନିମନ୍ତ୍ରଣ କରିନାହାନ୍ତି ଟ୍ରମ୍ପ୍

**ନୂଆଦିଲ୍ଲୀ, ୱାଶିଂଟନ୍, ୧୦।୧/ଏଜେନ୍ସି:** ଆମେରିକାର ନୂଆ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ଆସନ୍ତା ଜାନୁଆରୀ ୨୦ରେ ଶପଥ ନେବେ। ୨ୟ ଥର ପାଇଁ ସେ ଆମେରିକା ରାଷ୍ଟ୍ରପତି ଭାବେ ନିଜ କାର୍ଯ୍ୟକାଳ ଆରମ୍ଭ କରିବାକୁ ଯାଉଛନ୍ତି। ତେବେ ଶପଥଗ୍ରହଣ ସମାରୋହ ପାଇଁ ଟ୍ରମ୍ପ୍‌ଙ୍କ ପକ୍ଷରୁ ବିଶ୍ୱର ଅଧିକାଂଶ ନେତାଙ୍କୁ ନିମନ୍ତ୍ରଣ କରାଯାଇସାରିଛି। ଏପରିକି ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କୁ ମଧ୍ୟ ସ୍ୱତନ୍ତ୍ର ଅତିଥି ଭାବେ ଟ୍ରମ୍ପ୍ ଆମନ୍ତ୍ରିତ କରିଛନ୍ତି। କିନ୍ତୁ ସବୁଠୁ ବଡ଼ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏଯାଏ ଟ୍ରମ୍ପ୍ ନିମନ୍ତ୍ରଣ କରିନାହାନ୍ତି। ମୋଦୀଙ୍କୁ ନିଜ ବନ୍ଧୁ ଭାବେ ଅଭିହିତ କରୁଥିବା ଟ୍ରମ୍ପ୍‌ଙ୍କ ଏପ୍ରକାର ଆଭିମୁଖ୍ୟକୁ ନେଇ ଏବେ ସମଗ୍ର ବିଶ୍ୱସ୍ତରରେ ଜୋରସୋରରେ ଚର୍ଚ୍ଚା ଜୋର ଧରିଛି।



ଗତ ବର୍ଷ ସେପ୍ଟେମ୍ବରରେ, ଡୋନାଲ୍ଡ ଟ୍ରମ୍ପ ଏବଂ କମଳା ହାରିସ ଯେତେବେଳେ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଦୌଡ଼ରେ ମୁହାଁମୁହିଁ ହୋଇଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଳିତ ଜାତିସଂଘ ସାଧାରଣ ପରିଷଦରେ ଯୋଗଦେବା ପାଇଁ ନ୍ୟୁୟର୍କ ଯାଇଥିଲେ। ସେହି ସମୟରେ ଟ୍ରମ୍ପ୍ ଏକ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଟ୍ରମ୍ପ ବିଶ୍ୱାସ କରୁଥିଲେ ଯେ ମୋଦୀଙ୍କ ସହ ଏକ ଉଚ୍ଚସ୍ତରୀୟ ସାକ୍ଷାତ ତାଙ୍କର ନିର୍ବାଚନୀ ଭାବମୂର୍ତ୍ତିକୁ ସୁଦୃଢ଼ କରିବ। ମୋଦୀଙ୍କ ସହ ଏକ ସାକ୍ଷାତ ଟ୍ରମ୍ପ୍‌ଙ୍କ ସମର୍ଥକ ଏବଂ ଆମେରିକାର ସାଧାରଣ ଜନତାଙ୍କ ପାଇଁ ଏକ ବଡ଼ ବାର୍ତ୍ତା ଦେଇଥାନ୍ତା। କିନ୍ତୁ ମୋଦୀ କୌଣସି କାରଣ ବଶତଃ ମୋଦୀ, ଟ୍ରମ୍ପ୍‌ଙ୍କ ସହ ସାକ୍ଷାତ କରିପାରିନଥିଲେ। ଏହାପଛରେ ଭାରତର କୂଟନୈତିକ ରଣନୀତି ହିଁ ରହିଥିବା ସ୍ପଷ୍ଟ ଜଣାପଡିଥିଲା। ହୁଏତ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରାଥମିକତା ଦେବା ପୂର୍ବକ ମୋଦୀ ବ୍ୟକ୍ତିଗତ ଭାବେ ଟ୍ରମ୍ପ୍‌ଙ୍କ ଅନୁରୋଧ ରକ୍ଷା କରିନଥିଲେ। ତେବେ ମୋଦୀଙ୍କ ସହ ସାକ୍ଷାତ ହୋଇନପାରିବାକୁ ନେଇ ହୁଏତ ଟ୍ରମ୍ପ୍, ମୋଦୀଙ୍କ ଉପରେ ଅସନ୍ତୁଷ୍ଟ ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ମୋଟାମୋଟି ଭାବେ ଟ୍ରମ୍ପ ଶପଥ ଗ୍ରହଣ ସମାରୋହ ପାଇଁ ପ୍ରାୟତଃ ସେହି ନେତାମାନଙ୍କୁ ନିମନ୍ତ୍ରଣ କରିଛନ୍ତି ଯେଉଁମାନେ ଆଦର୍ଶଗତ ଭାବରେ ତାଙ୍କ ନିକଟତର କିମ୍ବା ଖୋଲାଖୋଲି ଭାବରେ ତାଙ୍କୁ ସମର୍ଥନ କରିଛନ୍ତି। ଅନ୍ୟପକ୍ଷେ ଭାରତର ଜଣେ କୂଟନୈତିକ ବିଶେଷଜ୍ଞ ଏହି ପ୍ରସଙ୍ଗରେ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଆମେରିକାର ଉଭୟ ଦଳ – ଡେମୋକ୍ରାଟ୍ ଏବଂ ରିପବ୍ଲିକାନ୍ – ସହିତ ସମାନ ସମ୍ପର୍କ ବଜାୟ ରଖିବା। ଭାରତ ସର୍ବଦା ନିଶ୍ଚିତ କରିଆସିଛି ଯେ ଆମେରିକା ସହିତ ଏହାର ସମ୍ପର୍କ କୌଣସି ଗୋଟିଏ ରାଜନୈତିକ ଦଳ ପର୍ଯ୍ୟନ୍ତ ସୀମିତ ନୁହେଁ।



**ଲସ୍ ଏଞ୍ଜେଲ୍ସ ନିଆଁ**

୩୨୫ କୋଟି ଟଙ୍କା ମୂଲ୍ୟର ଏକ ପ୍ୟାଲେସ୍ ଭସ୍ମୀଭୂତ। ମୃତ୍ୟୁ ସଂଖ୍ୟା ୧୦କୁ ବୃଦ୍ଧି, ୧୫୦୦ ଘର ପାଉଁଶ, ୧ ଲକ୍ଷ ଲୋକ ସ୍ଥାନାନ୍ତର।

# ଦ୍ୱିତୀୟ ଇନିଂସ ଆରମ୍ଭ କଲେ ରଘୁବର

## ସକ୍ରିୟ ରାଜନୀତିକୁ ଫେରିଲେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ

**ରାଞ୍ଚି, ୧୦।୧/ଏଜେନ୍ସି:** ଓଡ଼ିଶାର ପୂର୍ବତନ ରାଜ୍ୟପାଳ ରଘୁବର ଦାସ ଶୁକ୍ରବାର ଆନୁଷ୍ଠାନିକ ଭାବେ ସକ୍ରିୟ ରାଜନୀତିରେ ପ୍ରବେଶ କରିଛନ୍ତି। ରିପୋର୍ଟ ଅନୁସାରେ ଆଜି ରାଞ୍ଚିରେ ନିଜ ହଜାର ହଜାର ସମର୍ଥକ ଏବଂ ପ୍ରଦେଶ ବିଜେପିର ପ୍ରମୁଖ ନେତାଙ୍କ ଉପସ୍ଥିତିରେ ରଘୁବର ଦାସ ବିଜେପିରେ ସାମିଲ ହୋଇଛନ୍ତି। ଏଥିସହ ସେ ରାଜନୀତି କ୍ଷେତ୍ରରେ ନିଜ ଦ୍ୱିତୀୟ ଇନିଂସ ମଧ୍ୟ ଆରମ୍ଭ କରିଛନ୍ତି। ଏହି ଅବସରରେ ସେ ନିଜ ପ୍ରତିକ୍ରିୟା ରଖି କହିଛନ୍ତି, ବିଜେପିର ଜଣେ କର୍ମୀ ଭାବରେ ପୁଣିଥରେ ନିଜ ରାଜନୈତିକ ଇନିଂସ ଆରମ୍ଭ କରିବାର ସୁଯୋଗ ମିଳିଥିବାରୁ ସେ ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି।

ଶ୍ରୀ ଦାସ କହିଛନ୍ତି, ୧୯୮୦ ପରେ ସେ ଦ୍ୱିତୀୟ ଥର ପାଇଁ ଦଳର ସଦସ୍ୟତା ଗ୍ରହଣ କରୁଥିବାରୁ ଆଜିର ଦିନ ତାଙ୍କ ପାଇଁ ଐତିହାସିକ ଦିନ। ବର୍ତ୍ତମାନ ସମୟରେ ସେ ନିଜ ମା' କୋଳର ଛାଇ ତଳକୁ ଫେରିଆସିଥିବା ଭଳି ଅନୁଭବ କରୁଛନ୍ତି। ଯଦି ରାଜ୍ୟପାଳ ହେବା ମର୍ଯ୍ୟାଦାର ବିଷୟ, ତେବେ ବିଜେପି ଭଳି ଦଳର ସଂଗଠନର ଜଣେ କର୍ମୀ ଭାବେ କାମ କରିବା ମଧ୍ୟ ଗର୍ବର ବିଷୟ। ସେ ଜଣେ ସେବକ ଭାବରେ ଦଳରେ ଯୋଗ ଦେଇଛନ୍ତ ଏବଂ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଏହାର ସେବା କରିବେ। ଯେତେବେଳେ ତାଙ୍କୁ ରାଜ୍ୟପାଳ ଭାବେ ନିଯୁକ୍ତ କରାଗଲା ଏବଂ ସେ ଯେତେବେଳେ ୨୬ ଅକ୍ଟୋବର ୨୦୨୩ରେ ଦଳର ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡାଙ୍କୁ ନିଜ ଇସ୍ତଫାପତ୍ର ପ୍ରଦାନ କରିଥିଲେ, ସେସମୟ ତାଙ୍କ ପାଇଁ ଏକ ଅତ୍ୟନ୍ତ ଭାବପ୍ରବଣ ମୁହୂର୍ତ୍ତ ଥିଲା। ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରହିସାରିଥିବା ଶ୍ରୀ ଦାସ କହିଛନ୍ତି ଯେ, "ସମ୍ପ୍ରତି ବିଧାନସଭା ନିର୍ବାଚନର ଫଳାଫଳ ଆମ ଦଳ ପାଇଁ ଅନୁକୂଳ ହୋଇନାହିଁ, କିନ୍ତୁ ଆମକୁ ଏଥିରେ ନିରାଶ ହେବା ଉଚିତ୍ ନୁହେଁ। ନିର୍ବାଚନରେ ବିଜୟ ଏବଂ ପରାଜୟ ଅଛି। ଆମେ ଆମ ଦଳର ଚିନ୍ତାଧାରା ଏବଂ ଲକ୍ଷ୍ୟ ଅନୁସାରେ କାମ କରିବୁ।"

# ବିବିଧତାରେ ଏକତାର ବାର୍ତ୍ତା ଦେଇଥାଏ 'ହିନ୍ଦୀ': ଅଜିତ୍ ବେହୁରା

## ଏମ୍‌ସିଏଲ୍‌ରେ ବିଶ୍ୱ ହିନ୍ଦୀ ଦିବସ ପାଳିତ

**ସମ୍ବଲପୁର, ୧୦।୧/ଏଜେନ୍ସି:** ମହାନଦୀ କୋଲ୍ ଫିଲ୍ଡସ୍ (ଏମ୍‌ସିଏଲ୍)ରେ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନିର୍ଦ୍ଦେଶକ (ଅର୍ଥ) ଅଜିତ୍ କୁମାର ବେହୁରା ଅଧ୍ୟକ୍ଷତାରେ ଆୟୋଜିତ ରାଜଭାଷା ସେମିନାରରେ ପ୍ରସିଦ୍ଧ ସାହିତ୍ୟକାର ଡ. ପ୍ରେମ ଶଙ୍କର ତ୍ରିପାଠୀ, ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଏବଂ ମୁଖ୍ୟାଳୟର ବିଭିନ୍ନ ବିଭାଗର ବିଭାଗୀୟ ଅଧ୍ୟକ୍ଷ, ଅଧିକାରୀ ଏବଂ କର୍ମଚାରୀଗଣ ଉପସ୍ଥିତ ରହିଥିଲେ।




ଏହି ଅବସରରେ ନିର୍ଦ୍ଦେଶକ (ଅର୍ଥ) ଶ୍ରୀ ବେହୁରା ତାଙ୍କ ଭାଷଣରେ କହିଛନ୍ତି ଯେ, ହିନ୍ଦୀ ହେଉଛି ଏକ ଭାଷା ଯାହା କେବଳ ଭାରତରେ ନୁହେଁ ବରଂ ବିଶ୍ୱର ଅନେକ ଦେଶରେ ମଧ୍ୟ କୁହାଯାଏ ଏବଂ ସାରା ବିଶ୍ୱରେ ଭାରତୀୟ ସଂସ୍କୃତି ଓ ପରମ୍ପରାର ପତାକା ଉତ୍ତୋଳନ କରିଛି। ଏହି ଅବସରରେ ଶ୍ରୀ ବେହୁରା କହିଛନ୍ତି ଯେ, ଆମ କର୍ମକ୍ଷେତ୍ରରେ ତଥା ସମାଜରେ ହିନ୍ଦୀ ପ୍ରଚାର କରିବାରେ ସହଯୋଗ କରିବା ଆମର କର୍ତ୍ତବ୍ୟ ହେବା ଉଚିତ୍। ଅତିଥିମାନଙ୍କୁ ସ୍ୱାଗତ କରିବା ସମୟରେ ଜେନେରାଲ୍ ମ୍ୟାନେଜର (ପର୍ସନାଲ / ଅଫିସିଆଲ୍ ଭାଷା) ଶ୍ରୀ ନଳିନୀ କାନ୍ତ ମିଶ୍ର କହିଛନ୍ତି ଯେ, ଦେଶରେ ଲୋକଙ୍କୁ ଯୋଡିବା ଏବଂ ଏକତା ସୃଷ୍ଟି କରିବା ପାଇଁ ହିନ୍ଦୀ ଭାଷା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ହିନ୍ଦୀ କେବଳ ଆମ ଦେଶର ସାଂସ୍କୃତିକ ଐତିହ୍ୟ ଏବଂ ଗର୍ବର ପ୍ରତୀକ ନୁହେଁ ବରଂ ଏହା ବିଶ୍ୱରେ ଲୋକମାନଙ୍କ ଦ୍ୱାରା ପ୍ରେମ ସହିତ ଗ୍ରହଣ କରାଯାଉଛି। ସେମିନାରର ବିଶେଷ ଅତିଥି ଡକ୍ଟର ପ୍ରେମ ଶଙ୍କର ତ୍ରିପାଠୀ ତାଙ୍କ ଅଭିଭାଷଣରେ ଭାରତୀୟ ସଂସ୍କୃତି ଏବଂ ହିନ୍ଦୀର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଶ୍ୱ ହିନ୍ଦୀ ଦିବସର ଇତିହାସକୁ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ, ହିନ୍ଦୀ କେବଳ ଭାରତରେ ନୁହେଁ ଫିଲିପାଇନ୍ସ, ମରିସସ୍, ନେପାଳ, ସୁରିନାମ, ଫିଜି, ପାକିସ୍ତାନ ଏବଂ ତ୍ରିନିଦାଦ୍‌ରେ ମଧ୍ୟ କୁହାଯାଏ। ହିନ୍ଦୀ କେବଳ ଏକ ଭାଷା ନୁହେଁ ବରଂ ସମଗ୍ର ଭାରତୀୟ ସଂସ୍କୃତିର ପ୍ରତିନିଧୀ ଯେପରି ଭାରତୀୟ ସଂସ୍କୃତି ବସୁଧୈବ କୁଟୁମ୍ବକମ୍‌ଙ୍କ ବାର୍ତ୍ତା ଦେଇଥାଏ, ଯଥା ସମଗ୍ର ବିଶ୍ୱ ଗୋଟିଏ ପରିବାର, ସେହିପରି ହିନ୍ଦୀ ମଧ୍ୟ ବିଭିନ୍ନ ସଂସ୍କୃତିକୁ ଗ୍ରହଣ କରେ। ଏହି ଅବସରରେ ସେ ହିନ୍ଦୀ ସାହିତ୍ୟର ପ୍ରସିଦ୍ଧ କବି, ଦିନ୍‌କର ଏବଂ ଅନ୍ୟ କବିମାନଙ୍କର କବିତା ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସରକାରୀ ଭାଷା ବିଭାଗ ଏମ୍‌ସିଏଲ୍ ଦ୍ୱାରା ଆୟୋଜନ କରାଯାଇଥିଲା।



ଇଲା ପଣ୍ଡା

୨୬ ଅକ୍ଟୋବର ୧୯୩୨ – ୧୧ ଜାନୁଆରୀ ୨୦୦୫

ଅଭୁଲା ସ୍ମୃତି ସହ

ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବୃଜ, କେଜି, ଶୈଫାଳିକା,
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା ଇଲା, ରାଇମାନା
ଲିତିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟ ସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

imfa

ଫୋନ: +91 674 2611000 | ଇମେଲ: memoriam@imfa.in

# ବୈକୁଣ୍ଠଧାମ ସେବାଶ୍ରମ ଉଚ୍ଛେଦ ମାମଲା

## ଜବାବ ଦାଖଲ ପାଇଁ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୧୦।୧/ଏନ୍ଏନ୍ଏସ୍:** ଖଣ୍ଡଗିରିସ୍ଥିତ ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟକୁ ପ୍ରଦାନ କରାଯାଇଥିବା ଅନୁମତିପତ୍ର ଜାଲ୍ ବୋଲି ଜଣାପଡ଼ିବା ପରେ ଉଚ୍ଛେଦ ଉପରେ ଜାରି ରହିତାଦେଶକୁ ହାଇକୋର୍ଟ ଶୁକ୍ରବାର ହଟାଇ ଦେଇଛନ୍ତି। ଏଥିସହ ଆଶ୍ରମ କର୍ତ୍ତୃପକ୍ଷଙ୍କୁ ଆଗାମୀ ଫେବୃୟାରୀ ୩ ତାରିଖ ସୁଦ୍ଧା ଜବାବ ଦାଖଲ ପାଇଁ ହାଇକୋର୍ଟ ଆଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବ ଶୁଣାଣିରେ ପ୍ରଦତ୍ତ ସତ୍ୟପାଠରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଶ୍ରମକୁ କୌଣସି ଅନୁମତିପତ୍ର ଦିଆଯାଇ ନାହିଁ ବୋଲି ହାଇକୋର୍ଟ ଅବଗତ ହୋଇଥିଲେ। ହାଇକୋର୍ଟର ବିଚାରପତି ବିଭୁ ପ୍ରସାଦ ରାଉତରାୟ ମାମଲାର ଶୁଣାଣି କରି ପରବର୍ତ୍ତି ଶୁଣାଣି ନିମନ୍ତେ ଆସନ୍ତା ୩ତାରିଖକୁ ଧାର୍ଯ୍ୟ କରିଛନ୍ତି। ପ୍ରକାଶ ଯେ ହାଇକୋର୍ଟ ମାମଲାର ପୂର୍ବ ଶୁଣାଣିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦାଖଲ କରାଯାଇଥିବା ଅନୁମତିପତ୍ରର ସତ୍ୟାସତ୍ୟ ସମ୍ପର୍କରେ ସତ୍ୟପାଠ ଦେବାକୁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଥିଲେ। ତଦନୁସାରେ ରାଜ୍ୟ ସରକାର ଦେଇଥିବା ଏହି ସତ୍ୟପାଠ ଯୋଗୁଁ ଆଶ୍ରମ ପୁଣି ବିବାଦୀୟ ହୋଇପଡ଼ିଛି। ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟ ଖଣ୍ଡଗିରି ପକ୍ଷରୁ ଆଶ୍ରମ ଉଚ୍ଛେଦ ଆଦେଶ ବିରୋଧରେ ଆଗତ ମାମଲାର ଶୁଣାଣିକରି ହାଇକୋର୍ଟ ପୂର୍ବରୁ ଆଶ୍ରମ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଆଦେଶ ଦେଇଥିଲେ। ଏଥିସହିତ ଆଶ୍ରମ ଉଚ୍ଛେଦ ଆଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ମାମଲାର ପ୍ରତିପକ୍ଷମାନଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିଥିଲାବେଳେ ରାଜ୍ୟ ସରକାର ନିଜର ପକ୍ଷ ରଖି ସତ୍ୟପାଠ ଦାଖଲ କରିଥିଲେ। ସୂଚନାନୁସାରେ, ବାବା କାଶୀନାଥ ନିଜ ପୁଅକୁ କଲ୍କୀ ଅବତାର ସଜାଇ ବିବାଦକୁ ଆସିଥିଲେ ଅଭିଯୋଗ ବଢ଼ିବା ପରେ ପୁଲିସର ତନାଘନା ଭିତରେ ଆଶ୍ରମରୁ ଅନେକ ଆପତ୍ତିଜନକ ସାମଗ୍ରୀ ମିଳିଥିଲା। ଫଳରେ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଖଣ୍ଡଗିରିସ୍ଥିତ ବାବା ବୈକୁଣ୍ଠ ଧାମ ଆଶ୍ରମ ଉଚ୍ଛେଦ ପାଇଁ ବିଡିଏ ନିଷ୍ପତ୍ତି ନେଇଥିଲା। ଏହାକୁ ବିରୋଧ କରି ଆଶ୍ରମ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା।

## ପ୍ରବାସୀ ଭାରତୀୟ ସମ୍ମେଳନର ଉଦ୍‌ଯାପନୀ ସମାରୋହ

# 'ପ୍ରାଚୀନ କାଳରୁ ଓଡ଼ିଶା ଜଗତୀକରଣର କେନ୍ଦ୍ରବିନ୍ଦୁ ପାଲଟିଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୦।୧/ଏନ୍ଏନ୍ଏସ୍:** ପ୍ରାଚୀନ କାଳରୁ ଓଡ଼ିଶା ଜଗତୀକରଣର କେନ୍ଦ୍ରବିନ୍ଦୁ ପାଲଟିଛି ବୋଲି ଶୁକ୍ରବାର ପ୍ରବାସୀ ଭାରତୀୟ ସମ୍ମେଳନର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ହଜାର ହଜାର ବର୍ଷ ଧରି ଓଡ଼ିଶାରୁ ପ୍ରବାସୀ ଓଡ଼ିଆମାନେ ଶ୍ରୀଲଙ୍କା ଓ ଦକ୍ଷିଣ-ପୂର୍ବ ଏସିଆରେ ବାଣିଜ୍ୟ ବ୍ୟବସାୟ କରିଥିଲେ। କାର୍ତ୍ତିକ ମାସରେ ଓଡ଼ିଆମାନେ ବେପାର ବାଣିଜ୍ୟ ପାଇଁ ବିଦେଶ ଯାଇଥାନ୍ତି ସେଥିପାଇଁ ତ ଆମେ ପ୍ରବାସୀ ଭାରତୀୟ। ଓଡ଼ିଶାର ସଭ୍ୟତା, ସଂସ୍କୃତି ଓ ପରମ୍ପରା ଏବେ ବି ବିଶ୍ୱରେ, ବିଶେଷ କରି ସାଉଥ୍-ଇଷ୍ଟ ଏସିଆରେ ଦେଖାଯାଉଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀ ପୂର୍ବୋଦୟ ପାଇଁ ଆହ୍ୱାନ ଦେଇଛନ୍ତି। ଭାରତ ସରକାରଙ୍କ 'ଲୁକ୍ ଇଷ୍ଟ-ଆକ୍ଟ ଇଷ୍ଟ' ନୀତିରେ ଓଡ଼ିଶା କେନ୍ଦ୍ରବିନ୍ଦୁ ହୋଇଛି। ଓଡ଼ିଶାରେ ସ୍ୱାଭିମାନ ଓ ଗଣତନ୍ତ୍ରର ମୂଳ ଗଭୀରତା ରହିଛି। ଏହା ହେଉଛି ବୁଦ୍ଧଙ୍କ ଭୂମି, ଶାନ୍ତିର ଭୂମି। ସମଗ୍ର ବିଶ୍ୱରେ ବୌଦ୍ଧ ଧର୍ମର ମାର୍ଗ ଓଡ଼ିଶା ଜରିଆରେ ହିଁ ଉଭା ହୋଇଛି। ଯେତେବେଳେ ଓଡ଼ିଶାରେ କେହି ରାଜା ନଥିଲେ, ସେହି ସମୟରେ ଆମ ଓଡ଼ିଶାରେ ଗଣତନ୍ତ୍ର ଥିଲା। ଏହି ଭୂମି ପୂର୍ବୋଦୟର ଉତ୍ପତ୍ତିସ୍ଥଳୀ ହେବ। ଶ୍ରୀ ପ୍ରଧାନ କହିଛନ୍ତି, ଆଜି ଆମ ସମ୍ମୁଖରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ରହିଛି। ୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ। ୨୦୪୭ରେ ଭାରତ ସ୍ୱାଧୀନତା ପ୍ରାପ୍ତିର



ଶତବାର୍ଷିକୀ ପାଳନ କରିବ। ଏହି ସମୟରେ ଆମକୁ ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବ। ଓଡ଼ିଶାର ବିକାଶ ହେଲେ ହିଁ ଭାରତର ବିକାଶ ହେବ। ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମିକୁ ଆସିଥିବା ସମସ୍ତ ପ୍ରବାସୀଙ୍କୁ ଶ୍ରୀ ପ୍ରଧାନ ସ୍ୱାଗତ ଜଣାଇଛନ୍ତି। ରାଷ୍ଟ୍ରପତିଙ୍କଠାରୁ 'ପ୍ରବାସୀ ଭାରତୀୟ ସମ୍ମାନ' ପୁରସ୍କାରପ୍ରାପ୍ତ ପ୍ରବାସୀ ଭାରତୀୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ବିଶ୍ୱ ମାନଚିତ୍ରରେ ଓଡ଼ିଶାକୁ ଏକ ନୂଆ ପରିଚୟ ପ୍ରଦାନ କରିଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସରେ ମାର୍ଗଦର୍ଶନ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୟ ଜୟଶଙ୍କରଙ୍କୁ ଧନ୍ୟବାଦ ଦେଇଛନ୍ତି।

## ସହଦେବ ନାୟକ ହତ୍ୟା ଘଟଣା

# ବିଚାର ବିଭାଗୀୟ ତଦନ୍ତ ଦାବିକଲା ବିଜେଡି

**ଭୁବନେଶ୍ୱର,୧୦।୧/,ଏନ୍ଏନ୍ଏସ୍:** ପୁଲିସ ମିତ୍ର ଓ ସଫେଇ କର୍ମଚାରୀ ସଂଘର ସଭାପତି ସହଦେବ ନାୟକଙ୍କୁ ଦିବାଲୋକରେ ବିଭତ୍ସ ହତ୍ୟାକାଣ୍ଡ ଘଟଣାରେ ପୁଲିସର ଭୂମିକା ସନ୍ଦେହଘେରରେ ରହିଛି। ଏହି ସମ୍ବେଦନଶୀଳ ଘଟଣାର ଷଡ଼ଯନ୍ତ୍ରକାରୀଙ୍କୁ ତୁରନ୍ତ ଗିରଫ କରିବା ସହ ବିଚାର ବିଭାଗୀୟ ତଦନ୍ତ କରାଯାଉ ବୋଲି ବିଜୁ ଜନତାଦଳ ଦାବି କରିଛି।

ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ବିଜେଡିର ମୁଖପାତ୍ର ଗୌତମବୁଦ୍ଧ ଦାସ ଓ ଦଳର ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ, ଏହି ଜଘନ୍ୟ ହତ୍ୟାକାଣ୍ଡରେ ପୁଲିସ ୫ଜଣଙ୍କୁ ଗିରଫ କରି ଘଟଣାର ସମାଧାନ କରିଦେଇଛି ବୋଲି ଦାବି କରୁଛି। କିନ୍ତୁ ସମଗ୍ର ଘଟଣାରେ ପୁଲିସର ଭୂମିକା ସନ୍ଦେହଘେରରେ ରହିଛି। କେବଳ ପାଞ୍ଚ ଜଣ ଅଭିଯୁକ୍ତ ନୁହେଁ, ଏଥିରେ ସମ୍ପୃକ୍ତ ସମସ୍ତ ଷଡ଼ଯନ୍ତ୍ରକାରୀଙ୍କୁ ଧରାଯିବାର ଆବଶ୍ୟକ ରହିଛି। ଏହି ଘଟଣାରେ ନଭେମ୍ବର ମାସରେ ସହଦେବ ନାୟକ ଦେଇଥିବା ଏକ ବୟାନର ଭିଡିଓ ପ୍ରଦର୍ଶିତ କରିଥିଲେ, ଯେଉଁଥିରେ ସହଦେବ ନାୟକଙ୍କ ଘରକୁ ପୁଲିସର ଏକ ସ୍ପେସିଆଲ ସ୍କ୍ୱାଡ୍ ଯାଇ ତାଙ୍କ ଘରେ ବ୍ରାଉନସୁଗର ରଖି ତାଙ୍କୁ ଫସାଇବାକୁ ଚେଷ୍ଟା କରୁଥିଲେ। ପୁଲିସ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକ ଚମକ ଦେଇଥିଲା। ତାଙ୍କ ଘରେ ସିସିକ୍ୟାମେରା ଲାଗିଥିବା ଜାଣିବା ପରେ ପୁଲିସ ଏହି ଉଦ୍ୟମରୁ ନିବୃତ୍ତ ହୋଇଥିଲା।

ଭିଡିଓ ପ୍ରଦର୍ଶିତ ହେବା ପରେ ଶ୍ରୀ ଦାସ କହିଥିଲେ, ଜଣେ ପୁଲିସ ମିତ୍ରର ଘରେ ପଶି ତାକୁ ଧମକଚମକ ଦେବା ଓ ତା'ଘରେ ବ୍ରାଉନସୁଗର ରଖି ତାକୁ ଫସାଇବାକୁ ଉଦ୍ୟମ କରିବା କେଉଁ କାରଣ ପାଇଁ ପୁଲିସକୁ ଆବଶ୍ୟକତା ପଡ଼ିଲା ? ଦ୍ୱିତୀୟରେ ବ୍ରାଉନସୁଗର୍ ବେପାର ସମ୍ପର୍କରେ ପୁଲିସକୁ ସହାୟତା କରୁଥିବା ସହଦେବ ନାୟକକୁ ପୁଲିସ ଫସାଇବାକୁ ଉଦ୍ୟମ କରିବା ଅର୍ଥ ବ୍ରାଉନସୁଗର୍ ବେପାରୀଙ୍କୁ ସହାୟତା କରିବା ସହ ସମାନ। ପୁଲିସ ବ୍ରାଉନସୁଗର୍ ବେପାରୀଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ସହଦେବ ନାୟକକୁ ଫସାଇବାକୁ ଚେଷ୍ଟା କରୁଥିଲା ବୋଲି ସ୍ୱାଭାବିକ ଭାବେ ସନ୍ଦେହ ଉପୁଜୁଛି। ସେହିପରି ଡ. ମହାନ୍ତି କହିଥିଲେ, ପୁଲିସ ଏହି ହତ୍ୟାକାଣ୍ଡରେ ବ୍ରାଉନସୁଗର ବେପାରୀଙ୍କ ହାତ ରହିଛି ବୋଲି ସ୍ୱୀକାର କରିଛି। ଅପର ପକ୍ଷରେ, ପୁଲିସର ବ୍ରାଉନସୁଗର ବେପାରୀଙ୍କ ସହ ସମ୍ପୃକ୍ତିର ଅଭିଯୋଗ ଆସୁଛି। ସମଗ୍ର ଘଟଣାରେ ପୁଲିସର ଭୂମିକା ସନ୍ଦେହଘେରରେ ରହିଥିବାବେଳେଏହି ଘଟଣାର ତଦନ୍ତ ଦାୟିତ୍ୱ ପୁଲିସ ହାତରେ ରହିବା ସମିଚୀନ ନୁହେଁ। ତେଣୁ ବିଜୁ ଜନତାଦଳ ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରୁଛି।

### ପୁଲିସକୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ: ବିଜେପି

ସହଦେବଙ୍କ ହତ୍ୟା ସମସ୍ତଙ୍କ ପାଇଁ ଦୁଃଖଦ ଘଟଣା। ତା'ପରିବାର ପ୍ରତି ଆମର ସମବେଦନା ରହିଛି। ଖୁଣ୍ଟ ପରି ତା' ପରିବାର ସହ ରହିଛୁ। ଦୀର୍ଘ ତିନିଦିନ ହେବ ତାଙ୍କ ପରିବାର ସହ ଆମ ନେତା ଯୋଗାଯୋଗରେ ରହିଛନ୍ତି। ପୁଲିସ ତା' ପରିବାର ଓ ତାଙ୍କ ସହ ଜଡ଼ିତ ଥିବା ବ୍ୟକ୍ତିଙ୍କ ଦାବି ନେଇ ଆକ୍ସନ୍ ନେଇଛି। ଦୋଷୀଙ୍କୁ ଧରିବା ପାଇଁ ମୁଖ୍ୟମନ୍ତ୍ରୀ ପୁଲିସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ୧୨ଘଣ୍ଟା ମଧ୍ୟରେ ୫ ଜଣକୁ ଗିରଫ କରି ତଦନ୍ତ ଚଳାଇଛି। ଘଟଣାରେ ଯେତେ ବଡ଼ ବ୍ୟକ୍ତି ଥିବେ ତାକୁ ଧରାଯିବ। ସହଦେବଙ୍କ ହତ୍ୟା ଘଟଣାକୁ ନେଇ ଭୁବନେଶ୍ୱରରେ ଏକାମ୍ର ବିଧାୟକ ତଥା ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ସଭାପତି ବାବୁ ସିଂ ବିଜେଡିର ଅଭିଯୋଗର ଜବାବ ଦେଇଛନ୍ତି। ଶୁକ୍ରବାର ବିଧାୟକ ଶ୍ରୀ ସିଂ କହିଛନ୍ତି, ଲୋକଙ୍କ ସରକାର ବିଜେପି ସରକାର। ଯିଏ ଅପରାଧ କରିବେ ତାଙ୍କୁ ଦଣ୍ଡ ସୁନିଶ୍ଚିତ। ସହଦେବଙ୍କ ପତ୍ନୀଙ୍କ ଶିକ୍ଷାଗତ ଯୋଗ୍ୟତା ହିସାବରେ ଆଗାମୀ ଦିନରେ ନିଯୁକ୍ତିଦେବା ପାଇଁ ଆମେ ସେ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛୁ। ଆଜି ମଧ୍ୟ ମୁଁ ମୁଖ୍ୟମନ୍ତ୍ରୀଙ୍କ ସହ ଘଟଣାକୁ ନେଇ କଥା ହୋଇଛି। ତାଙ୍କ ପରିବାରଙ୍କ ସହ ମୁଖ୍ୟମନ୍ତ୍ରୀ ରହିଛନ୍ତି। ପ୍ରବାସୀ ଭାରତୀୟ ସମ୍ମିଳନୀ ଶେଷ ପରେ ମୁଖ୍ୟମନ୍ତ୍ରୀ ସହଦେବଙ୍କ ପରିବାରକୁ ଭେଟିବେ। ଓଡ଼ିଶାରେ ଆମ ସରକାର ଆସିବା ପରେ ବଡ଼ବଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଶର ନେତୃତ୍ୱ ଆମ ରାଜ୍ୟକୁ ଆସୁଛନ୍ତି ତାଙ୍କୁ ଆତିଥ୍ୟ ଦେବା ଆମ ଦାୟିତ୍ୱ। ଦୋଷୀକୁ ଦଣ୍ଡ ଦେବା ପାଇଁ ପ୍ରକ୍ରିୟା ଚାଲିଥିବାବେଳେ ରାଜନୈତିକ ରୁଟି ସେକିବା ପାଇଁ ଚାହୁଁଛି ବିଜେଡି। ଡବଲ୍ ଷ୍ଟାଣ୍ଡ କଥା କହୁଛି ବିଜେଡି। ଏପରି କରିବା କଥା ନୁହେଁ ବୋଲି ବିଧାୟକ ପ୍ରକାଶ କରିଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ମଧ୍ୟ ଭୁବନେଶ୍ୱର ବିଜେପି ନେତା ଜଗନ୍ନାଥ ପ୍ରଧାନ ଓ ଉତ୍ତର ଭୁବନେଶ୍ୱର ବିଜେପି ନେତା ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଉପସ୍ଥିତ ଥିଲେ।

# କିମ୍ସରେ ପ୍ରଥମ ଅସ୍ଥି ମଜ୍ଜା ସଫଳ ପ୍ରତିରୋପଣ

## କର୍କଟ ଚିକିତ୍ସା କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ



**ଭୁବନେଶ୍ୱର,୧୦।୧/ଏନ୍ଏନ୍ଏସ୍:** କିମ୍ସରେ ପ୍ରଥରଥର ଲାଗି ସଫଳ ଅସ୍ଥିମଜ୍ଜା ପ୍ରତିରୋପଣ (ବିଏମ୍‌ଟି) କରି ଓଡ଼ିଶାର ଉନ୍ନତ କର୍କଟ ଚିକିତ୍ସାରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ନୟାଗଡ଼ ଜିଲ୍ଲାରୁ କିମସରେ ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀଙ୍କଠାରେ ସଫଳତାର ସହ ଅସ୍ଥି ମଜ୍ଜା ପ୍ରତିରୋପଣ କରାଯାଇଛି। ରୋଗୀ ଜଣକ ଏକାଧିକ ପ୍ରକାରର ମାଇଲୋମା ଭଳି ଏକ ପ୍ରକାର ରକ୍ତକର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ପ୍ରତିରୋପଣ ପରେ ରୋଗୀ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି। କିମ୍ସର ବିଶେଷଜ୍ଞ ଡା ବିଶ୍ୱଜିତ୍ ଭୂୟାଁଙ୍କ ନେତୃତ୍ୱରେ ପେଡିଆଟ୍ରିକ୍ ହେମାଟୋ-ଅଙ୍କୋଲୋଜିଷ୍ଟ ଅଟୋଲୋଗୋସ୍ ଫୋନ୍ ମାରୋ ଟ୍ରାନ୍ସପ୍ଲାଣ୍ଟେସନ୍ ପ୍ରକ୍ରିୟାରେ ଏହି ପ୍ରତିରୋପଣ କରାଯାଇଥିଲା। ଏଥିରେ ରୋଗୀଙ୍କଠାରୁ ଷ୍ଟେମ୍ ସେଲ୍ ସଂଗ୍ରହ କରାଯାଇ ସଂରକ୍ଷଣ କରାଯାଏ। ପରେ ଇନଟେନସିଭ୍ କେମୋଥେରାପି କରାଯାଇ ଷ୍ଟେମ୍ ସେଲ୍‌କୁ ପ୍ରତିସ୍ଥାପନ କରାଯାଇଥାଏ। ରୋଗୀ ପ୍ରାୟ ୬ ମାସ ପୂର୍ବରୁ କିମ୍ସ ଆସି ଡା ଭୂୟାଁଙ୍କ ସହ ପରାମର୍ଶ କରିଥିଲେ। ଅସ୍ଥି ଯନ୍ତ୍ରଣା ଯୋଗୁଁ ଚାଲବୁଲ କରିବାରେ ସେ ବହୁ କଷ୍ଟ ଭୋଗୁଥିଲେ। କିମ୍ସରେ ବିଭିନ୍ନ ପରୀକ୍ଷା ପରେ ତାଙ୍କଠାରେ ଏକାଧିକ ମାଇଲୋମା ଥିବା ଚିହ୍ନଟ ହୋଇଥିଲା। କେମୋଥେରାପି କରାଯାଇଥିଲେ ମଧ୍ୟ ଏହା ଏକ ନିର୍ଦ୍ଦିଷ୍ଟ ସମାଧାନ ନୁହେଁ ବୋଲି ଡା. ଭୂୟାଁ କହିଛନ୍ତି। ତେବେ ୬୦ ପ୍ରତିଶତରୁ ଅଧିକ ରୋଗୀଙ୍କ ପାଇଁ ଅସ୍ଥି ମଜ୍ଜା ପ୍ରତିରୋପଣ ପ୍ରାୟତଃ ସର୍ବୋତ୍ତମ ଚିକିତ୍ସା ସାବ୍ୟସ୍ତ ହେଲାଣି। ସେହିପରି ସଠିକ୍ ନିରାକରଣ ନହେବା ପର୍ଯ୍ୟନ୍ତ ରୋଗୀ ପ୍ରଥମେ ଆର୍ଥ୍ରାଇଟିସ୍ ପାଇଁ ଚିକିତ୍ସିତ ହେଉଥିଲେ ବୋଲି କିମ୍ସର ଅନ୍ୟତମ ଡାକ୍ତର ପାଲାଶ ଦାସ ସୂଚନାଦେବା ସହ କିମସ୍ ଖୁବ୍ ଶୀଘ୍ର ଆଲୋଜେନିକ୍ ଅସ୍ଥି ମଜ୍ଜା ପ୍ରତିରୋପଣ ଏବଂ ହାପ୍ଲୋଏଣ୍ଟେଟିକାଲ୍ (ହାପ୍ଲୋ) ଟ୍ରାନ୍ସପ୍ଲାଣ୍ଟେସନ୍ ପ୍ରବର୍ତ୍ତନ କରି ଏହାର ଅସ୍ଥି ମଜ୍ଜା ପ୍ରତିରୋପଣ ସେବାକୁ ବିସ୍ତାର କରିବାକୁ ଯୋଜନା କରିଛି ବୋଲି କହିଛନ୍ତି। ଅସ୍ଥି ମଜ୍ଜା ସଫଳ ପ୍ରତିରୋପଣ ପାଇଁ ଡାକ୍ତର ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଧନ୍ୟବାଦ ଜଣାଇଥିଲେ।

# 'ବିଶାଳ ଦାସ ଓ ଅନ୍ୟ ସମସ୍ତ ଅଟକଙ୍କୁ ତୁରନ୍ତ ଛାଡ଼'

**ଭୁବନେଶ୍ୱର,୧୦।୧/ଏନ୍ଏନ୍ଏସ୍:** ଛତିଶଗଡ଼ର ମହାସମୁଦ ଜିଲ୍ଲାର ସରେଇପାଲି ଥାନାରେ କିର୍ମିରା ବ୍ଲକ୍‌ର ସରପଞ୍ଚ ଓ ସମିତି ସଭ୍ୟଙ୍କ ସହ ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ପୁଅ ବିଶାଳ ଦାସଙ୍କୁ ଅଟକ ରଖାଯାଇଛି। ସେମାନଙ୍କୁ ତୁରନ୍ତ ଛଡ଼ାଯାଉ। ଶୁକ୍ରବାର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କୁ ଏହି ମର୍ମରେ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସେ ଚିଠିରେ ଦର୍ଶାଇଛନ୍ତି, ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ପୁଅ ବିଶାଳ ଦାସ ଓ ଅନ୍ୟ ଅଟକଙ୍କୁ ତୁରନ୍ତ ଛାଡ଼ିବା ସହ ଓଡ଼ିଶା ଆସିବା ପର୍ଯ୍ୟନ୍ତ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଜରୁରୀ। ନହେଲେ ବିପଦରେ ସେମାନେ ସମ୍ମୁଖୀନ ହୋଇପାରନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ସକାଳେ ଝାରସୁଗୁଡ଼ା ଜିଲ୍ଲା କିର୍ମିରାରେ ସେମାନେ ଅନସ୍ଥା ପ୍ରସ୍ତାବରେ ଭାଗନେବାର ଥିଲା। ହେଲେ ମଧ୍ୟରାତ୍ରିରୁ ସେମାନେ ଅଟକ ଥିବାରୁ ଅନାସ୍ଥା ପ୍ରସ୍ତାବରେ ଭାଗନେଇ ପାରିଲେନି। ଅଟକମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ପୁଅ ବିଶାଳ ଦାସ ସାମିଲ ଅଛନ୍ତି।

# ଓପିଜିସି ଦ୍ୱାରା ପଣ୍ଡରୀ ପଞ୍ଚାୟତଠାରେ ସ୍ୱାସ୍ଥ୍ୟ ଶିବିର

**ଇବ୍ ଥର୍ମାଲ,୧୦।୧/ଏନ୍ଏନ୍ଏସ୍:** ଓଡ଼ିଶା ପାୱାର୍ ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍ ତରଫରୁ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ ପଣ୍ଡରୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ପଣ୍ଡରୀ ସରପଞ୍ଚ ସୁଭାଷିନୀ ସାହୁ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ଇବ୍‌ଥର୍ମାଲ ଚିକିତ୍ସାଳୟର ଡାକ୍ତର ଗୋବର୍ଦ୍ଧନ ଲାଲ ଟେବ୍ରିବଲଙ୍କ ସହିତ ଝାରସୁଗୁଡାରୁ ଆମନ୍ତ୍ରିତ ଶିଶୁରୋଗ ବିଶେଷଜ୍ଞ ଡା ବୈକୁଣ୍ଠନାଥ କଶ୍ୟପ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଦେବୀ ପ୍ରସାଦ ନନ୍ଦ ଓ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡା. ବର୍ଷା ଗୁପ୍ତା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିର ସକାଳ ୧୦ଟାରୁ ଆରମ୍ଭ ହୋଇ ଦିନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ପଣ୍ଡରୀ, ପେଟଓକଟା, ଗାଦିକଣ୍ଟା, ବେଙ୍କମୁରା, ବଲଣ୍ଡଓ, ଗିଦ୍ଧଓ ଏବଂ ଅଇଁଲାଝରନ ଇତ୍ୟାଦି ଗ୍ରାମର ୨୮୯ ରୋଗୀଙ୍କୁ ରକ୍ତଚାପ, ମଧୁମେହ, ରକ୍ତହୀନତା, ଶାରୀରିକ ଦୁର୍ବଳତା, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଶ୍ୱାସନଳୀ ସଂକ୍ରମଣ, ଚର୍ମରୋଗ, ଚକ୍ଷୁ ସଂକ୍ରମଣ, ଗ୍ୟାସ୍ଟ୍ରିକ, ପେଟବ୍ୟଥା ଏବଂ ବିଭିନ୍ନ ସ୍ତ୍ରୀ ରୋଗର ପରୀକ୍ଷା କରାଯାଇ ଔଷଧ ଓ ଡାକ୍ତରୀ ଉପଦେଶ ପ୍ରଦାନ କରାଯାଇଥିଲା। ଓପିଜିସିର ସିଏସ୍ଆର୍ ବିଭାଗ ଦ୍ୱାରା ପରିଚାଳିତ ଏହି ଶିବିରରେ ବିଭାଗର ହିମାଂଶୁ ଭୂଷଣ ବେହେରା, ରାଜେନ୍ଦ୍ର ସା, ତାପସ ପଣ୍ଡା, ରମିୟନ ଛତ୍ରିଆ, ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଇବଥର୍ମାଲ୍ ଚିକିତ୍ସାଳୟର ପ୍ରଭାତ ବାରିକ, ସୁଜାତା ନାୟକ, ତୃପ୍ତିମୟୀ ପଟେଲ, ସନ୍ଧ୍ୟାରାଣୀ କିସାନ, ଅଭିମନ୍ୟୁ ଭୋଇ, ଦିଲ୍ଲୀପ ଦୀପ, କୁଞ୍ଜବିହାରୀ ବେହେରା ଏବଂ କର୍ଣ୍ଣ ବାଗ ଇତ୍ୟାଦି ସହଯୋଗ କରିଥିଲେ।




# ସିପେଟ୍: ଆଇପିଟିରେ 'କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ ଶିଳ୍ପ ସୁରକ୍ଷା' ଶିକ୍ଷଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୦।୧/ଏନ୍ଏନ୍ଏସ୍:** ଭାରତ ସରକାରଙ୍କର ସାର ଓ ରାସାୟନ ମନ୍ତ୍ରାଳୟ ଅନ୍ତର୍ଗତ କେମିକାଲ୍ସ ଏବଂ ପେଟ୍ରୋକେମିକାଲଲ୍ସ ବିଭାଗ ପକ୍ଷରୁ ଶିଳ୍ପ ଏବଂ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ସୁରକ୍ଷାସ୍ତରକୁ ଶକ୍ତିଶାଳୀ କରିବା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହା ବିକଶିତ ଭାରତ-୨୦୪୭ ସଂକଳ୍ପର ୧୦୦ ଦିନିଆ କାର୍ଯ୍ୟ ଯୋଜନାର ଏକ ଅଂଶ। କେମିକାଲ୍ସ ଏବଂ ପେଟ୍ରୋ କେମିକାଲ୍ସ ଶିଳ୍ପ ଦେଶର ଆର୍ଥିକ ବୃଦ୍ଧିରେ ଅତି ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ମାତ୍ର ଏହି କ୍ଷେତ୍ର, ବିଶେଷକରି ଯେଉଁଠାରେ ଜଟିଳ ଦ୍ରବ୍ୟ ବ୍ୟବହାର କରାଯାଉଛି, ସେଠାରେ ସ୍ୱଭାବିକ ଭାବରେ କିଛି ସଂକଟ ସୃଷ୍ଟିହେବାର ସମ୍ଭାବନା ରହିଥାଏ। ମାନବ ଜୀବନ ଓ ପରିସର ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଶକ୍ତିଶାଳୀ ସୁରକ୍ଷା ପ୍ରୋଟୋକଲ୍ ଏବଂ ଭଲ ପ୍ରଶିକ୍ଷିତ ପ୍ରଶାସନିକ ବ୍ୟକ୍ତି ବର୍ଗ ଅତି ଆବଶ୍ୟକ। ଭାରତ ସରକାରଙ୍କ କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ ବିଭାଗ ଏମ୍ଏଏଚ୍ (ମେଜର୍ ଆକ୍ସିଡେଣ୍ଟ ହାଜାର୍ଡ) ପ୍ରବଣ ୟୁନିଟ୍ସରେ କାମ କରୁଥିବା ପ୍ରଫେସନାଲଙ୍କ କ୍ଷମତା ବୃଦ୍ଧି ପାଇଁ ପ୍ରତିବଦ୍ଧ ଅଛି। ଏହି କ୍ଷେତ୍ରରେ ସୁରକ୍ଷା ଏବଂ ଝୁଟ ସମ୍ଭାଲ ପ୍ରତିକ୍ରିୟା ପ୍ରବନ୍ଧନକୁ ବଳଦେବା ନିମିତ୍ତେ ଦୁଇଦିନିଆ ଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି। ଏହି କାର୍ଯ୍ୟକ୍ରମ ୨,୩୯୩ ମେଜର୍ ଆକସିଡେଣ୍ଟ୍‌ହାଜାର୍ଡ (ଗଇଏ) ୟୁନିଟ୍ସରେ ପ୍ରାପ୍ତ କରାଯିବାକୁ ୪୮ ଟି ସେସନ୍ସ ବ୍ୟାପି କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କେବଳ ପ୍ରଯୁକ୍ତିକ ବିଦ୍ୟା ନୁହେଁ, ଏହାସହିତ ସୁରକ୍ଷା, ସଂସ୍କୃତିକୁ ପ୍ରଚାର କରିବା ଯାହା ସୁରକ୍ଷା ପ୍ରୋଟୋକଲ୍‌ଗୁଡିକୁ ପ୍ରତିଚଳାଚଳରେ ଏବଂ ପ୍ରତିଯୋଜନାରେ ସାମିଲ କରିବାରେ ସାହାଯ୍ୟ କରିବାକୁ ଲକ୍ଷ୍ୟ ରହିଛି।



ଏହି କାର୍ଯ୍ୟକ୍ରମର ତୃତୀୟ ସେସନ୍ ୧୦-୧୧ ଜାନୁଆରୀରେ ସିପେଟ୍: ଆଇପିଟି, ଭୁବନେଶ୍ୱରରେ ଆୟୋଜିତ ହେଉଛି। ପ୍ର. ଡ. ଶିଶିର ସିହ୍ନା, ଡାଇରେକ୍ଟର୍ ଜେନେରାଲ୍, ସିପେଟ୍ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସମୟରେ ସୁରକ୍ଷା ମାପଗୁଡ଼ିକର ଗୁରୁତ୍ୱ ବିଷୟରେ ଆଲୋକପାତ କରିବା ସହିତ ସମସ୍ତ ସଭାଗତ ଅତିଥିଗଣଙ୍କୁ ସକ୍ରିୟ ଭାଗନେବାକୁ ଉତ୍ସାହିତ କରିଥିଲେ। ପି.କେ. ସାହୁ, ପ୍ରିନ୍ସିପାଲ୍ ଡାଇରେକ୍ଟର, ସିପେଟ୍: ଆଇପିଟି, ଡା. ସ୍ମିତା ମହାନ୍ତୀ ସିନିୟର୍ ପ୍ରିନ୍ସିପାଲ୍ ବୈଜ୍ଞାନିକ ସିପେଟ୍:ଏସ୍ଏଆର୍‌ପି-ଏଲ୍ଏଆରପିଏମ୍, ଭଞ୍ଜ ପ୍ରସାଦ ପାତ୍ର ଡାଇରେକ୍ଟର ଏବଂ ହେଡ୍, ସିପେଟ୍: ସିଏସ୍‌ଟିଏସ୍(ଭୁବନେଶ୍ୱର) ପାରିତୋଷ ଦିଓ୍ୱାସାଳି, ଡାଇରେକ୍ଟର ଏବଂ ହେଡ୍,ସିପେଟ୍: ଆଇପିଟି(ଅହମଦାବାଦ), ଡା. ଅଶ୍ୱିନୀ କୁମାର ମହାପାତ୍ର, ଡାଇରେକ୍ଟର(ଏଏସ୍ଆଇ) ସିପେଟ୍ ମୁଖ୍ୟ କାର୍ଯ୍ୟାଳୟ( ଚେନ୍ନାଇ) ଏବଂ ବିଜୟ କୁମାର ମହାରଣା, କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ ବିଭାଗ(ଡିସପିସି) ଅଂଶଗ୍ରହଣ କରିଥିଲେ। ୧୦୩ଜଣ ପ୍ରତିନିଧି ୭୬ କେମିକାଲ୍ସ ଶିଳ୍ପରୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲା ବେଳେ ଆୟୋଜିତ କାର୍ଯ୍ୟକ୍ରମରେ ୧୩ ଟି ଟେକ୍ନିକାଲ୍ ସେସନ୍ ଆୟୋଜିତ ହୋଇଛି। ଯେଉଁଥିରେ ସିପେଟ୍ ଆଇଆଇଟି, ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି, ଆଇଓସିଏଲ୍, ପିପିଏଲ୍, ଇଫ୍‌କୋ, ଏଫ୍ଆଇ, ଏମ୍ଏସ୍ଏମ୍ଇ, ଏସ୍‌ପିସିବି ଏବଂ ଅନ୍ୟାନ୍ୟ ପ୍ରମୁଖ ଶିଳ୍ପ ନିପୁଣ ଅନ୍ତର୍ଗତ ଜ୍ଞାନ ଆଦାନ ପ୍ରଦାନ କରିଛନ୍ତି। ଏହି ଉଦ୍ୟମ ଭାରତ ସରକାରଙ୍କ କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ସୁରକ୍ଷା, ସ୍ଥିରତା ଏବଂ ଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରେ।

# ପ୍ର. ସୁକାନ୍ତ ସେନାପତି ସମ୍ବର୍ଦ୍ଧିତ

**ପୁରୀ,୧୦।୧/ଏନ୍ଏନ୍ଏସ୍ :** ସଂସ୍କୃତ ଭାଷା ଓ ଶ୍ରୀଜଗନ୍ନାଥ ସଂସ୍କୃତିକୁ କେବଳ ଭାରତବର୍ଷ ନୁହେଁ, ସୁଦୂର ଅଷ୍ଟ୍ରେଲିଆ ମାଟିରେ ପ୍ରଚାର ପ୍ରସାର କରି ଭାରତବର୍ଷର ସୁନାମ ଆଣିଥିବାରୁ ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁକାନ୍ତ କୁମାର ସେନାପତିଙ୍କୁ ନିର୍ମାଲ୍ୟ, ଓଡ଼ିଶା ଯୁବ ଚେତନା ସଂଗଠନ, ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓ ଭକ୍ତି ନିର୍ମାଲ୍ୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବଡ଼ଦାଣ୍ଡର ଅର୍ଦ୍ଧାଶିନୀ ମାଉସୀ ମା'ଙ୍କ ମନ୍ଦିର ପରିସରରେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ପୁରୀର ନିର୍ଦ୍ଦେଶକ ପ୍ର. ବନମାଳୀ ବିଶ୍ୱାଳ, ପ୍ର. ସୁଶାନ୍ତ କୁମାର ରାଜ୍, ରଘୁନାଥ ସାହୁ, ସେବାୟତ ବିଶ୍ୱନାଥ ସାମନ୍ତରା ଓ ଅନନ୍ତ ତିଆଡ଼ି, ରାଜେଶ ମହାନ୍ତି, ଶମ୍ଭୁନାଥ ମହାଳିକ, ଡା. ହରିବଲ୍ଲଭ ମହାପାତ୍ର ଓ ଦେବେନ୍ଦ୍ର ନନ୍ଦ ପ୍ରମୁଖ ପ୍ରଫେସର ସେନାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## କଲ୍ୟାଣୀ ସଂଘମିତ୍ରା ବିଏମ୍‌ସିର ଡେପୁଟି କମିଶନର



**ବ୍ରହ୍ମପୁର,୧୦।୧/ଏନ୍‌ଏନ୍‌ଏସ୍:** ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର ଭାବେ କଲ୍ୟାଣୀ ସଂଘମିତ୍ରାଙ୍କୁ ରାଜ୍ୟ ସରକାର ଅବସ୍ଥାପିତ କରିଛନ୍ତି । ପୂର୍ବରୁ କଲ୍ୟାଣି ସଂଘମିତ୍ରା କୁକୁଡାଖଣ୍ଡି ତହସିଲଦାର ଭାବେ କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେ ବର୍ତ୍ତମାନ ରାୟଗଡ଼ା ଉପଜିଲାପାଳ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର ଭାବେ ବଦଳି କରାଯାଇଥିବା ଜଣାପଡିଛି।

## ବୁରୁପଡା ସେବା ସମବାୟ ସମିତିରେ ଖୋଲିଲା ଧାନ ମଣ୍ଡି

**ହିଞ୍ଜିଳିକାଟୁ,୧୦।୧/ଏନ୍‌ଏନ୍‌ଏସ୍:** ସାରା ରାଜ୍ୟରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଧାନ ମଣ୍ଡି ଖୋଲିବା ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ଆଜି ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ବୁରୁପଡା ଗ୍ରାମରେ ସେବା ସମବାୟ ସମିତି ଆନୁକୂଲ୍ୟରେ ଚଳିତ ବର୍ଷ ପାଇଁ ଧାନ ମଣ୍ଡି ଉଦଘାଟିତ ହୋଇଛି। ସେବା ସମବାୟ ସମିତିର ସଭାପତି ଦୁଷ୍ମନ୍ତ କୁମାର ସାହୁ ଆୟୋଜତି ମଣ୍ଡି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରୁଣ ପ୍ରଧାନ, ପଞ୍ଚାୟତ କାର୍ଯ୍ୟ ନିର୍ବାହି ଅଧିକାରୀ ସୁଶାନ୍ତ କୁମାର ପଟ୍ଟନାୟକ, ରାଜସ୍ୱ ନିରକ୍ଷକ ଅଧିକାରୀ ସୁବ୍ରତ ମହାପାତ୍ର, ନାଏବ ସରପଞ୍ଚ ରଞ୍ଜନ ସ୍ୱାଇଁ, ପୂର୍ବତନ ସରପଞ୍ଚ ବିଳାସିନୀ ପାଢୀ, ପୂର୍ବତନ ସମବାୟ ସମିତି ସମ୍ପାଦକ ସୀମାଞ୍ଚଳ ପୋଲାଇ, ବୁରୁପଡା ସେବା ସମବାୟ ସମିତିର ସମ୍ପାଦକ ସଞ୍ଜୟ କୁମାର ପୋଲାଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଦିନିଆ ବର୍ଷା ଯୋଗୁଁ ଚାଷୀମାନଙ୍କ ଧାନ ଫସଲ ନଷ୍ଟ ହୋଇଥିବା ବେଳେ ଅମଳ ନ ହୋଇ ଧାନ ବିଲରେ ପଡ଼ି ରହିଛି। ଏଣୁ ସରକାର ଏଫଏକ୍ୟୁ ମାନରେ କୋହଳ କରି ଚାଷୀଙ୍କ ଧାନ ବିକ୍ରି ପ୍ରକ୍ରିୟା ସରଳିକରଣ କରିବା ପାଇଁ ଏକ ଚିଠା ପ୍ରସ୍ତୁତ କରି ଜିଲ୍ଲାପାଳ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ବାଲିଗୁଡା, ୧୦।୧/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଉତ୍ସବ ପାଳନ କମିଟି ପକ୍ଷରୁ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ତହସିଲଦାର ଦିପ୍ତି ପ୍ରକାଶ ବେହେରା ଙ୍କ ଅଧ୍ୟକ୍ଷତାରେଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲିଗୁଡା ବିଡ଼ିଓ ଅକ୍ଷୟ କୁମାର ମଲ୍ଲିକ, ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ, ରେଞ୍ଜର ଅତୁଲ୍ୟ କୁମାର ମହାନ୍ତି, ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀଙ୍କ ସମେତ ସମସ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର ଅଧିକାରୀ, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ ଓ ଉପଖଣ୍ଡ ଲୋକ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧୀରଜ ପାତ୍ର ପରିଚାଳନା କରିଥିଲେ ଓ ପୂର୍ବ ବର୍ଷର ବିବରଣୀ ପାଠ କରାଯାଇ ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସ ଶାନ୍ତି ଶୃଙ୍ଖଳା ରେ ଯେପରି ପାଳନ ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା । ଉପଖଣ୍ଡସ୍ତରୀୟ ସାଧରଣତନ୍ତ୍ର ପରେଡରେ ୩୪ଟି ଦଳ ଅଂଶଗ୍ରହଣ କରିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି । କାର୍ଯ୍ୟକ୍ରମକୁ ଉତ୍ସବ ପାଳନ କମିଟି ସହ ସମ୍ପାଦକ ତୀର୍ଥବାସୀ ଘଡେଇ, ସୂଚନା ଓ ଲୋକ ସମ୍ପର୍କ କର୍ମଚାରୀ ଅଭିମନ୍ୟୁ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## ବ୍ରହ୍ମପୁରରୁ ୩ଟି ରୁଟ୍‌ରେ ଗଡିବ ନୂଆ ସୁପର ଭଲବୋ ବସ୍

**ବ୍ରହ୍ମପୁର,୧୦।୧/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଆଜି ରାଜ୍ୟର ବିଭିନ୍ନ ଅଞ୍ଚଳରେ ବସ୍ ସେବାରେ ଯାତ୍ରୀଙ୍କୁ ଅଧିକ ସୁବିଧା ଯୋଗାଇବା ନିମନ୍ତେ ୯ଗୋଟି ସୁପର ଭଲବୋ ବସ୍‌ର ସେବା ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁରରୁ ଭୁବନେଶ୍ୱର, ବ୍ରହ୍ମପୁରରୁ ରାଉରକେଲା ଏବଂ ଭୈରବୀରୁ ପୁରୀ ପର୍ଯ୍ୟନ୍ତ ୩ଗୋଟି ନୂତନ ଭଲବୋ ବସ୍‌ର ଶୁଭାରମ୍ଭ ହୋଇଛି । ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଭାସି ମାଧ୍ୟମରେ ଏହି ବସ୍ ସେବାର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ଓଏସ୍‌ଆରଟିସି କାର୍ଯ୍ୟାଳୟଠାରେ ଆୟୋଜିତ ଉଦ୍‌ଘାଟନି ଉତ୍ସବରେ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ଜିଲ୍ଲା ପରିବହନ ମ୍ୟାନେଜର ଶାନ୍ତନୁ ମିଶ୍ର,ମହନ୍ତ ଚିନ୍ମୟା ନନ୍ଦ ମହାରାଜ ପ୍ରମୁଖ ଯୋଗଦେଇ ବସ୍ ସେବାର ଶୁଭାରମ୍ଭ ଉତ୍ସବରେ ଯୋଗଦେଇଥିଲେ । ଏହି ଭଲବୋ ବସ୍‌ରେ ୫୧ ଜଣ ଯାତ୍ରୀ ବସିବା ନିମନ୍ତେ ସିଟ୍ ରହିଛି । ଏହା ସହିତ ଶୀତତାପ ନିୟନ୍ତ୍ରିତ ଏବଂ ଅତ୍ୟାଧୁନିକ ବ୍ୟବସ୍ଥା ମଧ୍ୟ ବସ୍‌ରେ ଉପଲବ୍ଧ ରହିଛି । ଏହି ବସ୍ ସେବା ଯାତ୍ରୀମାନଙ୍କୁ ଗନ୍ତବ୍ୟ ସ୍ଥଳକୁ କମ୍ ସମୟରେ ପହଞ୍ଚାଇ ପାରିବ । ଏହି ବସ୍ ସେବା ଦ୍ୱାରା ଗଞ୍ଜାମ ଜିଲ୍ଲାର ବହୁ ଜନସାଧାରଣ ଉପକୃତ ହେବେ ବୋଲି ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି । ଆଗକୁ ଆହୁରି ବିଭିନ୍ନ ଅଞ୍ଚଳକୁ ଏଭଳି ବସ୍ ସେବା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।




## ରାସ୍ତାକଡ଼ ମାଛ ବେପାରୀଙ୍କୁ ହଟାଇଲା ଏନ୍‌ଏସି ପ୍ରଶାସନ

**ବୁଗୁଡ଼ା,୧୦।୧/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ମଦନ ମୋହନ ଛକ ନିକଟସ୍ଥ ବିରଞ୍ଚି ନାରାୟଣ ମାର୍କେଟ କମ୍ପ୍ଲେକ୍ସ-୧ ସମ୍ମୁଖ ରାସ୍ତା କଡରେ ଦୀର୍ଘ ଦିନ ଧରି ବସି ଆସୁଥିବା ମାଛ ବେପାରୀଙ୍କୁ ଆଜି ପ୍ରଶାସନ ହଟାଇଛି । ସଂପୃକ୍ତ ମାଛ ବେପାରୀମାନେ ଏନ୍‌ଏସି ପକ୍ଷରୁ ନିର୍ମିତ ମାଛ ଓ ମାଂସ ବିକ୍ରୟ କେନ୍ଦ୍ରର ଅବ୍ୟବସ୍ଥାକୁ ଦର୍ଶାଇ ରାସ୍ତା କଡରେ ବିକ୍ରିବଟା କରୁଥିବାରୁ ଅଯଥା ଟ୍ରାଫିକ୍ ସମସ୍ୟା ଦେଖାଯିବା ସାଙ୍ଗକୁ ଦୁର୍ଗନ୍ଧରେ ନାକ ଫାଟି ପଡୁଥିଲା। ଏ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଉଥିଲେ ମଧ୍ୟ ପ୍ରଶାସନିକ ଉଦାସୀନତା ଯୋଗୁଁ କୋଣସି ପ୍ରତିକାର ବ୍ୟବସ୍ଥା ହୋଇପାରୁନଥିଲା । ଏଭଳି ଅବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ଅସନ୍ତୋଷ ତୀବ୍ରତର ହେବା ଏବଂ ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ପ୍ରଶାସନକୁ ସମାଲୋଚନାର ଶିକାର ହେବାକୁ ପଡୁଥିଲା । ତେବେ ଏନ୍‌ଏସି ପ୍ରଶାସନ ହଠାତ୍ ଚିହିଁଙ୍କି ଉଠି ପୋଲିସ ପ୍ରଶାସନର ସହାୟତାରେ ଆଜି ସଂପୃକ୍ତ ମାଛ ବେପାରୀଙ୍କୁ ରାସ୍ତା କଡରୁ ହଟାଇ ମାଛ ଓ ମାଂସ ବିକ୍ରୟ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲା।

### କାୟାକଳ୍ପ ଟିମ୍ ସଦସ୍ୟଙ୍କ ଆସିକା ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ

# ସ୍ୱାସ୍ଥ୍ୟସେବା ସମ୍ପର୍କିତ କାର୍ଯ୍ୟକ୍ରମର ସମୀକ୍ଷା

**ଆସିକା,୧୦।୧/ଏନ୍‌ଏନ୍‌ଏସ୍:** ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପରାମର୍ଶକ୍ରମେ କାୟାକଳ୍ପ ରାଜ୍ୟ ମୂଲ୍ୟାଙ୍କନ ଟିମ୍ ଶୁକ୍ରବାର ଆସିକା ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ସ୍ୱାସ୍ଥ୍ୟସେବା ସଂକ୍ରାନ୍ତୀୟ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। କାୟାକଳ୍ପ ଟିମ୍ ମୁଖ୍ୟ ଡାକ୍ତର ରାମକୃଷ୍ଣ ଶତପଥୀଙ୍କ ନେତୃତ୍ୱରେ ଡାକ୍ତର ଅନୁଜା ବେହେରା, ଡାକ୍ତର ସମ୍ବିତ୍ ଜେନା, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଦିଲୀପ କୁମାର ପଣ୍ଡା ଓ ଅଜୟ ମଲିକ ପ୍ରମୁଖଙ୍କୁ ନେଇ ଗଠିତ ୫ ଜଣିଆ ଟିମ୍ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଉପଲବ୍ଧି, ଜୈବିକ ବୈଜ୍ୟବସ୍ତୁ ପରିଚାଳନା, ମେଡିକାଲର ବାହ୍ୟ ଓ ଆଭ୍ୟନ୍ତରୀଣ ପରିଷ୍କାର ଓ ପରିଚ୍ଛନ୍ନତା, ଆଶୁ ଚିକିତ୍ସା କେନ୍ଦ୍ର, ସ୍ତ୍ରୀ ଓ ପ୍ରସୂତି ବିଭାଗ, ନିରାମୟ ଔଷଧ ବିତରଣ କେନ୍ଦ୍ର, ଚିକିତ୍ସାସେବା, ସ୍ୱାସ୍ଥ୍ୟ କେନ୍ଦ୍ରର ସାମଗ୍ରିକ ସ୍ଥିତି, ରୋଗୀ ଶଯ୍ୟା କକ୍ଷ, ରକ୍ତ ପରୀକ୍ଷାଗାର, ପୁରୁଷ ଏବଂ ମହିଳା ଓ ବିକଳାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟ, ସେବିକା କକ୍ଷ, ଡାକ୍ତରଙ୍କ କକ୍ଷ ସମେତ ଡାକ୍ତରଖାନା ପରିସରରେ ଥିବା ବିଭିନ୍ନ କଠୋରୀ ବୁଲି ଦେଖିଥିଲେ। ସ୍ୱାସ୍ଥ୍ୟସେବା ସଂକ୍ରାନ୍ତୀୟ ବିଭିନ୍ନ ବିଷୟ ଉପରେ ଟିମ୍ ସଦସ୍ୟ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବାଲ୍‌ଗୋପାଳ ବେହେରାଙ୍କୁ ପଚାରି ବୁଝିଥିଲେ। କାୟାକଳ୍ପ ଟିମ୍‌ର ପରିଦର୍ଶନ ସମୟରେ ହୋଇଥିବା ସଂଗୃହୀତ ରିପୋର୍ଟକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତର୍ଜମା କରିବା ପରେ ଆସିକା ଉପଖଣ୍ଡ ଚିକିତ୍ସାଳୟ କାୟାକଳ୍ପ ପୁରସ୍କାର ପାଇବ କି ନାହିଁ ତାହା ସ୍ପଷ୍ଟ ହେବ ବୋଲି ଜଣାପଡିଛି । ଅତୀତରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଓ ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଆସିକା ଉପଖଣ୍ଡ ଚିକିତ୍ସାଳୟ ବହୁବାର କାୟାକଳ୍ପ ପୁରସ୍କାର ପାଇବାରେ ସକ୍ଷମ ହୋଇଛି। ଟିମ୍ ସଦସ୍ୟ ପରିଦର୍ଶନ ସମୟରେ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବାଲ୍‌ଗୋପାଳ ବେହେରା, ଡାକ୍ତର ସତ୍ୟପ୍ରଜ୍ଞା ପଟ୍ଟନାୟକ, ଡାକ୍ତର ନିଶିକାନ୍ତ ପଣ୍ଡା, ଡାକ୍ତର ସୁପ୍ରକାଶ ଦାଶ, ଡାକ୍ତର ସୌମ୍ୟାଶ୍ରୀ ସାହୁ, ଡାକ୍ତର ଆଶୁତୋଷ ପଟ୍ଟନାୟକ, ଫାର୍ମାସିଷ୍ଟ କେଦାର ପାତ୍ର, ଜ୍ୟୋତି ବ୍ରହ୍ମା, ଷ୍ଟାଫ୍ ନର୍ସ ବିଷ୍ଣୁପ୍ରିୟା ବିଷୋୟୀ, ପ୍ରଭାତୀ ବେହେରା, ଅନୁସୟା ମହାନ୍ତି, ସସ୍ମିତା ପାଣି, ଆସିକା ଉପଖଣ୍ଡ ଚିକିତ୍ସାଳୟର କର୍ମଚାରୀ ରଂଜନ କୁମାର ସ୍ୱାଇଁ, ବିଶ୍ୱଜିତ୍ ପ୍ରଧାନ, ରମାକାନ୍ତ ସାହୁ, ସୁନିଲ୍ କୁମାର ଘଡେଇ, ସରସ୍ୱତୀ ରାଓ, ରୋଜାଲିନ୍ ସାହୁ, ସଙ୍ଗୀତାରାଣୀ ସ୍ୱାଇଁ, ସ୍ୱର୍ଣ୍ଣଲତା ଗୋଚ୍ଛାୟତ, ଦୀପକ ରାଉତ, ଅମିତ୍ କୁମାର ଦାଶ, ଅଜିତ୍ ପ୍ରଧାନ, ସୁଚିନ୍ତିତା ଶତପଥୀ, ହୃଷିକେଶ ଦାଶ, ନୀଳମାଧବ ତ୍ରିପାଠୀଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।



## 'ଗଛଟିଏ ଉପହାର ଦେବା' ନେଇ ସଚେତନତା



**ବ୍ରହ୍ମପୁର,୧୦।୧/ଏନ୍‌ଏନ୍‌ଏସ୍:** ପ୍ରତ୍ୟେକ ବର୍ଷ ଜାନୁଆରୀ ମାସ ୧୦ ତାରିଖକୁ 'ଜାତୀୟ ହାଉସ ପ୍ଲାଣ୍ଟ' ଦିବସ ଭାବେ ପାଳିତ ହେଉଛି। ଏହି ଦିବସର ଆବଶ୍ୟକତା ତଥା ସଦୁପଯୋଗ ନିମନ୍ତେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ସ୍ଥାନୀୟ ଆନ୍ଧ୍ର ମହିଳା ସମାଜମ୍ ଗୃହ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ଆପାର୍ଟମେଣ୍ଟର ମୁଖ୍ୟ, ସ୍ୱେଚ୍ଛାସେବୀ ଏବଂ ଆନ୍ଧ୍ର ମହିଳା ସମାଜମ୍‌ର ମହିଳାଙ୍କୁ ହାଉସ୍ ପ୍ଲାଣ୍ଟ ତଥା ଇନଡର୍ ପ୍ଲାଣ୍ଟ ଘରେ ରଖିବା ଦ୍ୱାରା ଏହାର ଉପଲବ୍ଧି ଏବଂ ଫାଇଦା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଆମ ସମାଜରେ ବୃକ୍ଷ ନିତିଦିନ ଆମ ପରିବେଶର ସୁରକ୍ଷା ସହ ସନ୍ତୁଳନ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ତା'ମଧ୍ୟରେ ନିଜ ଘରୋଇ ଭଳି ପରିବେଶରେ ରହୁଥିବା ଗଛକୁ ଯଦି ଘର ଏବଂ କାର୍ଯ୍ୟସ୍ଥଳୀ ମାନଙ୍କରେ ରଖିପାରିବା ତାହେଲେ ବ୍ୟସ୍ତ ଜୀବନରେ ବ୍ୟକ୍ତି ମାନସିକ ଚାପ କିଛି ମାତ୍ରାରେ ଦୂର କରିପାରିବ ତାହା ସହ ସ୍ମରଣ ଶକ୍ତି, ଶୁଦ୍ଧ ବାୟୁ, ସକରାତ୍ମକ ଚିନ୍ତାଧାରାରେ ଉନ୍ନତି ଆଣିପାରିବ ବୋଲି ଏଠାରେ କୁହାଯାଇଥିଲା। ତେଣୁ କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ସମାଜରେ ଅନୁଷ୍ଠିତ ବିବାହ, ଜନ୍ମଦିନ, ଗୃହ ପ୍ରବେଶ ତଥା ଅନ୍ୟାନ୍ୟ ଶୁଭକାର୍ଯ୍ୟରେ ଗଛଟିଏ ଉପହାର ଦେବା ପାଇଁ ଚର୍ଚ୍ଚା କରାଯାଇଥିଲା। କାରଣ ଅନ୍ୟାନ୍ୟ ଉପହାର ତୁଳନାରେ ଏହି ଗଛ ଉପହାରଟି ସମୟ ସହିତ ଆମ ସହ ବଢିଥାଏ ଏବଂ ସୁସ୍ଥ ପରିବେଶ ଯୋଗାଇଥାଏ। ଯାହାକି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂକଳ୍ପ ସ୍କୁଲ ପ୍ରତିଷ୍ଠାତା ଇ. ଟି. ରାଓ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଆନ୍ଧ୍ର ମହିଳା ସମାଜମର ସଭାପତି ମୋନିଙ୍ଗି କାମେଶ୍ୱରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ମଞ୍ଚରେ ତାଜ ନୋର୍ସରୀ ପରିଚାଳକ ନାଜମୁଲ, ଆଞ୍ଚଳିକ ବିକାଶ ପରିଷଦ(ଗୁଣ୍ଡବନ୍ଧ)ର ସଭାପତି ସାଗର ପାତ୍ର ଏବଂ ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ ଉପସ୍ଥିତ ରହି ଏହି ଦିବସର ମତାମତ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବ୍ରହ୍ମପୁର ସବୁଜ ବାହିନୀ ସମ୍ପାଦକ ଏ. ପ୍ରକାଶ ପରିଚାଳନା କରିଥିବା ବେଳେ ସଙ୍ଗଠନର ସଦସ୍ୟ ଗଣେଶ ପାଣିଗ୍ରାହୀ, ପି. ବିନୋଦ, ଅରବିନ୍ଦ ଦେଶୀବେହେରା, ବନମାଳି ପ୍ରଧାନ, ପ୍ରବୀଣ ନାୟକ, ଏସ୍. ରବି କୁମାର, ଅନୀଲ ଚୌଧୁରୀ, ପି. କିରଣ କୁମାର, ଅଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଚାଷୀ ସମସ୍ୟା ନେଇ ଅଖିଳ ଭାରତ କୃଷକସଭାର ଦାବିପତ୍ର




**ଛତ୍ରପୁର,୧୦।୧/ଏନ୍‌ଏନ୍‌ଏସ୍:** ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅଖିଳ ଭାରତ କୃଷକ ସଭା ଗଞ୍ଜାମ ଜିଲ୍ଲା ପରିଷଦ ପକ୍ଷରୁ ୬ ଦଫା ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲପାଳଙ୍କୁ ପ୍ରଦାନ କରାଯାଇଛି। ସଂଗଠନର କର୍ମକର୍ତ୍ତା ଓ ଚାଷୀଙ୍କ ପକ୍ଷରୁ ବିରାଟ ଶୋଭାଯାତ୍ରାରେ ଛତ୍ରପୁର ସହର ପରିକ୍ରମା କରି ଲୋୟର ବସଷ୍ଟାଣ୍ଡ ଠାରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାରଙ୍କ ଚାଷୀ ମାରଣ ନୀତିକୁ ନେତାମାନେ ବିରୋଧ କରିଥିଲେ। ସରକାର ଚାଷୀଙ୍କ ଦାବି ପୂରଣ କରିବାରେ ବିଫଳ ହୋଇଛନ୍ତି। ପ୍ରମୁଖ ଦାବି ମଧ୍ୟରେ ଲଘୁ ଚାପ ଜନିତ ଲଗାଣ ବର୍ଷାରେ ଚାଷୀ ଓ ଭାଗଚାଷୀଙ୍କ ସମସ୍ତ ଫସଲର କ୍ଷୟକ୍ଷତି ଆକଳନ କରି ଚୁଡାନ୍ତ ତାଲିକା ଗ୍ରାମ ପଞ୍ଚାୟତ ଓ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରେ ଉପଲବ୍ଧ କରିବା, ଚଳିତ ବର୍ଷ ମଣ୍ଡିରେ କ୍ରୟ ନିମନ୍ତେ ଧାନର ଏଫ୍‌ଏକ୍ୟୁ ମାନରେ କୋହଳ କରିବା, ବୀମା ଭୁକ୍ତ ଚାଷୀ ବୀମା ରାଶି ପାଇବା ନିମନ୍ତେ ସରକାର ହସ୍ତକ୍ଷେପ କରିବା, କ୍ଷତିପୂରଣ ଆବେଦନ କରି ପାରିନଥିବା ଚାଷୀଙ୍କୁ ପୁନଃ ସୁଯୋଗ ଦେବା, ବ୍ଲକରେ ଚାଷୀ ସହାୟତା କେନ୍ଦ୍ର ଖୋଲିବା, ଚାଷୀଙ୍କ ଋଣ ଓ ବିଦ୍ୟୁତ୍ ଦେୟ ଛାଡ କରିବା ଆଦି ଦାବି ରହିଛି। ସରକାର ସମସ୍ତ ଦାବି ପୂରଣ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ କୃଷକ ସଭା ପକ୍ଷରୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏଆଇକେଏସ୍‌ର ଜିଲ୍ଲା ସଭାପତି ଶ୍ରୀହର୍ଷ ରଥ, ସମ୍ପାଦକ ରାଜୀବ ଲୋଚନ ପଣ୍ଡା, ସଂଗଠନ ସମ୍ପାଦକ ନୀଳକଣ୍ଠ ଦାଶ, ଉପସଭା ପତି ଶରତ ଚନ୍ଦ୍ର ପଟ୍ଟନାୟକ, ସାଥୀ ଏସ କ୍ରିଷ୍ଣା ରେଡ୍ଡୀ, ଏନ୍ ଗିରିଜା ପ୍ରସାଦ ରେଡ୍ଡୀ, ଆଦି ନାରାୟଣ ରେଡ୍ଡୀ ସମେତ ବହୁ ନେତା ଓ ଚାଷୀ ଉପସ୍ଥିତ ଥିଲେ।

## ପୁତୁରାର ମାଡ଼ରେ ବଡ଼ବାପାର ମୃତ୍ୟୁ

**କନ୍ଧମାଳ,ଫିରିଙ୍ଗିଆ, ୧୦।୧/ଏନ୍‌ଏନ୍‌ଏସ୍:** ପୁତୁରାର ମାଡ଼ରେ ବୃଦ୍ଧ ବଡବାପାର ମୃତ ଘଟିଛି । ଏମିତି ଅଭାବନୀୟ ଘଟଣା ଘଟିଛି ଫିରିଙ୍ଗିଆ ଥାନା ଡ଼ିମିରିଗୁଡା ପଞ୍ଚାୟତର ମେଲୁ ପଡା ଗାଁରେ । ମୃତକ ଜଣକ ମେଲୁ ପଡା ଗାଁର ଗୁନୀ କହଁର ଓ ବୟସ ପାଖାପାଖି ୬୫ ବର୍ଷ ହେବ ବୋଲି ଜଣାପଡିଛି । ଅଭିଯୁକ୍ତ ପୁତୁରାକୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଥିବା ଜଣାପଡିଛି । ସୂଚନା ଅନୁସାରେ ସୋମବାର ଅପରାହ୍ନ ପ୍ରାୟ ୩ ଟା ସମୟରେ ମୃତ ଗୁନୀ କହଁର ଓ ତାଙ୍କ ପୁତୁରା ନରେଶ କହଁରଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା । ଏହି ସମୟରେ ନରେଶ କହଁର ଗୁନୀ କହଁରଙ୍କୁ ମାଡ଼ ମାରିଥିଲେ । ଫଳରେ ଗୁନୀ କହଁର ଗୁରୁତର ଆହତ ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ଫିରିଙ୍ଗିଆ ମେଡିକାଲକୁ ଆଣିଥିଲେ । ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ବୃଦ୍ଧଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଫିରିଙ୍ଗିଆ ଥାନା ଏସ ଆଇ ଦୀପକ କୁମାର ରାଉତ ଏକ ଟିମ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ପରେ ପରିବାର ପକ୍ଷରୁ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ନେଇ ଏକ ଲିଖିତ ଏତେଲା ଦେବାପରେ ପୋଲିସ ଘଟଣାକୁ ନେଇ ୦୩/ ୨୦୨୫ ରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ପୁତୁରାକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି । ପୋଲିସ ଶବକୁ ଜବତ କରି ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସଳୟକୁ ପଠେଇଥିବା ଘଟଣାର ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

## ପ୍ରେସ୍‌କ୍ଲବର ବନ୍ଧୁ ମିଳନ

**ଫୁଲବାଣୀ,୧୦।୧/ଏନ୍‌ଏନ୍‌ଏସ୍:** ଫିରିଙ୍ଗିଆ ପ୍ରେସ କ୍ଲବର ବନ୍ଧୁ ମିଳନ ତଣ୍ଡିଗାଁ ଘାଇ ଠାରେ ଅନୁଷ୍ଠିତ ହୋଇଛି । ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରିଙ୍କ ଅଧକ୍ଷତା ଏବଂ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଅସ୍ଥାୟୀ ସଭାପତି ଭାବରେ ପରିଚାଳନା ପାଇଁ ବରିଷ୍ଠ ଉପଦେଷ୍ଟା ଅକ୍ଷୟ କୁମାର ନାୟକଙ୍କୁ ଦାୟିତ୍ୱ ଦିଆ ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରେସ କ୍ଲବର ଉପସଭାପତି ଭ୍ରମରବର ନାୟକ, ସମ୍ପାଦକ ସୁଶାନ୍ତ ଦିଗାଲ, କୋଷାଧ୍ୟକ୍ଷ ସୁବ୍ରତ କୁମାର ମହାନ୍ତି, ଉପଦେଷ୍ଟା ମହାଦେବ ସାହୁ ଏବଂ ଶରତ ମିଶ୍ର ଯୋଗ ଦେଇଥିଲେ । ବନ୍ଧୁ ମିଳନ ଓ ବାର୍ଷିକ ବୈଠକ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ପ୍ରେସ କ୍ଲବର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ସହ ଆଗାମୀ ଦିନରେ ପ୍ରେସ କ୍ଲବକୁ କିଭଳି ଆଗକୁ ନିଆଯାଇ ପାରିବ ସେ ନେଇ ବକ୍ତବ୍ୟ ରଖିଥିଲେ । ସାମ୍ବାଦିକ ମାନଙ୍କ ଖବର ଲେଖିବା, ସଂଗ୍ରହ କରିବା ବେଳେ ସାମ୍ବାଦିକ ମାନଙ୍କ ଭୂମିକା ଓ ଶୈଳୀ ଉପରେ ଉପଦେଷ୍ଟା ମାନେ ବୁଝାଇଥିଲେ । ଅର୍ଜ୍ଜୁନ କହଁରଙ୍କୁ ନୂତନ ଭାବରେ ସଭ୍ୟ ଭାବରେ ସ୍ୱାଗତ କରା ଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସଞ୍ଜୟ କୁମାର ସାହୁ, ମନୋଜ କୁମାର ସାହୁ, ହେମନ୍ତ ନାୟକ, ବିମଳ ଦିଗାଲ, ସୁନାସିର ଦିଗାଲ, ମୋହନ ଦିଗାଲ, ଶ୍ରବଣ ଦିଗାଲ, ରାଜକିଶୋର ପ୍ରଧାନ, ନରେଶ କହଁର, ଦେବାଶିଷ ଦିଗାଲଙ୍କ ସହ ଅନ୍ୟ ସଦସ୍ୟ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଧର୍ମ ପରାୟଣାଙ୍କ ପରଲୋକ

**ବୁଗୁଡା,୧୦।୧/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଅମିତ୍ ନଗର ନିବାସୀ ଶିକ୍ଷକ ଜୟନ୍ତ କୁମାର ପଟ୍ଟନାୟକଙ୍କ ମାତା ସାରିଆମଣୀ ପଟ୍ଟନାୟକ(୮୨)ଙ୍କ ଆଜି ପୂର୍ବାହ୍ନରେ ଦେହାନ୍ତ ହୋଇଯାଇଛି। ଦୀର୍ଘ ଦିନ ଧରି ସେ ଶାରୀରିକ ଅସୁସ୍ଥତା ଅନୁଭବ କରିଆସୁଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ତିନି ପୁଅଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସାହି ବାସିନ୍ଦା ତାଙ୍କର ଅନ୍ତିମ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସେ ଜଣେ ସରଳ, ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ । ସ୍ଥାନୀୟ ବଡଶଙ୍ଖସ୍ଥିତ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## ବୃହତ୍ ଟାୱାର୍ ମାଧ୍ୟମରେ ବିଦ୍ୟୁତ୍ ସଂଯୋଗର ଶୁଭାରମ୍ଭ

**ଆସିକା,୧୦।୧/ଏନ୍‌ଏନ୍‌ଏସ୍:** ଆସିକା ଅଞ୍ଚଳବାସୀଙ୍କୁ ନିରବିଚ୍ଛିନ୍ନ ତଥା ୨୪ ଘଣ୍ଟିଆ ବିଦ୍ୟୁତସେବା ଯୋଗାଇବା ପାଇଁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ବଡନଦୀର ଦୁଇ ପାର୍ଶ୍ୱରେ ନିର୍ମାଣ କରାଯାଇଥିବା ବିଦ୍ୟୁତ୍ ଟାୱାର ମାଧ୍ୟମରେ ଶୁକ୍ରବାର ଠାରୁ ଆନୁଷ୍ଠାନିକ ଭାବେ ବିଦ୍ୟୁତ ସଂଯୋଗର ଶୁଭାରମ୍ଭ କରାଯାଇଛି। ଆସିକା ଅଞ୍ଚଳର ହଜାର ହଜାର ବିଦ୍ୟୁତ ଉପଭୋକ୍ତାଙ୍କୁ କଲେଜ ଛକ ସ୍ଥିତ ଗ୍ରୀଡ୍ ସବ୍‌ଷ୍ଟେସନରୁ ୩୩ କେଭି ବିଦ୍ୟୁତ ତାର ଜରିଆରେ ବିଦ୍ୟୁତସେବା ଦୀର୍ଘ ବର୍ଷ ହେଲା ଯୋଗାଇ ଦିଆଯାଇଆସୁଛି । ଦୀର୍ଘ ବର୍ଷ ଧରି ଏହି ୩୩ କେଭି ବିଦ୍ୟୁତ୍ ଲାଇନ୍ ବଡନଦୀର ଉପର ଦେଇ ଆସିଥିବା ବେଳେ ବର୍ଷକର କେତେକ ସମୟରେ ବଡନଦୀରେ ଜଳସ୍ତର ବୃଦ୍ଧି ପାଇବା ସାଙ୍ଗକୁ ବନ୍ୟାଜଳ ପ୍ରବାହିତ ହେବା କ୍ଷଣି ଆସିକାରେ ବିଦ୍ୟୁତ ସମସ୍ୟା ସୃଷ୍ଟି ହେଉଥିଲା। ଟିପିଏସ୍‌ଓଡିଏଲ୍ କର୍ତ୍ତୃପକ୍ଷ ଆସିକା ଅଞ୍ଚଳବାସୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରିବା ସହ ଉନ୍ନତମାନର ନିରବିଚ୍ଛିନ୍ନ ବିଦ୍ୟୁତ ସେବାକୁ ସୁନିଶ୍ଚିତ କରିବା ଉଦ୍ୟମ କରିଥିଲେ। କ୍ୟାପେକ୍ସ ଯୋଜନାରେ ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ବଡନଦୀର ଦୁଇ ପାର୍ଶ୍ୱରେ ୩୫ ମିଟର ଉଚ୍ଚତା ବିଶିଷ୍ଟ ଦୁଇଟି ୟୁଆର୍‌ପ୍ଲସ୍ ୬ ଟାୱାର୍ ସ୍ଥାପନ କରିବା ସାଙ୍ଗକୁ ଉକ୍ତ ଟାୱାର ଜରିଆରେ ଆସିକା ଅଞ୍ଚଳକୁ ଶୁକ୍ରବାର ଠାରୁ ଆନୁଷ୍ଠାନିକ ଭାବେ ୩୩କେଭି ବିଦ୍ୟୁତ ଲାଇନ୍ ମାଧ୍ୟମରେ ବିଦ୍ୟୁତ ସଂଯୋଗର ଶୁଭାରମ୍ଭ କରିଥିବା ଜଣାପଡିଛି । ଆସିକା ଅଞ୍ଚଳବାସୀଙ୍କୁ ନିରବିଚ୍ଛିନ୍ନ ବିଦ୍ୟୁତସେବା ଯୋଗାଇଦେବା ପାଇଁ ଟିପିଏସ୍‌ଓଡିଏଲ୍‌ର ଏହି ମହତ୍ ପ୍ରୟାସକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହି ପ୍ରକଳ୍ପର ଯନ୍ତ୍ରୀ ଇଂ. ସୌରଭ ଚାଟାର୍ଜୀ, ଇଂ ସୁଶାନ୍ତ ସାହୁ, ଟିପିଏସ୍‌ଓଡିଏଲ୍‌ର ଆସିକା ଉପଖଣ୍ଡ ନିର୍ବାହୀ ଯନ୍ତ୍ରୀ ଇଂ ଆଦିତ୍ୟ କୁମାର ଦାଶ, ଆସିକା ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ ଜଗଦୀଶଦାଶ୍ ମହାପାତ୍ର, ଆସିକା ସେକ୍ସନର ସହକାରୀ ଯନ୍ତ୍ରୀ ଇଂ ରାକେଶ୍ କୁମାର ପାତ୍ରଙ୍କ ନିଷ୍ଠାପର ଓ ସ୍ୱାର୍ଥବିହୀନ ପ୍ରୟାସ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି।



### ଜଗଦଳପୁର ହାଇସ୍କୁଲର ବାର୍ଷିକ ଉତ୍ସବ

# ବିଦ୍ୟାର୍ଥୀ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ କରିବାକୁ ଆହ୍ୱାନ



**ଆସିକା,୧୦।୧/ଏନ୍‌ଏନ୍‌ଏସ୍:** ଆସିକା ବ୍ଲକ ଅନ୍ତର୍ଗତ ଗୁଣ୍ଡପଡାସ୍ଥିତ ଜଗଦଳପୁର ହାଇସ୍କୁଲର ୬୧ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନାରାୟଣ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ୍‌ରାଣୀ ମହାନ୍ତି, ମୁଖ୍ୟବକ୍ତା ରୂପେ ଖଣ୍ଡଦେଉଳୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡଃ ଶଙ୍କର ନାରାୟଣ ବେଜ, ସମ୍ମାନୀତ ଅତିଥି ରୂପେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା, ରେଳ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ସୁରେନ୍ଦ୍ର ନାଥ ପଣ୍ଡା, ସରପଞ୍ଚ ଶୈଳବାଳା ଦଳେଇ, ସମିତି ସଭ୍ୟ ନାରାୟଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନର ଅତୀତ ଗୌରବ ଉପରେ ସ୍ମୃତି ଚାରଣ କରିଥିଲେ। ଛାତ୍ରଛାତ୍ରୀ ମାନେ ଭଲ ମଣିଷ ହେବା ପାଇଁ ପ୍ରଥମେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ନିଜ ଲକ୍ଷ୍ୟ ପୂରଣ ପାଇଁ କଠିନ ପରିଶ୍ରମ କରିବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ ସ୍ୱର୍ଗତ ରଘୁନାଥ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୪ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀ ସାଗରିକା ତ୍ରିପାଠୀ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀ ଶୁଭମ୍ ବେହେରା, ତୃତୀୟ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀ ଶୁଭମ୍ ରାଉତ, ୨୦୨୩-୨୪ ଶିକ୍ଷାବର୍ଷରେ ନବମ ଶ୍ରେଣୀରେ ଟପର୍ ଶୁଭମ୍ ଦାଶ, ଦୀପକ କୁମାର ନାୟକ, ଲକ୍ଷ୍ମୀ ଦାଶ, ବାର୍ଷିକ ଖେଳକୁଦ ପ୍ରତିଯୋଗିତାରେ ବାଳକ ବର୍ଗରେ କୃତୀ ବିଦ୍ୟାର୍ଥୀ ବିକାଶ ଲେଙ୍କା ଓ ବାଳିକା ବର୍ଗରେ କୃତୀ ଛାତ୍ରୀ ଆଦ୍ୟାଶା ଗୌଡ, ଶ୍ରେଷ୍ଠ ଛାତ୍ର ରୂପେ ଆୟୁଷ ଗୌଡଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ସୁଶିଲ ମୋହନ ପାତ୍ର, ଜି.ଆନନ୍ଦ ପାତ୍ର, ସୁନିତା ପରିଚ୍ଛା, ଶ୍ରୀମତୀ ଇଶ୍ୱରୀ ମହାପାତ୍ର, କୁମାରୀ ସନ୍ଧ୍ୟାରାଣୀ ବେହେରା, ମନ୍ଦାକିନୀ ପ୍ରଧାନ, ଶିକ୍ଷାନୁଷ୍ଠାନର କର୍ମଚାରୀ ଆଶାଲତା ପ୍ରଧାନ, ପ୍ରଶାନ୍ତ କୁମାର ମୁନିଙ୍କ ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

**ନିତି ଭାରତୀ**

ଶକ୍ତି ବିଜୟରୁ ପ୍ରାପ୍ତ ହୋଇ ନଥାଏ। କଠିନ ପରିସ୍ଥିତି ଦେଇ ଗତି କରୁଥିବା ସମୟରେ ପରିସ୍ଥିତି ସାମ୍ନାରେ ମୁଣ୍ଡ ନ ନୁଆଁଇବାକୁ ନିଷ୍ପତ୍ତି ନେବା ହିଁ ଶକ୍ତି। - ମହାତ୍ମା ଗାନ୍ଧୀ

# ଇଂରାଜୀ ଭାଷାର ମହତ୍ତ୍ୱ ଓ ଆବଶ୍ୟକତା



ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଏଇ ନିକଟରେ ବରିଷ୍ଠ ସାମ୍ବାଦିକ ଶ୍ରୀମାଧବନ୍ ବର୍ତ୍ତମାନର ଭାରତରେ ଇଂରାଜୀ ଭାଷା ପ୍ରତି ଯେଉଁ ପ୍ରକାର ବିରୋଧୀ ଭାବାପନ୍ନ ଆଭିମୁଖ୍ୟ ନିର୍ଦ୍ଦିଷ୍ଟ କେତୋଟି ମହଲରେ ଦେଖାଯାଉଛି, ସେହି ସଂପର୍କରେ ଗୋଟିଏ ସ୍ତମ୍ଭ ଲେଖାରେ କହିଛନ୍ତି, 'ଔପନିବେଶିକ ଶାସନର କଳା ସ୍ମୃତିକୁ ଲିଭାଇ ଦେବା ପାଇଁ ଏବେ ଯେଉଁ ଉତ୍ସାହ, ଉଦ୍ଦୀପନା ବିଶେଷ ବିଶେଷ ସ୍ଥାନମାନଙ୍କରେ ଦୃଷ୍ଟିଗୋଚର ହେଉଛି, ତାହା ହୁଏତ କେଉଁ ଏକ ରୂଢ଼ିବାଦୀ ଆଦର୍ଶରେ ଅତ୍ୟଧିକ ବିଶ୍ୱାସ କରୁଥିବା ରାଜନୈତିକ ଦଳ ପାଇଁ ଆବଶ୍ୟକତା ହୋଇପାରେ, ମାତ୍ର ସେହି ଆଳରେ ଯଦି କେହି ଇଂରାଜୀ ଭାଷାକୁ ଭାରତରୁ ବିତାଡ଼ିତ କରିଦେବା ପାଇଁ ଜନମତ ସୃଷ୍ଟି କରିବାକୁ ଖଳ ମସୁଧା କରି ଚାଲନ୍ତି, ତେବେ ତାଙ୍କର ସେ ଉଦ୍ୟମ ବ୍ୟର୍ଥ ହେବ, କାରଣ ଇଂରାଜୀ ଭାଷା ପ୍ରତି ଏ ପ୍ରକାରର ବିଦ୍ୱେଷପୂର୍ଣ୍ଣ ମନୋଭାବ ଭାରତର ସବୁ ଅଞ୍ଚଳରେ ସ୍ୱୀକୃତ କି ଆଦୃତ ହେବାର ସମ୍ଭାବନା ଅତ୍ୟନ୍ତ କ୍ଷୀଣ।' ସଂଖ୍ୟାଧିକ ଭାରତୀୟ ଇଂରାଜୀ ଭାଷାର ମହତ୍ତ୍ୱ ସଂପର୍କରେ ବେଶ୍ ସଚେତନ ଓ ସେମାନେ ଜାଣନ୍ତି ଯେ ଏହି ଭାଷାର ପ୍ରମାଣସିଦ୍ଧ ଭାବ ପ୍ରକାଶ ଓ ଭାବ ସଂଚାରୀ ଗୁଣ ଯୋଗୁଁ ଏହି ଭାଷାରେ ଦକ୍ଷତା ଆମର ବୌଦ୍ଧିକ ତଥା ଭାବାତ୍ମକ ଶକ୍ତି ସାମର୍ଥ୍ୟକୁ ତୀକ୍ଷ୍ଣ, ଗଭୀର ଓ ସମୃଦ୍ଧ କରି ପାରିବ। ଇଂରାଜୀ ଭାଷାର ଏଇ ବିଶେଷତା ଅନନ୍ୟ ଓ ଅତୁଳନୀୟ।

ଇଂରାଜୀ ଭାଷା ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ପ୍ରାଧାନ୍ୟ ବିସ୍ତାର କରି ଚାଲିବାର କାରଣ ଦର୍ଶାଇବାକୁ ଯାଇ ସ୍ତମ୍ଭକାର ମାଧବନ୍ ଅନ୍ୟ ଯେଉଁ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି, ତାହା ସାଧାରଣ ପାଠକକୁ ହୁଏତ ଖୁବ୍ ଲଘୁ, ହାଲ୍କା ଲାଗିପାରେ, ମାତ୍ର ସାମାନ୍ୟ ଗଭୀର ଭାବରେ ଚିନ୍ତା କଲେ ଆମେ ସେହି ମନ୍ତବ୍ୟଟିର ଯଥାର୍ଥତା ନିଶ୍ଚୟ ବୁଝି ପାରିବା। ମାଧବନ୍ ମଧ୍ୟ କହିଛନ୍ତି, 'ପ୍ରତ୍ୟେକ ଭାଷା ଗୋଟିଏ ଗୋଟିଏ ନଦୀ ପରି। ନଦୀର ଜଳ ସଫା ପରିଚ୍ଛନ୍ନ ରହେ କେବଳ ତା'ର ବାଧାହୀନ ପ୍ରବାହ ଯୋଗୁଁ। ଠିକ୍ ସେହିପରି ଗୋଟିଏ ଭାଷାର ପ୍ରବାହ ବା ପ୍ରଚଳନ ନିରବଚ୍ଛିନ୍ନ ରହିଲେ ହିଁ ସେ ଭାଷାର ଶକ୍ତି ତଥା ଶୁଦ୍ଧତା ଅତୁଟ ରହିଥାଏ। ମାତ୍ର ସେହି ଭାଷାର ସର୍ବାଦୃତି ସେତିକି ବେଳେ ଅକ୍ଷୁଣ୍ଣ ରହିପାରେ, ଯେତେବେଳେ ତାହା ଏ ଦୁନିଆର ଅତି ସହଜ ବୋଧଗମ୍ୟ ଶବ୍ଦ 'ମନି' ବା 'ଅର୍ଥ'ର ମୂଲ୍ୟ କେତେ, ତାହା ସମସ୍ତଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇ ଦେଇପାରେ ଓ ସେହି ମହାମୂଲ୍ୟବାନ 'ମନି' ବା 'ଅର୍ଥ'ର ସହଜଲଭ୍ୟତା ପାଇଁ ଆବଶ୍ୟକ ମାର୍ଗ ଦର୍ଶାଇ ଦେଇପାରେ।'

ଏବଂ ଏହା ହିଁ ବାସ୍ତବ ସତ୍ୟ। ଇଂରାଜୀ ଭାଷା ହିଁ ଏକମାତ୍ର ତଥା ସର୍ବୋତ୍ତମ ମାଧ୍ୟମ ଯାହାଦ୍ୱାରା ଆମର ବୌଦ୍ଧିକ ସାରବତ୍ତା ନିଶ୍ଚିତ ହେବା ସହ ଆମର ସର୍ବାଙ୍ଗୀନ ଭୌତିକ ସମୃଦ୍ଧି ଅର୍ଥାତ୍ 'ମନି' ବା 'ଅର୍ଥ' ଆଗମନର ପଥ ପରିଷ୍କାର ହୋଇ ପାରିବ। ତା' ପରେ ଇଂରାଜୀ ଯେ କେବଳ ଆଧୁନିକ ବିଜ୍ଞାନ, ପ୍ରଯୁକ୍ତି ବା ବାଣିଜ୍ୟର ଭାଷା ତା' ନୁହେଁ, ଏହା ହେଉଛି ବିଶ୍ୱର ପ୍ରତ୍ୟେକ ଅଞ୍ଚଳର, ପ୍ରତ୍ୟେକ ଭିନ୍ନ ଭିନ୍ନ ଗୋଷ୍ଠୀ, ସଂପ୍ରଦାୟଙ୍କ ମଧ୍ୟରେ ଫଳପ୍ରଦ ଯୋଗସୂତ୍ର ରକ୍ଷାକାରୀ ଭାଷା। ଏହି 'ସତ୍ୟ'ଟି ଯେଉଁମାନେ କୌଣସି ପୂର୍ବାଗ୍ରହ ବା ସଂକୀର୍ଣ୍ଣ ରକ୍ଷଣଶୀଳତା ନରଖି ବୁଝିଛନ୍ତି, ସେମାନେ କେବେ କୌଣସି ପରିସ୍ଥିତିରେ ଏ ଭାଷାର ଉତ୍ତରୋତ୍ତର ସର୍ବଗ୍ରାହ୍ୟତା ବିରୋଧରେ ସ୍ୱର ଉତ୍ତୋଳନ କରିବେ ନାହିଁ।

ଇଂରାଜୀ ଭାଷାର ଶ୍ରେଷ୍ଠତା ତଥା ଉପାଦେୟତା ସଂପର୍କରେ ଦୃଢ଼ ଯୁକ୍ତି ଉପସ୍ଥାପନ କରି ଯେତେବେଳେ ଥୋମାସ୍ ବାବିଙ୍ଗଟନ୍ ମାକ୍ୟୁଲେ ଏହି ଭାଷାକୁ ଭାରତର ଶିକ୍ଷା କ୍ଷେତ୍ରରେ ପ୍ରଚଳନ କରିବା ପାଇଁ ସୁନିର୍ଦ୍ଦିଷ୍ଟ 'ପଥ ନକ୍ସା' (ରୋଡ୍ ମ୍ୟାପ୍) ପ୍ରସ୍ତୁତ କଲେ, ସେତେବେଳେ ଅନେକ ଭାରତୀୟ ରକ୍ଷଣଶୀଳ ତଥାକଥିତ ପଣ୍ଡିତ ତାଙ୍କୁ ଏକ ଖଳନାୟକ ରୂପରେ ଚିତ୍ରିତ କଲେ। ମାତ୍ର ପରିତାପର କଥା, ଆଜିର ଏଇ ଏକବିଂଶ ଭାରତରେ 'ମାକ୍ୟୁଲେ' ଙ୍କ ଦୂରଦୃଷ୍ଟି-ସୃଷ୍ଟ ଶିକ୍ଷାନୀତି, ବିଶେଷକରି ଇଂରାଜୀ ଭାଷାର ସର୍ବଭାରତୀୟ ପ୍ରଚଳନ ପାଇଁ ତାଙ୍କର ଦୃଢ଼ ନିଷ୍ପତ୍ତି ଯୋଗୁଁ ଯେଉଁ ପ୍ରକାର ବୌଦ୍ଧିକ ତଥା ବିଜ୍ଞାନ ଓ ପ୍ରଯୁକ୍ତି-ବିଦ୍ୟାଭିତ୍ତିକ ସମୃଦ୍ଧି ହୋଇ ଚାଲିଛି, ସେସବୁର ଚାକ୍ଷୁଷ ପ୍ରମାଣ ଆମମାନଙ୍କ ପାଖରେ ଥାଇ ମଧ୍ୟ ଆମେ ଯଦି 'ମାକ୍ୟୁଲେ'ଙ୍କୁ ସେ ନେଇଥିବା ନିର୍ଣ୍ଣାୟକ ପଦକ୍ଷେପଟି ପାଇଁ ନିନ୍ଦା ବା ଦୋଷାରୋପ କରି ଚାଲିବା, ଏହା ଘୋର ଆତ୍ମପ୍ରତାରଣା ହିଁ ହେବ, ଘୋର ଅଯୌକ୍ତିକ ଓ ଶସ୍ତା ଆବେଗ ପ୍ରଣୋଦିତ କାର୍ଯ୍ୟଟିଏ ହିଁ ହେବ। ତଥାପି ଏ ଲେଖକ ନିଶ୍ଚୟ ସ୍ୱୀକାର କରିବ ଯେ 'ମାକ୍ୟୁଲେ' ଭାରତରେ ଇଂରାଜୀ ଭାଷାକୁ ଶିକ୍ଷାର ମାଧ୍ୟମ କରିବା ପାଇଁ ଅତ୍ୟୁତ୍ସାହ ଦେଖାଇ ଓ ସେହି ସମୟର ବାଦ ବିବାଦର ଉଷ୍ମତାରେ ପ୍ରଭାବିତ ହୋଇ ଯେତେବେଳେ ପ୍ରଳାପପୂର୍ଣ୍ଣ ମନ୍ତବ୍ୟଟିଏ ଦେଲେ ଯେ ୟୁରୋପର ଗୋଟିଏ ପୁସ୍ତକାଳୟର ଗୋଟିଏ ମାତ୍ର ଥାକରେ ସଜ୍ଜିତ ହୋଇ ରହିଥିବା 'ଜ୍ଞାନପାଠ' ସହିତ ଭାରତ ତଥା ଆରବର ସମସ୍ତ ପ୍ରାଚୀନ ବା ମଧ୍ୟଯୁଗୀୟ 'ଜ୍ଞାନପାଠ' ସମାନ ହେବନାହିଁ, ତାହା ଥିଲା ତାଙ୍କର ଘୋର ଅଜ୍ଞତା, ନିର୍ବୋଧତା, ଏପରିକି ଜାତ୍ୟାଭିମାନ-ସୃଷ୍ଟ ଔଦ୍ଧତ୍ୟ। ମାତ୍ର ସେ ଯେତେବେଳେ କହିଲେ, 'ମୁଁ ଚାହେଁ, ଏପରି ଜଣେ ଭାରତୀୟ ଯିଏ ତା'ର ଆଚାର, ବ୍ୟବହାର, ଚାଲିଚଳଣ ଓ ବୌଦ୍ଧିକତାରେ ଠିକ୍ ଜଣେ ଇଂରେଜ ପରି ହୋଇଥିବ, ଅର୍ଥାତ୍ ପୂରାପୂରି ଜଣେ ଇଂରେଜୀ ଭାରତୀୟ, ସେ ଯେ ଏହା ତାଙ୍କର ଭାରତୀୟମାନଙ୍କ ପ୍ରତି ତୀବ୍ର ଘୃଣା, ବିଦ୍ୱେଷ ଯୋଗୁଁ କହିଥିଲେ, ଏପରି ଭାବିବା ପୂରାପୂରି ଯୁକ୍ତିଯୁକ୍ତ ନ ହୋଇପାରେ। ଏମିତି ମଧ୍ୟ ହୋଇପାରେ ଯେ ଯେହେତୁ ସେ ସର୍ବାନ୍ତକରଣରେ ନିଜ ଜାତିର ଲୋକମାନଙ୍କୁ ବିଦ୍ୟା, ବୁଦ୍ଧି, କାର୍ଯ୍ୟ ଦକ୍ଷତାରେ ସର୍ବଶ୍ରେଷ୍ଠ ବୋଲି ଭାବୁଥିଲେ-ତାହା ତାଙ୍କର ଯେତେ ଭ୍ରମପୂର୍ଣ୍ଣ ହେଲେ ବି- ସେଥିପାଇଁ ସେ ଭାରତୀୟମାନଙ୍କୁ ତାଙ୍କରି ଜାତିର ସମ ସ୍ତରକୁ ଆଣିବାକୁ ନିର୍ମଳ, ନିଷ୍ପାପର ଇଚ୍ଛାଟିଏ ପୋଷଣ କରିଥିଲେ। ସେ ଯାହାହେଉ ନା କାହିଁକି- ମାକ୍ୟୁଲେ ନାୟକ ହୁଅନ୍ତୁ ବା ଖଳନାୟକ ହୁଅନ୍ତୁ, ସେ ଇଂରାଜୀ ଭାଷାର ଯେଉଁ ମଞ୍ଜି ବୁଣି ଯାଇଥିଲେ, ସେହି ଏବେ ଏକ ଫଳ ଫୁଲଭରା ମହାଦ୍ରୁମରେ ପରିଣତ ହୋଇଛି ଓ ଆମେ ଭାରତୀୟମାନେ ସେହି ଦ୍ରୁମ-ପ୍ରଦତ୍ତ ପୁଷ୍ଟିତତ୍ତ୍ୱ ଯୋଗୁଁ ବହୁ କ୍ଷେତ୍ରରେ ଆପଣା ଆପଣାର ପରାକାଷ୍ଠା ପ୍ରଦର୍ଶନ କରି ଚାଲିଛୁ, ଏହା ନିର୍ଦ୍ୱନ୍ଦ୍ୱରେ କହିବା ନିଶ୍ଚୟ। ଆମକୁ ମନେ ରଖିବାକୁ ହେବ ଯେ ବହୁ ଭାଷା, ବହୁ ଧର୍ମ, ବହୁ ଗୋଷ୍ଠୀ ତଥା ବିବିଧତାଭରା ଚାଲିଚଳଣ ଓ ସଂସ୍କୃତିର ଦେଶ ଭାରତରେ ଆଜି ଯେଉଁ ପ୍ରକାର ଉଦାହରଣସ୍ତରୀୟ ଐକ୍ୟ, ସଂହତି ସମ୍ଭବ ହୋଇଛି, ତା'ର ମୁଖ୍ୟ ଶ୍ରେୟ ଯିବ ଇଂରାଜୀ ଭାଷାକୁ। ସେ ଦିନ ଆଉ ନାହିଁ, ଯେତେବେଳେ 'ଭାରତୀୟତା' କହିଲେ ଏହି ବିଶାଳ ଦେଶର କେଉଁ ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡର ସାମାଜିକ-ସାଂସ୍କୃତିକ ବିଶେଷତାକୁ ବୁଝାଉ ଥିଲା। ଏବେ 'ଭାରତୀୟତା' ହେଉଛି ଭାରତର ପ୍ରତ୍ୟେକ କ୍ଷୁଦ୍ର ବା ବୃହତ୍ ରାଜ୍ୟ ବା ଅଞ୍ଚଳର ଜନଜୀବନ, ଜନସଂସ୍କୃତିର ସମୁଜ୍ଜ୍ୱଳ ବିଭା ଓ ସମୁଜ୍ଜ୍ୱଳ ପରିଚାୟକ। ଏବଂ ଏହା ସମ୍ଭବ ହୋଇଛି ଇଂରାଜୀ ଭାଷା ଆକୁମାରୀ ହିମାଚଳ ଆଦୃତ ହେବା ଯୋଗୁଁ- ଏହା ଯେତେ ଅପ୍ରିୟ ହେଲେ ମଧ୍ୟ ନିରାଟ ସତ୍ୟ।

ଊନବିଂଶ ଶତାବ୍ଦୀରେ ଭାରତର ପଶ୍ଚିମ ଓ ଉତ୍ତରାଞ୍ଚଳରେ ଯେତେବେଳେ ପର୍ସିଆନ ଓ ଆରବିକ୍ ଭାଷାଭାଷୀମାନଙ୍କ ଅଖଣ୍ଡ ପ୍ରଭାବ ଥିଲା, ସେତେବେଳେ ସେହି ଦୁଇଟି ବିଦେଶୀ ଭାଷା ସହିତ ଏକ ପ୍ରକାର କାମଚଳା ଯୋଗସୂତ୍ର ରକ୍ଷା କରିବା ପାଇଁ ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ଉର୍ଦ୍ଦୁ ଭାଷାର ଉଦ୍ଭବ ହୋଇଥିଲା ଏବଂ ସେହି ଉର୍ଦ୍ଦୁ ଭାଷାରେ ଆମ ଦେଶର ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳର ଅଧିବାସୀମାନେ ପରସ୍ପର ସହିତ ଭାବ ଆଦାନ ପ୍ରଦାନ କରୁଥିଲେ। ଆମେ ଜାଣୁ ଯେ ଦକ୍ଷିଣ ଭାରତରେ ତାମିଲ, ତେଲୁଗୁ, ମାଲାୟାଲମ୍ ଓ କନ୍ନଡ ଭାଷାଭାଷୀ ନିଜ ନିଜ ମାତୃଭାଷାର ମୌଳିକତା, ଅନନ୍ୟତାକୁ ଅତୁଟ ରଖିବା ପାଇଁ ହିନ୍ଦୀ ଭାଷାର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବ ପ୍ରତି କିଛିଟା ବୈରଭାବ ପ୍ରକଟ କରିଥାନ୍ତି। ହୁଏତ ସେମାନେ ଭୟ କରୁଛନ୍ତି ଯେ ଯଦି ସେମାନେ ଭାରତର ବୃହତ୍ ଅଂଶର ଲୋକଙ୍କ 'ହିନ୍ଦୀ'କୁ ଆପଣାଇବେ, ସେମାନଙ୍କ ମାତୃଭାଷାର କ୍ରମୋନ୍ନତି ବ୍ୟାହତ ହେବ। ଏତଦ୍ ବ୍ୟତୀତ ବର୍ତ୍ତମାନର ସରକାର 'ହିନ୍ଦୀ' ଭାଷାକୁ ଯେପରି ମାତ୍ରାଧିକ ପ୍ରୋତ୍ସାହନ ଦେଉଛନ୍ତି, ବିଶେଷକରି ୨୦୨୦ର ନୂତନ ଶିକ୍ଷା ନୀତିରେ ଯେଉଁ 'ତ୍ରିଭାଷୀ' ଶିକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି- ଅର୍ଥାତ୍ ଦୁଇଟି ଭାରତୀୟ ଭାଷା ସହ ଇଂରାଜୀ ଭାଷାରେ ଶିକ୍ଷା ପ୍ରଦାନର ବ୍ୟବସ୍ଥା- ଏହା ଫଳରେ ଦକ୍ଷିଣ ଭାରତୀୟମାନେ ଭାବୁଛନ୍ତି ଯେ ହିନ୍ଦୀ ଭାଷାକୁ ସେମାନଙ୍କ ଉପରେ ପରୋକ୍ଷରେ ଲଦି ଦେବାର ଖଳ ସରକାରୀ ମସୁଧା ଚାଲିଛି ଓ ସେଥିପାଇଁ 'ହିନ୍ଦୀ' ଭାଷା ପ୍ରତି ସେମାନଙ୍କ ବିରୋଧ ଦିନକୁ ଦିନ ଉଗ୍ର ହେବାରେ ଲାଗିବା ଦେଖା ଯାଉଛି। ତେଣୁ ଏ ପ୍ରକାର ବିରୋଧ, ଏ ପ୍ରକାର ବାଦ ବିବାଦକୁ ପ୍ରତିହତ କରି ଉତ୍ତର ଭାରତ ଓ ଦକ୍ଷିଣ ଭାରତ ମଧ୍ୟରେ ସଦ୍‌ଭାବ ସମନ୍ୱୟ ବଜାୟ ରଖିବାର ଏକମାତ୍ର ମାଧ୍ୟମ ହେଉଛି 'ଇଂରାଜୀ'- ଏହା ଅନସ୍ୱୀକାର୍ଯ୍ୟ।

ଏବେ ଆମ ରାଜ୍ୟ ଓଡ଼ିଶାରେ ଇଂରାଜୀ ଭାଷାକୁ ନେଇ ଯେଉଁ ଦ୍ୱନ୍ଦ୍ୱାତ୍ମକ ବିଚାରବିମର୍ଶ ଜାରି ରହିଛି ଓ 'ଓଡ଼ିଆ ଅସ୍ମିତା'ର ଦ୍ୱାହି ଦେଇ କେବଳ ଓଡ଼ିଆ ଭାଷାକୁ ପ୍ରାଥମିକ ସ୍ତରଠାରୁ ଉଚ୍ଚତମ ଶିକ୍ଷା ସ୍ତରରେ, ଏପରିକି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପାଠ୍ୟକ୍ରମରେ ସର୍ବମହତ୍ତ୍ୱ ଦେବାକୁ ତ୍ୱରାକ୍ରାନ୍ତ ଉଦ୍‌ବୋଧନମାନ ଦିଆ ଚାଲିଛି, ତା'ର ଫଳପ୍ରଦତା ନେଇ ଯଦି କେହି ସନ୍ଦେହ, ସଂଶୟ ପ୍ରକାଶ କରେ, ତେବେ ତା'ର ସେ ସନ୍ଦେହ, ସଂଶୟ ପୂରାପୂରି ଭିତ୍ତିହୀନ ବୋଲି କହିହେବ ନାହିଁ। ଆମର ବୁଝିବା ଉଚିତ ଯେ ଇଂରାଜୀ ଭାଷାରେ ଜ୍ଞାନ ବିଜ୍ଞାନର ସୂକ୍ଷ୍ମ, ଜଟିଳତମ ତତ୍ତ୍ୱ, ଧାରଣାଗୁଡ଼ିକୁ ଯେପରି ସାବଲୀଳତା ସହ ପ୍ରକାଶ କରାଯାଇ ପାରିବ, ତାହା କରିବା ପାଇଁ ଆମ ମାତୃଭାଷା ଓଡ଼ିଆ ଏପର୍ଯ୍ୟନ୍ତ କ୍ଷମ ହୋଇନାହିଁ ଏବଂ କ୍ଷମ ହେବା ଯେ ସହଜ, ଏକଥା କୁହାଯାଇ ପାରିବ ନାହିଁ। ବିଜ୍ଞାନ, ପ୍ରଯୁକ୍ତି, ବାଣିଜ୍ୟ, ଏପରିକି ମାନବିକୀ ପାଠ୍ୟକ୍ରମମାନଙ୍କର ଜ୍ଞାନପାଠରେ ପ୍ରତି ମୁହୂର୍ତ୍ତରେ ଯେଉଁସବୁ ଅଭିନବ ଚିନ୍ତା ଚେତନା ତଥା ସୃଜନୀସବୁ ଯୋଡ଼ି ହୋଇ ଚାଲିଛି, ସେ ସଂପର୍କରେ ସମ୍ୟକ୍ ଅବଗତି ପାଇଁ ଆମକୁ ଇଂରାଜୀ ଭାଷା ଉପରେ ହିଁ ନିର୍ଭର କରିବାକୁ ହେବ। ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ପାରଙ୍ଗମ ପ୍ରତିଟି ଓଡ଼ିଆ ଏକଥା ନିଶ୍ଚୟ ହୃଦୟଙ୍ଗମ କରି ପାରୁଥିବେ।●

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**କୋଠିଆଁ ବାରଙ୍ଗ, ଜଗତସିଂହପୁର**
**ମୋ: ୯୮୫୩୩୫୫୧୦୭**

NITIDIN
ନିତିଦିନ
ଶନିବାର , ୧୧ ଜାନୁଆରୀ, ୨୦୨୫

## ଆଫଗାନିସ୍ତାନ ସହ ସମ୍ପର୍କ

ଆଫଗାନିସ୍ତାନରେ ତାଲିବାନମାନେ ୨୦୨୧ରେ ଶାସନ କ୍ଷମତା ହାତକୁ ନେବା ପରେ ବିଶ୍ୱର ଅନେକ ଗୁରୁତ୍ୱପୂର୍ଣ୍ଣ ଦେଶଙ୍କ ଭଳି ଭାରତର ଏହି ଦେଶ ସହିତ ସମ୍ପର୍କ ମଧୁର ରହି ନଥିଲା, ଯଦିଓ ଐତିହାସିକ ଭାବରେ ଏଇ ଦୁଇ ଦେଶ ତା' ପୂର୍ବରୁ ପରସ୍ପରର ମିତ୍ର ରାଷ୍ଟ୍ର ରହି ଆସିଥିଲେ। ତେବେ ନିକଟରେ ଦୁବାଇଠାରେ ଦୁଇ ଦେଶଙ୍କ ମଧ୍ୟରେ ପୁଣିଥରେ ସମ୍ପର୍କ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଏକ ଉଚ୍ଚସ୍ତରୀୟ ଆଲୋଚନା ସମ୍ପନ୍ନ ହୋଇଛି ଭାରତର ବିଦେଶ ସଚିବ ବିକ୍ରମ ମିଶ୍ରି ଏବଂ ତାଲିବାନର କାର୍ଯ୍ୟକାରୀ ବିଦେଶ ମନ୍ତ୍ରୀ ମଲୱି ଅମିର ଖାନ୍ ମୁତ୍ତାକିଙ୍କ ମଧ୍ୟରେ। ଆଫଗାନିସ୍ତାନ ଏବଂ ପାକିସ୍ତାନ ମଧ୍ୟରେ ସମ୍ପର୍କରେ ଦ୍ରୁତ ଅବନତି ଘଟିବା ଏବଂ ଭାରତୀୟ କୂଟନୀତିଜ୍ଞ ଓ ତାଲିବାନୀ କର୍ମକର୍ତ୍ତାମାନଙ୍କ ମଧ୍ୟରେ ପୂର୍ବରୁ ସମ୍ପର୍କ ଯୋଡ଼ିବାର ଉଦ୍ୟମ ପରିପ୍ରେକ୍ଷୀରେ ଏହି ବୈଠକ ଅନୁଷ୍ଠିତ ହୋଇଛି, ଯାହା ଦୁଇ ଦେଶଙ୍କ ଭିତରେ ଦ୍ୱିପାକ୍ଷିକ ସମ୍ପର୍କକୁ ବୃଦ୍ଧି କରିବା ସହିତ ଆଞ୍ଚଳିକ ସମସ୍ୟାଗୁଡ଼ିକର ସମାଧାନ ଉପରେ କେନ୍ଦ୍ରିତ ଥିଲା। ଏହି ଆଲୋଚନାରେ ଯେଉଁସବୁ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା, ସେଗୁଡ଼ିକ ଥିଲା ଅର୍ଥନୀତିକ, ମାନବୀୟ ଏବଂ କୌଶଳପୂର୍ଣ୍ଣ ସହଯୋଗମୂଳକ ପ୍ରସଙ୍ଗ ଯେଉଁଗୁଡ଼ିକ ପ୍ରତି ଜଟିଳ ରାଜନୀତିକ ଗତିଶୀଳତା ସତ୍ତ୍ୱେ ଭାରତର ବାସ୍ତବବାଦୀ ଆଭିମୁଖ୍ୟ ରହି ଆସିଛି। ଆଫଗାନିସ୍ତାନ ସହିତ ଭାରତର ସମ୍ପର୍କ ଐତିହାସିକ ଭାବରେ ଦୃଢ଼ ରହି ଆସିଥିବା ବେଳେ ଏହାର ବିଶେଷତ୍ୱ ସାଂସ୍କୃତିକ ଓ ଅର୍ଥନୀତିକ ସହଯୋଗରେ ନିହିତ। ତେବେ ତାଲିବାନମାନେ ଶାସନ କ୍ଷମତାକୁ ଫେରିବା ପରେ ଏହି ସମ୍ପର୍କରେ ବାଧା ସୃଷ୍ଟି ହୋଇଥିଲା; ଭାରତ ଏହି ଦେଶକୁ ମାନବୀୟ ସହାୟତାମାନ ଯୋଗାଇବା ବଜାୟ ରଖିଥିବା ବେଳେ ଅନ୍ୟାନ୍ୟ କ୍ଷେତ୍ରରେ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ କରି ଚାଲିଥିଲା। ତେବେ ପରିବର୍ତ୍ତିତ ଭୂରାଜନୀତିକ ଦୃଶ୍ୟପଟ, ଏହି ଅଞ୍ଚଳରେ ପାକିସ୍ତାନର କାର୍ଯ୍ୟକଳାପ ଏବଂ ଆଫଗାନିସ୍ତାନର ଉତ୍କଟ ମାନବୀୟ ସଂକଟ ଭାରତ ସହିତ ସମ୍ପର୍କର ପୁନରୁଦ୍ଧାର କରିବା ପାଇଁ ଏହି ଦେଶକୁ ଅନୁଭବ କରିବାକୁ ଦେଇଛି। ସମ୍ପ୍ରତି ଦୁଇ ଦେଶର ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନାଗୁଡ଼ିକ ମଧ୍ୟ ଆଞ୍ଚଳିକ ଉତ୍ତେଜନାମୂଳକ ପରିସ୍ଥିତି ଭିତରେ ପ୍ରାସଙ୍ଗିକତାକୁ ବହନ କରିଛି, ବିଶେଷକରି ଆଫଗାନିସ୍ତାନରେ ପାକିସ୍ତାନର ବିମାନ ଆକ୍ରମଣ ପରିପ୍ରେକ୍ଷୀରେ, ଯାହାକୁ ଭାରତ ତୀବ୍ର ନିନ୍ଦା କରିଛି। ଇସଲାମାବାଦର ଏହି ଅସ୍ଥିରତା ସୃଷ୍ଟିକାରୀ କାର୍ଯ୍ୟ ଭାରତ ଓ ଆଫଗାନିସ୍ତାନର ସ୍ୱାର୍ଥଗୁଡ଼ିକ ପ୍ରତି ବିପଜ୍ଜନକ ଯାହା ଉଭୟଙ୍କ ମଧ୍ୟରେ ପୁନଃସହଯୋଗ ନିମନ୍ତେ ଭିତ୍ତିଭୂମି ଯୋଗାଇ ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

ଦୁବାଇଠାରେ ଅନୁଷ୍ଠିତ ବୈଠକରେ ଅନେକଗୁଡ଼ିଏ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଆଫଗାନିସ୍ତାନର ପୁନରୁଦ୍ଧାର ନିମନ୍ତେ ଭାରତ ସହାୟତା ପ୍ରଦାନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଭାରତ ଏହି ବୈଠକରେ ଦୋହରାଇ ଥିଲା। ଭାରତ ପୂର୍ବରୁ ନିଜର ଅବଦାନ ଯଥା ୫୦ ହଜାର ମେଟ୍ରିକ୍ ଟନ୍ ଗହମ, ଚିକିତ୍ସା ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ଟିକା ଇତ୍ୟାଦି ସହିତ ସ୍ୱାସ୍ଥ୍ୟସେବା, ଖାଦ୍ୟ ସୁରକ୍ଷା ଏବଂ ବିପର୍ଯ୍ୟୟ ପ୍ରଶମନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରମାନଙ୍କରେ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ପ୍ରଦାନ କରିଛି। ଏତଦ୍ ବ୍ୟତୀତ ପ୍ରମୁଖ ସାମଗ୍ରୀଗୁଡ଼ିକର ବ୍ୟବସାୟିକ କାରବାର ଏବଂ ମାନବୀୟ ଯୋଗାଣ ପଥ ଭାବରେ ଇରାନ୍‌ସ୍ଥିତ ଚାବାହାର ବନ୍ଦରର କୌଶଳପୂର୍ଣ୍ଣ ଗୁରୁତ୍ୱ ଉପରେ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଛନ୍ତି। ପାକିସ୍ତାନକୁ ଏଡ଼ାଇ ଯାଇ ଏହି ବନ୍ଦର ଜରିଆରେ ଆଫଗାନିସ୍ତାନ ବିଶ୍ୱର ଅନେକ ରାଷ୍ଟ୍ରଙ୍କ ସହିତ ବ୍ୟବସାୟ ବାଣିଜ୍ୟ କରିବାର ସୁଯୋଗ ପାଇ ପାରିବ ଏବଂ ଏହି ଯୁଦ୍ଧ ବିଧ୍ୱସ୍ତ ଦେଶ ପାଇଁ ଅର୍ଥନୀତିକ ଜୀବନରେଖାକୁ ଦୃଢ଼ କରି ପାରିବ। ଏହି ଦେଶରେ ଭିତ୍ତିଭୂମି ଓ ସାମର୍ଥ୍ୟ-ନିର୍ମାଣ ପ୍ରକଳ୍ପଗୁଡ଼ିକ ସମେତ ସମସ୍ତ ପ୍ରକାରର ବିକାଶମୂଳକ କାର୍ଯ୍ୟକଳାପଗୁଡ଼ିକର ପୁନରାରମ୍ଭ କରିବା ନିମନ୍ତେ ଭାରତ ନିଜର ଆଗ୍ରହକୁ ବ୍ୟକ୍ତ କରିଛି। ତାଲିବାନର ଶାସନ ଦ୍ୱାରା ଉପସ୍ଥାପିତ ଆହ୍ୱାନଗୁଡ଼ିକ ସତ୍ତ୍ୱେ ଆଫଗାନିସ୍ତାନର ସାମାଜିକ-ଅର୍ଥନୀତିକ ଢାଞ୍ଚାକୁ ଶକ୍ତିଶାଳୀ କରିବା ପାଇଁ ଭାରତର ଇଚ୍ଛାକୁ ଏହା ପ୍ରଦର୍ଶିତ କରିଛି। ଆତଙ୍କବାଦ ଓ ଆଞ୍ଚଳିକ ସ୍ଥିରତାକୁ ନେଇ ଭାରତର ରହିଥିବା ଚିନ୍ତାକୁ ଆଫଗାନ ପ୍ରତିନିଧି ମଣ୍ଡଳୀ ଅନୁଭବ କରି ପାରିଥିଲେ। ସେମାନେ ଭାରତ-ବିରୋଧୀ କାର୍ଯ୍ୟକଳାପ ନିମନ୍ତେ ଆଫଗାନିସ୍ତାନର ମାଟି କିପରି ଭୂସ୍ୱର୍ଗରେ ପରିଣତ ନହେବ, ତାହା କରିବା ନିମନ୍ତେ ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦେବାକୁ ଆଶ୍ୱାସନା ପ୍ରଦାନ କରିଥିଲେ।

ମୋଟାମୋଟି ଏହି ଆଲୋଚନା ତାଲିବାନମାନଙ୍କ ଅକ୍ତିଆରକୁ ଚାଲିଯିବା ପରେ ଭାରତର ଆଫଗାନିସ୍ତାନ ପ୍ରତି ରହିଥିବା ଆଭିମୁଖ୍ୟରେ ପରିବର୍ତ୍ତନର ସଙ୍କେତ ପ୍ରଦାନ କରିଛି। ଏହି ଆଲୋଚନା ହୁଏତ ଅନ୍ୟାନ୍ୟ ଦେଶମାନଙ୍କୁ ଆଫଗାନ ସରକାରଙ୍କ ସହିତ ସମ୍ପର୍କ ରକ୍ଷା କରିବାର ଆବଶ୍ୟକତାକୁ ଅନୁଭବ କରାଇ ସମାନ ଧରଣର ଆଭିମୁଖ୍ୟ ଆପଣାଇବାକୁ ଉତ୍ସାହିତ କରିପାରେ। ତେବେ ଏହି ଆଲୋଚନାର ସବୁଠୁ ବଡ଼ ନିଷ୍କର୍ଷଟି ହେଉଛି- ସମ୍ପୃକ୍ତ ଅଞ୍ଚଳରେ ପାକିସ୍ତାନର ପ୍ରଭାବକୁ କ୍ଷୁଣ୍ଣ କରିବା ନିମନ୍ତେ ଭାରତ ଓ ଆଫଗାନିସ୍ତାନ ଭିତରେ ଏହି ବୈଠକ ସମ୍ପର୍କକୁ ଦୃଢ଼ୀଭୂତ କରିବା ଦିଗରେ ଆଗେଇ ନେବ। ଆଫଗାନିସ୍ତାନ ଉପରେ ପାକିସ୍ତାନର ସାମ୍ପ୍ରତିକ ସମୟର ବିମାନ ଆକ୍ରମଣ ଦ୍ୱାରା ଅଧିକ ବୃଦ୍ଧି ପାଇଥିବା ତିକ୍ତତାପୂର୍ଣ୍ଣ ସମ୍ପର୍କ ଭାରତ ପାଇଁ ଏକ ସୁଯୋଗ ପ୍ରଦାନ କରିଛି ନିଜକୁ ଏକ ନିର୍ଭରଯୋଗ୍ୟ ଭାଗିଦାର ଭାବରେ ଆଫଗାନିସ୍ତାନ ନିକଟରେ ଉପସ୍ଥାପନ କରିବା ପାଇଁ। ଚାବାହାର ବନ୍ଦର ଜରିଆରେ ବ୍ୟବସାୟିକ କାରବାରର ପୁନରୁଦ୍ଧାର ଏବଂ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ପୁନରାରମ୍ଭ ଆଫଗାନିସ୍ତାନର ଅର୍ଥନୀତିକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ କେନ୍ଦ୍ର ଏସିଆରେ ଭାରତକୁ ତା'ର ପାଦ ଦୃଢ଼ ଭାବରେ ସ୍ଥାପନ କରିବାର ସୁଯୋଗ ପ୍ରଦାନ କରିବ।●

## ସମ୍ମାନୀୟ ମାନ୍ୟବର ହରି ବାବୁ କମ୍ଭମ୍‌ପତି

### ଓଡ଼ିଶାର ମାନ୍ୟବର ରାଜ୍ୟପାଳ,ରାଜଭବନ, ଭୁବନେଶ୍ୱର, ଓଡ଼ିଶା

**ମହୋଦୟ,**

ଆରମ୍ଭରେ, ଓଡ଼ିଶାର ରାଜ୍ୟପାଳ ଭାବରେ ଆପଣ କାର୍ଯ୍ୟଭାର ଗ୍ରହଣ କରିଥିବାରୁ ମୁଁ ମୋର ହୃଦୟରୁ ଅଭିନନ୍ଦନ ଜଣାଉଛି। ଏହା ମୋର ଦୃଢ଼ ଆଶା, ଭରସା ଓ ବିଶ୍ୱାସ ଆପଣଙ୍କ ସମ୍ମାନଜନକ ନେତୃତ୍ୱ ଆମ ପ୍ରିୟ ରାଜ୍ୟ ଓଡ଼ିଶା ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତର ମାର୍ଗ ପ୍ରଦର୍ଶନ କରିବ।

ବିଗତ ଛଅ ଦଶନ୍ଧିରୁ ଅଧିକ ସମୟ ଧରି ଜର୍ମାନୀରେ ବାସ କରିବା ସତ୍ତ୍ୱେ ଓଡ଼ିଶା ସହିତ ଗଭୀର ଭାବେ ସଂପୃକ୍ତ ଥିବା ଜଣେ ବ୍ୟକ୍ତି ଭାବରେ ମୁଁ ଆମ ରାଜ୍ୟରେ ହୋଇଥିବା ବିକାଶକୁ ଅତି ଆଗ୍ରହରେ ଅନୁସରଣ କରିଛି। ମୁଁ ଆଜି ଆପଣଙ୍କୁ ଏକ ସ୍ପର୍ଶକାତର ବିଷୟରେ ବିନମ୍ରତା ସହ ଲେଖୁଛି ଏବଂ ତ୍ୱରିତ ଆପଣଙ୍କ ଲୋଚନକୁ ଆଣିବାକୁ ଚାହୁଁଛି, କାରଣ ଏହି ବିଷୟଟି ଓଡ଼ିଶାର ପ୍ରଗତିରେ ବାଧା ସୃଷ୍ଟି କରିଛି ଏବଂ ଅଗଣିତ ଓଡ଼ିଆଙ୍କୁ ବ୍ୟଥିତ କରୁଛି- ତାହା ହେଲା, ଆମର ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଅସ୍ଥିରତା।

ଓଡ଼ିଶା ବିଶ୍ୱବିଦ୍ୟାଳୟଗୁଡ଼ିକର ପରିଚାଳନା କରୁଥିବା ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯ର ସଂଶୋଧନ ୧୯୯୯, ୨୦୦୨, ଏବଂ ୨୦୨୦ ହୋଇଛି। ଏହି ଅଧିନିୟମର ୨୦୨୦ରେ ହୋଇଥିବା ସଂଶୋଧନରେ ସିନେଟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରଦ୍ଦ କରି ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)କୁ ଏକାଡେମିକ କର୍ମଚାରୀ ନିଯୁକ୍ତି କରିବାର କ୍ଷମତା ଦେଇଥିଲା। ଏହି ସଂଶୋଧନକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏବଂ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ବିରୋଧ କରାଯାଇଥିଲା। ପରେ ରାଜ୍ୟ କ୍ୟାବିନେଟ କୁଳପତି ଚୟନରେ ପୂର୍ବ ପ୍ରଚଳିତ ସ୍ୱତନ୍ତ୍ରତା ବଜାୟ ରଖିବା ଓ ସରକାରୀ ବିଶ୍ୱବିଦ୍ୟାଳୟର ସ୍ୱାଧୀନତା ବୃଦ୍ଧି ଓ ଅଧ୍ୟାପକ ନିଯୁକ୍ତିରେ ଉତ୍କର୍ଷ ଆଣିବା ପାଇଁ ଅଧିନିୟମରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଥିଲେ। ଆଶା କରାଯାଉଥିଲା ଏହି ପ୍ରକ୍ରିୟା ଦ୍ୱାରା ଖୁବ୍ ଶୀଘ୍ର ପୂର୍ବ ପରି ବିଶ୍ୱବିଦ୍ୟାଳୟ ସ୍ୱାଧୀନ ନିଷ୍ପତ୍ତି ନେବାକୁ ସକ୍ଷମ ହେବ ଏବଂ ସିନେଟର ପୁନଃପ୍ରଚଳନ ହୋଇ ବିଶ୍ୱବିଦ୍ୟାଳୟଗୁଡ଼ିକ ସଶକ୍ତ ହେବ। ପରନ୍ତୁ, ସଂଶୋଧନ ପ୍ରସ୍ତାବ ଏଯାଏଁ ସରକାରଙ୍କ ଅନୁମୋଦନ ଅପେକ୍ଷାରେ ଥିବାରୁ ଏକ ପ୍ରକାର ସ୍ଥିରାବସ୍ଥା ସୃଷ୍ଟି ହୋଇଛି।

ଫଳତଃ, ଉଚ୍ଚଶିକ୍ଷାର ଅଭିବୃଦ୍ଧିରେ ଏକ ଅଭୂତପୂର୍ବ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ନୂତନ ଅଧ୍ୟାପକଙ୍କ ନିଯୁକ୍ତି ଉପରେ ପ୍ରତିବନ୍ଧକ ଲଗାଇ, ଏହି ନିୟମ ଏକ ଅସ୍ଥିରତା ସୃଷ୍ଟି କରିଛି, ଯାହା ଉଚ୍ଚଶିକ୍ଷାର ଗୁଣବତ୍ତା ଏବଂ ଉପଲବ୍ଧତା ପ୍ରତି ଘୋର ବିପଦ ଆଣି ଦେଇଛି। ଆମର ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକ, ଯାହା ଶିକ୍ଷା ଏବଂ ନବସୃଜନର ବିକାଶକାରୀ ହବ୍ ହେବା ଉଚିତ୍, ତା' ନହୋଇ ଅନୁଷ୍ଠାନଗୁଡ଼ିକର ଦ୍ରୁତ ଅଧୋଗତି ଘଟି ଚାଲିଛି। ପୃଥିବୀର ଅଭିବୃଦ୍ଧି ସହିତ ତାଳ ଦେଇ ଗତି କରିବାକୁ ଓଡ଼ିଶାର ଯୁବ ସମାଜ ଆଜି ସଂଘର୍ଷ କରୁଛି।

ମାନ୍ୟବର, ଆପଣ ନିଜ ଟେକ୍ନୋକ୍ରାଟ ପୃଷ୍ଠଭୂମି ସହ ଏହି ଘଡ଼ିସନ୍ଧି ସମୟରେ ବ୍ୟବସ୍ଥିତ ପ୍ରକ୍ରିୟାର ମହତ୍ତ୍ୱ ବୁଝିବା ଓ ଆବଶ୍ୟକ ସଂସ୍କାର ଆଣିବା ପାଇଁ ଅଗଣିତ ଓଡ଼ିଆଙ୍କ ସମ୍ମୁଖରେ ଆଶା ଓ ଭରସାର ଉତ୍ସ ହୋଇ ଉଭା ହେଇଛନ୍ତି। ମୁଁ ନିଶ୍ଚିତ ଭାବେ ଅନୁଭବ କରୁଛି ଯେ ଏହି ଅସ୍ଥିରତାକୁ ଦୂର କରିବା ପାଇଁ ଆପଣଙ୍କ ଉପସ୍ଥିତି ଏକ ପ୍ରକୃଷ୍ଟ ସମୟ। ଆପଣଙ୍କ ମାର୍ଗଦର୍ଶନ ଖୁବ୍ ଶୀଘ୍ର ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ପନ୍ଦନ ଏବଂ ଉତ୍କର୍ଷ ଫେରାଇ ଆଣିବ। ନୀତିଗୁଡ଼ିକୁ ପୁନଃଅନୁଧ୍ୟାନ ଓ ଏହାର ଉଚିତ ସଂସ୍କାର ପ୍ରକ୍ରିୟା ଆରମ୍ଭ ହେବ- ଏହା ମୋର ଦୃଢ଼ ବିଶ୍ୱାସ।

ଓଡ଼ିଶାର ଯୁବ ସମାଜ ଏକ ନିର୍ମଳ ପରିବେଶରେ ଉଚ୍ଚତର ଜ୍ଞାନ ଆହରଣ କରିବାକୁ ସର୍ବଦା ଆଗ୍ରହୀ। ସେମାନେ ସମାଜକୁ ନିଜ ଉତ୍କୃଷ୍ଟ ଗୁଣବତ୍ତା ଆଧାରରେ ପ୍ରତିଦାନ ଦେବା ପାଇଁ ଉତ୍ସାହର ସହିତ ଅପେକ୍ଷାରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ଆପଣଙ୍କ ନିର୍ଣ୍ଣାୟକ କାର୍ଯ୍ୟ ଏହି ସଙ୍କଟକୁ ସମାଧାନ କରି ପାରିବ ଏବଂ ଆଗାମୀ ବର୍ଷରେ ଏକ ଦୃଢ଼ ଶିକ୍ଷା ବ୍ୟବସ୍ଥାର ମୂଳଦୁଆ ପକାଇବ।

ମୁଁ ଓ ମୋ ସହିତ ଓଡ଼ିଶାର ଚିନ୍ତାଶୀଳ ଜନ ସମାଜ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଆପଣଙ୍କ ପଦକ୍ଷେପକୁ ଅପେକ୍ଷା କରିଛନ୍ତି। ଆମେ ଆମର ଦୃଷ୍ଟିକୋଣ ଏବଂ ଆମ ରାଜ୍ୟର କଲ୍ୟାଣ ପାଇଁ ପ୍ରତିବଦ୍ଧତା ଉପରେ ବିଶ୍ୱାସ କରୁ ଏବଂ ଶୀଘ୍ର ଦୃଷ୍ଟାନ୍ତମୂଳକ ପ୍ରଗତି ଦେଖିବାକୁ ଆଶା କରୁ।

ଆପଣଙ୍କ କାର୍ଯ୍ୟକାଳ ପାଇଁ ଅଶେଷ ଶୁଭେଚ୍ଛା ସହ ବିନମ୍ର ପ୍ରଣାମ।

**ରାଜେନ୍ଦ୍ର ନାରାୟଣ ଦାସ**
**(ଗତ ୬୪ ବର୍ଷ ଧରି ଜର୍ମାନୀରେ ବାସ କରୁଥିବା ଜଣେ ଗର୍ବିତ ଓଡ଼ିଆ)**
**ଠିକଣା: ଡକ୍ଟର ରାଜେନ୍ଦ୍ର ନାରାୟଣ ଦାସ, ଗିଲବାଖ୍ ଷ୍ଟ୍ରାସେ ୯୫ଏ, ୪୧୪୬୬ ନଏସ୍, ଜର୍ମାନୀ**
**ଇମେଲ୍: drrajendradas.germany@gmail.com**

## ବିଛଣା



ବିଜୟ ଦାସ

କେବେ ତୁଳିତଳପ ପଲଙ୍କରେ, କେବେ ଭୂମିରେ, କେବେ ପତ୍ର ସମୂହରେ ଯେଉଁ ଶୋଇବାର ଆସ୍ତରଣ, ତାହା ହିଁ ବିଛଣା। ଶେଯ ବା ଶଯ୍ୟା କହି ପାରିବା। କେବେ ମୁଦ୍ରିତ ନୟନରେ, କେବେ ଅର୍ଦ୍ଧମୁଦ୍ରିତ ଚକ୍ଷୁରେ, ପୁଣି କେବେ ମୁକ୍ତ ପଲକର ଆଖିରେ ଶୋଇବାର ଉପକ୍ରମ ଏହି ବିଛଣାରେ। ବିଛଣା ଏକ ଶ୍ରମ ଲାଘବର ବସ୍ତୁ; ପୁଣି ଭାବନା ଓ ସ୍ୱପ୍ନର ପରିସୀମା। ଶାନ୍ତିର ନିଃଶ୍ୱାସ ମାରିବାକୁ, ଟିକିଏ ଆଶ୍ୱସ୍ତି ପାଇଁ ଯଦିବା ଦରକାର, ଅଶ୍ୱସ୍ତିରୁ ମୁକ୍ତି ଓ ଚିନ୍ତନର ଅବସର ପାଇଁ ମଧ୍ୟ ଅପରିହାର୍ଯ୍ୟ। ନିଃଶ୍ୱାସ ବନ୍ଦ ହୋଇଗଲେ ମଧ୍ୟ ଜୁଇ କାଠର ବିଛଣାରେ ସମାପ୍ତ ହୁଏ ଶରୀର। ଅତଏବ, ବିଛଣା କେତେବେଳେ ସ୍ମୃତିର ଦସ୍ତାବିଜ୍ ତ କେତେବେଳେ ଶରୀରର ସାହାରା। ଅବସାଦ ଶୋଷି ନେଉଥିବାର ବସ୍ତୁ ତ ସ୍ୱେଦର ପାପୋଛ। ପ୍ରତୀକାତ୍ମକ ଭାବେ ଭାବର ମୂକସାକ୍ଷୀ ଓ ସ୍ୱପ୍ନର ସମ୍ଭାର।

ଜନ୍ମରୁ ଜୁଇ ପର୍ଯ୍ୟନ୍ତ ସାଥୀ ହୋଇ ରହିଥିବା ବିଛଣାର ଏକ ଅନନ୍ୟ ଗୁଣ ହେଉଛି, ଗୁଣସୂତ୍ରର ସୂତ୍ରଧର। ପୁରୁଷ ଓ ପ୍ରକୃତି ପ୍ରେମର ମଧ୍ୟସ୍ଥି। ସୃଷ୍ଟିର ସାମର୍ଥ୍ୟ ଓ ସର୍ଜନାର ଭିତ୍ତିଭୂମି। ଏମନ୍ତ ଶଯ୍ୟାକୁ କେହି ବି ଅଜାଣତେ ଭୁଲି ଯାଇପାରେ, ମାତ୍ର ଶଯ୍ୟା ଭୁଲେନାହିଁ ଠିକ୍ ମନ ପରି। ବେଳେବେଳେ ଶରୀର ମଧ୍ୟ ଶଯ୍ୟା ହୋଇଯାଏ ମାଟିରେ ମିଶି। ଯେପରିକି ଗୋପବନ୍ଧୁଙ୍କ ଭାଷାରେ 'ମିଶୁ ମୋର ଦେହ ଏ ଦେଶ ମାଟିରେ...।' ଏହା ଏକ ପବିତ୍ର ସ୍ଥାନ, ଯେଉଁଠାରେ ସବୁ ଅହଂର ଶେଷ, ସବୁ ପ୍ରେମର ସମାପ୍ତି ଓ ସବୁ ଉଚ୍ଛ୍ୱାସର ଜାଗରଣ। ମୁନି ଋଷିମାନଙ୍କର ଭୂମିରେ ଶୟନ ଅଥବା ପତ୍ର ବିଛଣାରେ ଶୟନ ମାଟି ସହିତ ସଂଲଗ୍ନ ରହିବାର ପ୍ରକ୍ରିୟା। ସାଂସାରିକ ବିଳାସ ବ୍ୟସନ ନିଶ୍ଚେ ପଲଙ୍କ ଉପରେ ତୁଳିତଳପ ଶଯ୍ୟାରେ ଶେଷ।

ଶଯ୍ୟା ବି ବିଛଣା ଦେଖେ ସୁପ୍ତ ଓ ଜାଗ୍ରତର ଅବସ୍ଥା। ଜାଗ୍ରତରେ ଜୀବନ ଓ ନିଦ୍ରାରେ ଜୀବନ ଭିତରେ ଫରକ୍ ସେ ହିଁ ଜାଣେ। ଧସେଇ ପଶୁଥିବା ସ୍ୱପ୍ନର ପାଦଚିହ୍ନ ଓ ନିଦ ବୁଣୁଥିବା ସ୍ୱପ୍ନ ମଞ୍ଜିର ଅଙ୍କୁରୋଦ୍‌ଗମ ହିଁ ଦେଖୁଥାଏ ବିଛଣା। ଶରୀରର ଉତ୍ତାପ ପାଇଁ, ମନର ଜାଗ୍ରତ ପାଇଁ ଶଯ୍ୟା ନିଶ୍ଚେ ତତ୍ପର। ଶୃଙ୍ଗାରର ସଂସ୍କୃତି ଓ ଅପସଂସ୍କୃତି ପାଇଁ ହୁଏତ ସେ ଦାୟୀ ନୁହେଁ। ସ୍ୱାମୀ ସ୍ତ୍ରୀର ପ୍ରେମରେ ସେ ଶାଶ୍ୱତ ଓ ବାରନାରୀ ଓ ପରନାରୀର ମିଳନରେ ମଇଳା। ବିଛଣା ପୁଣି ମଣିଷର ଭାଗ୍ୟ ସହ ଜଡ଼ିତ। ଫୁଲର ବିଛଣା କି ମାଟି ଶଯ୍ୟା- ତାହା ହିଁ ସୌଭାଗ୍ୟ ଓ ଦୁର୍ଭାଗ୍ୟର ପରିଚାୟକ। ଗଜଦନ୍ତ ପଲଙ୍କ କି ଦଉଡ଼ିଆ ଖଟିଆ- ଏହା ମଧ୍ୟ ଦର୍ଶାଇ ଥାଏ ଧନୀ ଓ ନିର୍ଦ୍ଧନକୁ।

ଫୁଲଶଯ୍ୟା ପୁରୁଷ ଓ ପ୍ରକୃତିର ପ୍ରଥମ ମିଳନର ମୂକସାକ୍ଷୀ। ଏହା ଏକ ମାଙ୍ଗଳିକ କାର୍ଯ୍ୟ ନୂତନ ସର୍ଜନାର ପ୍ରକ୍ରିୟାରେ। କଣ୍ଟାର ବିଛଣା ଦୁର୍ଦ୍ଦଶାର ସନ୍ତକ। ପୁଣି ବିଛଣାର ଉଚ୍ଚାରଣ ବେଳେବେଳେ ଅପଶବ୍ଦର କୁହାଟ। କୋକେଇ ହେଉଛି ମଣିଷର ଶେଷ ବିଛଣା। ଏଥକୁ ବିଛଣାର ବର୍ଣ୍ଣନା କ'ଣ କେବେ ବସ୍ତୁବାଦର ପ୍ରତୀକ! ବୋଧହୁଏ ଆମେ ଅଧିକ ବିଶ୍ଳେଷଣ କରିବା। ଅନ୍ୟ ପଶୁପକ୍ଷୀଙ୍କ ପରି ମଣିଷର ବିଛଣା ଭିନ୍ନ। କାରଣ, ନିଦ୍ରାଗତ ଶରୀରକୁ ବିଛଣା ଲୋଡ଼ା ହେଲେ ପଶୁପକ୍ଷୀଙ୍କର ଶୟନ ହୁଏତ ଦଣ୍ଡାୟମାନ ଅବସ୍ଥାରେ, ବସିବା ଅବସ୍ଥାରେ ହୋଇପାରେ। ଏଥକୁ ଶରୀରକୁ ଶାନ୍ତି ପ୍ରଦାନ ପାଇଁ ସର୍ବଦା ମଣିଷର ସାହଚର୍ଯ୍ୟ ଦରକାର ପଡ଼େ ବିଛଣାର।

ଶୟନ କକ୍ଷର ସାଜସଜ୍ଜା ଯେତେ ସୁନ୍ଦର ହେଉ ନା କାହିଁକି, ଶଯ୍ୟା ବା ଶେଯ ଯଦି ଆରାମଦାୟକ ନହୁଏ, ତେବେ ସବୁ ବୃଥା। ସେହିପରି ମଣିଷର ବାହାରର ସୁନ୍ଦରତା କେବେ ସୁନ୍ଦର ନୁହେଁ, ଯଦି ଏହା ଭିତରର ଶେଯ କାହାକୁ ଶାନ୍ତି ଦେଇ ନ ପାରିଲା। କହିବା ବାହୁଲ୍ୟ, ଏହା ହିଁ ଗୁଣବତ୍ତା। ଯେପରି ଶଯ୍ୟା ନିଜକୁ କଷ୍ଟ ଦେଇ ଶରୀରକୁ ଶାନ୍ତି ପ୍ରଦାନ କରେ, ସେହିପରି 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ'ର ସମର୍ପଣ ଭାବ ଦରକାର। ଏହା ନିଶ୍ଚେ କହିବା ସହଜ ଓ କରିବା କଷ୍ଟକର। ତଥାପି ଅନ୍ୟର ବୋଝ ମୁଣ୍ଡେଇ କାହାକୁ ହାଲୁକା କରିବାର ପ୍ରୟାସ ହିଁ ମାନବିକତା- ସେ ଧନରେ ହେଉ, ପରାମର୍ଶରେ ହେଉ।

କାହା ପାଇଁ ବିଛଣା ପାରିଦେବା ନିଶ୍ଚେ ଏକ ମହତ୍ କାର୍ଯ୍ୟ। ଆତିଥ୍ୟର ଶେଷ ପର୍ଯ୍ୟାୟ ନିଶ୍ଚେ ଶଯ୍ୟା ପାରିଦେବା। କ୍ଳାନ୍ତ ଅତିଥି ପାଇଁ ଏହା ହିଁ ତ ଶ୍ରେଷ୍ଠ ନିଦର୍ଶନ ଆତିଥ୍ୟର। ଶଯ୍ୟା ଛାଡ଼ିବାର ଅର୍ଥ ବଳ ଗୋଟାଇ ନୂତନ କାର୍ଯ୍ୟର ପ୍ରୟାସ କରିବା। ଏମିତିରେ ପ୍ରତ୍ୟେକ କାର୍ଯ୍ୟ ପାଇଁ ଏକ ଏକ ନିର୍ଦ୍ଦିଷ୍ଟ ଶଯ୍ୟା ରହିଛି। ଯେପରିକି ଗୃହର ମୂଳଦୁଆ ହିଁ ତା'ର ଶେଯ। ନଦୀର ଶଯ୍ୟା ବୋଇଲେ ଜଳ ଭାରକୁ ବୋହି ନବାର ଆସ୍ତରଣ। ଯଜ୍ଞର ଶଯ୍ୟା ଯଦି ଯଜ୍ଞବେଦୀ, ତେବେ ଅଜ୍ଞର ଶେଯ ନିଶ୍ଚେ ଅହଂ। ଯାହାକୁ ଆମେ ଭିତ୍ତିଭୂମି ବୋଲି କୁହନ୍ତି, ତାହା ହିଁ ତ ଶଯ୍ୟା। ପାଠକର ଶେଯ ସିନା ଲେଖା, ଲେଖକର ଶଯ୍ୟା ତ କାଗଜ। ଅନ୍ଧର ଶେଯ ଯଦି ଅନ୍ଧାର ହୁଏ, ତେବେ ମଣିଷ କିଆଁ କାମାନ୍ଧ, ଧର୍ମାନ୍ଧ ହୁଏ ଯେ!

ଜୁଇର ଶେଯ ପାଉଁଶ ହେଲା ପରେ ବି ଜାଳି ଦେଇଥାଏ ସ୍ମୃତିର ନିଆଁ। ଜୁଇ ଶେଯ ଲିଭିଯାଏ, ମାତ୍ର ସର୍ବଦା ଉତ୍ତାପ ଦେଉଥିବା ଶେଯ ତା'ର ଉତ୍ତାପ ଛାଡ଼ି ଦେଇଯାଏ ମନରେ ଜ୍ଞାତି କୁଟୁମ୍ବ ସଖା ସହୋଦରଙ୍କ ପାଖରେ। ବିଛଣା ଏକ ବିଛେଇ ହୋଇଥିବା ଆସ୍ତରଣ, ଶରୀରକୁ ନିଶ୍ଚଳ ଅବସ୍ଥାରେ ସୁରକ୍ଷା ଦେଉଥିବା ପଦାର୍ଥ ହୋଇପାରେ, ମାତ୍ର ଆତ୍ମାକୁ ଧାରଣ କରିଥିବା ବିଭୁସତ୍ତାର ଶଯ୍ୟା ଠିକ୍ ଶିଶୁର ମାଆ କୋଳର ଶେଯ ବା ବିଛଣା ପାରି।●

## ବିଞ୍ଚଣା

ବ୍ୟଜନ ବା ପଙ୍ଖାର ଅନ୍ୟ ନାମ ବିଞ୍ଚଣା। ଅଦୃଶ୍ୟମାନ ପବନକୁ ହଲ୍‌ଚଲ୍ କରିଦେବାର ମାଧ୍ୟମ ହେଉଛି ବିଞ୍ଚଣା। ସିଧା ଅନୁଭବରେ ଆମେ ପବନକୁ ନିଜର ପ୍ରଶାନ୍ତି ପାଇଁ ନିଜ ଆଡ଼କୁ ଅଣେଇ ଆଣୁ। ମନ୍ଥର ଅଥବ ଅସ୍ଥିର ପବନକୁ ନିଜ ଶରୀର ଉପରେ ସଞ୍ଚରିତ କରିବାର ପ୍ରକ୍ରିୟା ଏହାଦ୍ୱାରା ସାଧିତ ହୁଏ। ସବୁଠାରୁ ହାଲୁକା ଓ ବୋଲକରା ନିଶ୍ଚେ ବାୟୁ। ନିଃଶ୍ୱାସ ପ୍ରଶ୍ୱାସରେ ଯା' ଆସ କରୁଥିବା ପବନ ନିଶ୍ଚେ ଜୀବନର ଶକ୍ତିରେ ଆତଯାତ। ହେଲେ ବିଞ୍ଚଣା ଏ ପ୍ରକ୍ରିୟାରୁ ଭିନ୍ନ। ବାଧା ସୃଷ୍ଟି କରି, ପବନର ଗତିରୋଧ କରି ଘୂର୍ଣ୍ଣାୟମାନ ଅବସ୍ଥାକୁ ଆଣିବା ହିଁ ବିଞ୍ଚଣାର କାର୍ଯ୍ୟ। ଏହା ଶରୀରର ଉତ୍ତାପକୁ ହ୍ରାସ କରିବାକୁ ତଥା ସହଜ ନିଃଶ୍ୱାସ ପ୍ରଶ୍ୱାସ ପାଇଁ ବ୍ୟବହାର କରାଯାଏ ନିଶ୍ଚୟ।




ଏଥିପାଇଁ ବୋଧହୁଏ ପ୍ରତୀକାତ୍ମକ ଭାବେ ଆମେ ମନକୁ ଶାନ୍ତି ଦେଉଥିବା ବାଣୀ, ସଂଗୀତ ଓ ଶିକ୍ଷାକୁ ବିଞ୍ଚଣା ସହ ତୁଳନା କରନ୍ତି। ସର୍ବୋପରି, ଯେଉଁ ମଣିଷ ସମାଜକୁ ଶାନ୍ତି ଓ ପ୍ରଗତିର ବାର୍ତ୍ତା ଦେଉଥାଏ, ସେ ନିଶ୍ଚେ ଜଣେ ବିଞ୍ଚଣା। କିନ୍ତୁ ବିଞ୍ଚଣା ଏକ ନଦୀବନ୍ଧ ପରି ପ୍ରତିବନ୍ଧକ। ଏହି ପ୍ରତିବନ୍ଧକ ମାନବ ସମାଜର ଉନ୍ନତି ପାଇଁ। ଯେପରିକି ନଦୀବନ୍ଧ ଦ୍ୱାରା ଜଳକୁ ନିୟନ୍ତ୍ରିତ କରି ବିଜୁଳି ଉତ୍ପାଦନ ଓ ଜଳସେଚନରେ ବ୍ୟବହାର କରାଯାଏ, ସେହିପରି ବିଞ୍ଚଣା ଏକ ନିୟନ୍ତ୍ରକ। ଉତ୍ତାପ ହ୍ରାସ ପାଇଁ ହେଉ କି ମଶା ମାଛି ଘଉଡ଼ାଇବାକୁ ହେଉ, ବିଞ୍ଚଣା ଆମ ପାଇଁ ଏକ ଅମୋଘ ଅସ୍ତ୍ର।

ଏଥକୁ ବିଞ୍ଚଣା ବୋଇଲେ ହାତ ବିଞ୍ଚଣା କେବଳ ନୁହେ. ବରଂ ବିଦ୍ୟୁତ ପଙ୍ଖାଠାରୁ ଯେତେ ଯେତେ ପଙ୍ଖା ବିଭିନ୍ନ ଯନ୍ତ୍ର ମାଧ୍ୟମରେ ଦୃଷ୍ଟିଗୋଚର ହୁଏ, ତାହା ବାୟୁ ନିୟନ୍ତ୍ରକ। ମଜାର କଥା, ଗାଡ଼ିର ଇଞ୍ଜିନ୍ ପାଇଁ, କଳକାରଖାନାର ଯନ୍ତ୍ରାଂଶ ପାଇଁ, ଜଳରୁ ବିଦ୍ୟୁତ୍ ଆହରଣ ପାଇଁ ମଧ୍ୟ ବିଞ୍ଚଣାର ଆବଶ୍ୟକତା। କୋଇଲା ଆଞ୍ଚରୁ ଅଗ୍ନିର ଉଦ୍‌ଗୀରଣ ମଧ୍ୟ ପଙ୍ଖାର ଅବଦାନ। ସମାଜର ବିଧି ବ୍ୟବସ୍ଥା, ନିୟମ କାନୁନ ଏକ ପ୍ରବହମାନ ବାୟୁ ତଥା ପରିଚାଳକ ନିୟନ୍ତ୍ରକ ହିଁ ବିଞ୍ଚଣା ପର୍ଯ୍ୟାୟର।

ବୃକ୍ଷ ଏକ ବିଞ୍ଚଣା। ଏଠାରେ ସେ କିଛି କରେନାହିଁ, ମାତ୍ର ବାୟୁକୁ ବାଧା ଦେଇ ବିଞ୍ଚଣାର କାର୍ଯ୍ୟ କରେ। ଛାଇ ସହ ଗଛ ମୂଳର ପବନ ବାଟୋଇକୁ, କ୍ଳାନ୍ତ ମଣିଷକୁ ନିଶ୍ଚେ ଆଶ୍ୱସ୍ତି ପ୍ରଦାନ କରିଥାଏ। ସେହିପରି କେବଳ ସମସ୍ୟା ସମୟରେ ଦୃଢ଼ ଭାବରେ ସାମ୍ନା କଲେ ପବନର ଗତିପଥ ବଦଳି ଯାଏ। ସମାଧାନ ଏକ ବିଞ୍ଚଣାର ଘୂର୍ଣ୍ଣାୟମାନ ଶୀତଳ ପବନ। ମନ ନିଶ୍ଚେ ଚଞ୍ଚଳ ପ୍ରକୃତିର। ବିବେକ ଏକ ବିଞ୍ଚଣା, ଯାହା ନିୟନ୍ତ୍ରିତ କରିପାରେ ମନକୁ। ପବନର ମନ୍ଦ ମନ୍ଦ ଗତି ଆରାମଦାୟକ। ସେହି ପବନ କିନ୍ତୁ ଚକ୍ରବାତ୍ ବାତ୍ୟା। ବିଞ୍ଚଣା ପରି ବୃକ୍ଷରାଜି ଓ ହେନ୍ତାଳ ବନ ନିଶ୍ଚେ ତା'ର ଉଦ୍ଦାମତ୍ତାକୁ ନିୟନ୍ତ୍ରିତ କରିପାରେ। ବେଳେବେଳେ ପବନ ବି ବିଞ୍ଚଣାର କାର୍ଯ୍ୟ କରେ। ସୁଗନ୍ଧକୁ ବିଞ୍ଚି ଦେଉଥିବା ବିଞ୍ଚଣା ନିଶ୍ଚେ ବାୟୁ। ପୁଣି ସୂର୍ଯ୍ୟରଶ୍ମିକୁ ବିଚ୍ଛୁରିତ କରୁଥିବାର ନାମ ପବନ। ଏଣୁ ପବନ ଏକ ଅଦୃଶ୍ୟ ବିଞ୍ଚଣା।

ବୀଜ ବିକ୍ଷେପ ପ୍ରକ୍ରିୟାରେ ବୃକ୍ଷର ମଞ୍ଜି ବିଚ୍ଛୁରିତ କରୁଥାଏ ଏହି ପବନ ବିଞ୍ଚଣା। ସବୁଠାରୁ ବଡ଼ ବିଞ୍ଚଣା ହେଉଛି ମାଆର ପଣତ। କୋମଳ ଶିଶୁକୁ ଅଳ୍ପ ପବନର ଶୀତଳତା ମଧ୍ୟ ମାଆର ପଣତ ଦେଉଥାଏ। ବିଞ୍ଚଣା ପୁଣି ମସ୍ତିଷ୍କର ଚାଳନା। ମୁଣ୍ଡକୁ ଥଣ୍ଡା ରଖିବାର କଥା କୁହାଯାଏ। ଏହି ଥଣ୍ଡା କିପରି ଆସେ! ନିଶ୍ଚୟ କିଛି ଘୂର୍ଣ୍ଣାୟମାନ ପ୍ରକ୍ରିୟା ଚାଲୁଥାଏ। ତାହା ହିଁ ତ ମସ୍ତିଷ୍କର ଚାଳନା। ଅନେକ ଅନାବନା, ଅବାଞ୍ଛିତ ଭାବନାକୁ ଦୂର କରିବାକୁ ମସ୍ତିଷ୍କ ବିଞ୍ଚଣା ପରି ବାଧା ଦେଉଥାଏ। ଏହାର ପ୍ରକ୍ରିୟାର ସ୍ତରକୁ ବିଶ୍ଳେଷଣ କଲେ ଜଣାଯାଏ, ଘର୍ମ ନିର୍ଗତ ହୁଏ ଚାପରେ ଓ ତାପରେ। ଏହି ଘର୍ମ ହିଁ ମନ୍ଦ ତତ୍ତ୍ୱ। ଏହାକୁ ବାଷ୍ପୀଭୂତ କରିବାର ପ୍ରକ୍ରିୟା ହିଁ ମସ୍ତିଷ୍କ ବିଞ୍ଚଣା କରୁଥାଏ।

ଘର୍ମ ନିର୍ଗମ ନିଶ୍ଚେ ଶରୀରର ଉତ୍ତାପ ହ୍ରାସ କରୁଥାଏ। ଏହା ଯଦି ବାଷ୍ପୀଭୂତ ନହୁଏ, ତେବେ ନିଶ୍ଚେ ତ୍ୱଚାରେ ବହଳ ମଳି ଛାଡ଼ିଯାଏ। ଏଣୁ ତରଳ ଅବସ୍ଥାରୁ ହିଁ ନିଷ୍କାସିତ କରିବାର ପ୍ରଚେଷ୍ଟା ରହିବାର ଅଛି ବା କରିବାର ଅଛି। ସବୁଠାରୁ ବଡ଼ କଥା ହେଉଛି, ବିଞ୍ଚଣାକୁ ଚାଳନା କରିବାର ଶକ୍ତି, ଶୈଳୀ ଓ ମାନସିକତା ରହିବା ଦରକାର। ଏମିତିରେ ଏତେ ଶକ୍ତିର ଆବଶ୍ୟକତା ନଥିଲେ ମଧ୍ୟ ଶୈଳୀ ହିଁ ବେଶୀ ଆବଶ୍ୟକ। ମାନସିକତା ତ ଏମିତିରେ ସ୍ୱତଃ ଆସେ। ତା' ନହେଲେ ବିଞ୍ଚଣାର ପ୍ରକୃତ ଉପଯୋଗ ହୋଇପାରେ ନାହିଁ। ଆତ୍ମାରୁ ଘର୍ମ ନିର୍ଗତ ପାଇଁ ଭଗବତ୍ ଚିନ୍ତନ ହିଁ ପ୍ରକୃତ ବିଞ୍ଚଣା। ଯେତେ ଯେତେ ଭଜନ କୀର୍ତ୍ତନ, ଧ୍ୟାନ ବା ତପସ୍ୟାର କଥା କୁହାଯାଏ, ତାହା ଆର୍ଦ୍ର ଆତ୍ମାକୁ ଶୁଷ୍କ କରିବାର। ସୁଗନ୍ଧିତ କରିବାର ପ୍ରକ୍ରିୟାମାନ। ବିଷାକ୍ତ ବାୟୁ, ଦୁର୍ଗନ୍ଧକୁ ଦୂର କରି ସୁଗନ୍ଧିତ ପବନକୁ ଆଣିବାର କର୍ମ ହିଁ କରୁଥାଏ ବିଞ୍ଚଣା।●

**ପୋଖରୀପୁଟ, ଭୁବନେଶ୍ୱର**
**ମୋ: ୯୩୪୮୯୩୭୫୨**

## ସାଇକେଲ୍‌ରେ ୩ ହଜାର କିମି ଯାତ୍ରା



**କେନ୍ଦ୍ରାପଡ଼ା,୧୦।୧/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ପୌରାଞ୍ଚଳର ଜଇପୁରା ଗ୍ରାମର ସେକ୍ ନୁର ଇସଲାମ୍ ଓ ମହମ୍ମଦ ମୋକିମ କେନ୍ଦ୍ରାପଡ଼ାରୁ ପ୍ରାୟ ୩ ହଜାର କିମି ସାଇକେଲ୍‌ରେ ଯାତ୍ରା ଆରମ୍ଭ କରିଛନ୍ତି। ସକାଳ ୯ଟାରେ କେନ୍ଦ୍ରାପଡ଼ାର ପ୍ରସିଦ୍ଧ ପୀରବାବା ମନସୁର ବାବାଙ୍କ ପୀଠସ୍ଥଳୀରୁ ବିଶିଷ୍ଟ ସମାଜସେବୀ ରିତ କୁମାର ସାହୁ, ପୂର୍ବତନ କାଉନସିଲର ହିଜୁବୁର ରହେମାନ, ସେକ ଚାନ୍ଦ, କାଉନସିଲର ଅସଲମ ଓ ସେକ ଇମରାନ ପ୍ରମୁଖ ଉପସ୍ଥିତ ରହି ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ନୁର୍ ଓ ମୋକିମ ରାଜସ୍ଥାନର ଆଜମେର ସରିଫ୍ ଓ ମହାରାଷ୍ଟ୍ରର ହାଜିଅଲ୍ଲୀ ମଖାରକୁ ଯାତ୍ରା କରିଛନ୍ତି।

### ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

## 'ଶିକ୍ଷକ ହେଉଛନ୍ତି ମଣିଷ ତିଆରି କାରଖାନାର ବିଶ୍ୱକର୍ମା'




**କେନ୍ଦୁଝର,୧୦।୧/ଏନ୍‌ଏନ୍‌ଏସ୍:** ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ନରଣପୁର ସରକାରୀ ଉଚ୍ଚବିଦ୍ୟାଳୟ ଏବଂ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ତଥା ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ଅନନ୍ତ ନାୟକ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ସବୁ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷକମାନେ ମଣିଷ ତିଆରି କାରଖାନାର ବିଶ୍ୱକର୍ମା ହୋଇଥିବାରୁ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡିମ୍ପୋସ୍ଥିତ କେଏସ୍‌ଇର ପ୍ରତିଷ୍ଠାତା ଇଂ ବସନ୍ତ କୁମାର ଦାନୀ ଉତ୍ତମ ଛାତ୍ର ଗଠନ ପାଇଁ ଏକ ଆଦର୍ଶ ବିଦ୍ୟାଳୟ ଶ୍ରେଷ୍ଠ କାରଖାନା ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦୁଝର ଆଇଟିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ରବିନ୍ଦ୍ର ନାଏକ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ତଥା ପିତାମାତାଙ୍କୁ ଭକ୍ତି, ମାତୃଭୂମି ଓ ମାତୃଭାଷା ପ୍ରତି ଆଦର ଦ୍ୱାରା ଜଣେ ସୁନାଗରିକ ହୋଇପାରିବ ବୋଲି ମୂଲ୍ୟବାନ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ଶିକ୍ଷା ନିରୀକ୍ଷକ ସଞ୍ଜୟ କୁମାର ଧଳ, ନରଣପୁର ସରପଞ୍ଚ ରୀନା ନାୟକ ଓ ସମାଜସେବୀ ଦିଲ୍ଲୀପ କୁମାର ପଣ୍ଡା ଉପସ୍ଥିତ ଥିଲେ। ନରଣପୁର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅପରିମିତା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସାଂସଦ ଶ୍ରୀ ନାୟକଙ୍କୁ ନରଣପୁର ଉଚ୍ଚ ମାଧମିକ ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ଚନ୍ଦ୍ର ରାଉତ ଏକ ବୃକ୍ଷ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ।

### ଯୁବଶକ୍ତିର ସଶକ୍ତୀକରଣ

# 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍ -୨୦୨୫'

୨୦୪୭ରେ ଭାରତ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବାକୁ ଯାଉଛି। ଏହି ସମୟରେ ଭାରତକୁ ବିକଶିତ ଭାରତରେ ପରିଣତ କରିବା ଲକ୍ଷ୍ୟରେ ଯୁବଗୋଷ୍ଠୀ ସର୍ବାଗ୍ରେ ରହିଛନ୍ତି। କୌଣସି ରାଜନୈତିକ ପୃଷ୍ଠଭୂମି ନଥିବା ଏକ ଲକ୍ଷ ଯୁବକଙ୍କୁ ରାଜନୀତିରେ



ଡ. ମନସୁଖ ମାଣ୍ଡଭିୟ
(କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ଏବଂ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ)

ସାମିଲ କରିବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ଆମେ ଜାତୀୟ ଯୁବ ମହୋତ୍ସବକୁ ଏକ ଅସାଧାରଣ 'ଦ ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍ - ୨୦୨୫' ଭାବେ ପରିକଳ୍ପନା କରିଛୁ। ଏହି ଡାଏଲଗ୍ ବା ଆଲୋଚନା କେବଳ ଏକ ଉତ୍ସବ ନୁହେଁ, ଏହା ଏକ ଆନ୍ଦୋଳନ; ଯୁବ ସଶକ୍ତୀକରଣ, ନେତୃତ୍ୱ ଏବଂ କ୍ରିୟାଶୀଳ ବିଚାରଧାରାର ଏକ ଜୀବନ୍ତ ଉତ୍ସବ, ଯାହା 'ବିକଶିତ ଭାରତ'ର ଦୃଷ୍ଟିକୋଣ ଦ୍ୱାରା ପ୍ରେରିତ।

**ଜାତୀୟ ଯୁବ ମହୋତ୍ସବର ପୁନଃକଳ୍ପନା**

ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଜାତୀୟ ଯୁବ ମହୋତ୍ସବ ସାଂସ୍କୃତିକ ବିନିମୟ ତଥା ଯୁବ ଶକ୍ତିର ପ୍ରତୀକ ଭାବେ ପରିଚୟ ସୃଷ୍ଟି କରିଛି। କିନ୍ତୁ ଚଳିତ ବର୍ଷ ଆମେ ଏହାକୁ ଭିନ୍ନ ଭାବରେ ଚିନ୍ତା କରିବାକୁ ସାହସ କରିଛୁ। ନଭେମ୍ବର ୧୮, ୨୦୨୪ରେ, ଆମେ ଏହି ମହୋତ୍ସବର ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘୋଷଣା କରିଥିଲୁ, ଯେଉଁଥିରେ ଅଭିନବ ବିଚାରଧାରା, ନେତୃତ୍ୱ ଏବଂ ରାଷ୍ଟ୍ର ନିର୍ମାଣକୁ ମୂଳମନ୍ତ୍ରଭାବେ ଗ୍ରହଣ କରାଯାଇଥିଲା।

ଏହି ପୁନଃକଳ୍ପନାର କେନ୍ଦ୍ରବିନ୍ଦୁରେ ରହିଛି ବିକଶିତ ଭାରତର ଆହ୍ୱାନ- ଏକ ତ୍ରିସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା, ଯାହା ଭାରତର ପ୍ରତିଭାଶାଳୀ ଯୁବବର୍ଗଙ୍କୁ ଚିହ୍ନିବା ପାଇଁ ଉଦ୍ଦିଷ୍ଟ। ଭୌଗୋଳିକ ବିବିଧତା ବା ତାଙ୍କର ପୃଷ୍ଠଭୂମି ଏଥିରେ ବାଧକ ହେବ ନାହିଁ। ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ନିଜର ଅବଦାନ ରଖିବାର ସମାନ ସୁଯୋଗ ଦେବା ତଥା ମେଧା, ଅନ୍ତର୍ଭୁକ୍ତୀକରଣ, ସ୍ୱଚ୍ଛତାକୁ ମୂଳ ମନ୍ତ୍ରଭାବେ ଗ୍ରହଣ କରିବା ଏହି ପ୍ରତିଦ୍ୱନ୍ଦ୍ୱିତାର ଲକ୍ଷ୍ୟ।

ପ୍ରଥମ ପର୍ଯ୍ୟାୟ ହେଉଛି ବିକଶିତ ଭାରତ କୁଇଜ ପ୍ରତିଯୋଗୀତା। ଏଥିରେ ଦେଶର ପ୍ରାୟ ୩ ନିୟୁତ ଯୁବକ ଅଂଶଗ୍ରହଣ କରିଥିଲେ। ୧୨ଟି ଭାଷାରେ ଆୟୋଜିତ ଏହି ପ୍ରତିଯୋଗୀତାରେ ଗତ ଦଶନ୍ଧି ମଧ୍ୟରେ ଭାରତର ପ୍ରଗତି ସମ୍ପର୍କରେ ସେମାନଙ୍କ ଜ୍ଞାନ ପରୀକ୍ଷା ହୋଇଥିଲା, ଯେଉଁଥିରେ ଅନ୍ତର୍ଭୁକ୍ତୀକରଣ ଏବଂ ସୁଗମତା ସୁନିଶ୍ଚିତ କରାଯାଇଥିଲା।

ଦ୍ୱିତୀୟ ପର୍ଯ୍ୟାୟ ଥିଲା ବିକଶିତ ଭାରତ ପ୍ରବନ୍ଧ ପ୍ରତିଯୋଗିତା, ଯାହା ଅଂଶଗ୍ରହଣକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଗଭୀର ଭାବରେ ବୁଝିବା ପାଇଁ ଉତ୍ସାହିତ କରିଥିଲା। ଏହି ପ୍ରତିଯୋଗୀତାରେ ୨ ଲକ୍ଷରୁ ଅଧିକ ପ୍ରବନ୍ଧ ଦାଖଲ ହୋଇଥିଲା। ୧୦ଟି ପ୍ରମୁଖ ପ୍ରସଙ୍ଗ ଯେମିତି- ବିକାଶ ପାଇଁ ବୈଷୟିକ ଜ୍ଞାନକୌଶଳର ଉପଯୋଗ, ପ୍ରତିପୋଷଣୀୟ ବିକାଶକୁ ଗ୍ରହଣ, ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ଭାରତକୁ ଏକ ବିଶ୍ୱ କ୍ରୀଡ଼ା ଶକ୍ତିରେ ପରିଣତ କରିବା ପ୍ରଭୃତି ବିଷୟ ଏହି ପ୍ରବନ୍ଧଗୁଡ଼ିକର ମୂଳ ଆଧାର ହୋଇଥିଲା। ଆମ ଯୁବପିଢ଼ିଙ୍କ ସୃଜନଶୀଳତା, ବିଶ୍ଳେଷଣାତ୍ମକ ଚିନ୍ତାଧାରା ଏବଂ ବିଷୟର ମୌଳିକ ଜ୍ଞାନ ପ୍ରଭୃତି ଆଧାରରେ ବିଶେଷଜ୍ଞଙ୍କ ପ୍ୟାନେଲ୍ ଦ୍ୱାରା ଏଗୁଡ଼ିକର ମୂଲ୍ୟାଙ୍କନ କରାଯାଇଥିଲା। ଅନ୍ତିମ ପର୍ଯ୍ୟାୟ, ବିକଶିତ ଭାରତ ଭିଜନ ଡେକ୍ ପ୍ରତିଯୋଗିତା, ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ରାଜ୍ୟସ୍ତରୀୟ ଚାମ୍ପିୟନଶିପ୍ ପାଇଁ ଠିଆ କରାଇଥିଲା। ଏଠାରେ ଯୁବ ପ୍ରତିଭାମାନେ ବିଷୟ ବିଶେଷଜ୍ଞ ଏବଂ ନେତୃତ୍ୱ ମଡରେଟରଙ୍କ ପ୍ୟାନେଲକୁ ନିଜର ଅଭିନବ ଚିନ୍ତାଧାରା ଉପସ୍ଥାପନ କରିଥିଲେ। ଏହି ପର୍ଯ୍ୟାୟରେ ତୃଣମୂଳ ସ୍ତରର ଦୃଷ୍ଟିକୋଣ ଏବଂ ଆଞ୍ଚଳିକ ବିବିଧତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା, ଯେଉଁଥିରେ ଯୁବ ଭାରତୀୟଙ୍କ ସ୍ଥାନୀୟ ସ୍ତରରେ କାର୍ଯ୍ୟ କରିବାରେ ବିଶ୍ୱସ୍ତରୀୟ ଚିନ୍ତାଧାରା ଉପଯୋଗ ଦକ୍ଷତାକୁ ପ୍ରଦର୍ଶନ କରାଯାଇଥିଲା। ଏହି ପର୍ଯ୍ୟାୟଗୁଡ଼ିକ ଦେଇ ସେମାନଙ୍କ ଯାତ୍ରା ସ୍ଥିରତା ଏବଂ ସଂକଳ୍ପର ପ୍ରେରଣାଦାୟକ କାହାଣୀକୁ ବର୍ଣ୍ଣନା କରେ। ଯେଉଁଥିରେ ଉତ୍ତର-ପୂର୍ବର ପାହାଡ଼ିଆ ଅଞ୍ଚଳଠାରୁ ଆରମ୍ଭ କରି ରାଜସ୍ଥାନର ମରୁଭୂମି ଓ ଗୁଜରାଟର ଗାଁ ଠାରୁ ଆରମ୍ଭ କରି ତାମିଲନାଡୁର ଉପକୂଳବର୍ତ୍ତୀ ସହର ପର୍ଯ୍ୟନ୍ତ ଯୁବ ପ୍ରତିଭାମାନେ ସାମାଜିକ ପ୍ରତିବନ୍ଧକ, ମାଲ ପରିବାହନର ଆହ୍ୱାନ ଏବଂ ବ୍ୟକ୍ତିଗତ କଷ୍ଟକୁ ଅତିକ୍ରମ କରି ବିକଶିତ ଭାରତ ପାଇଁ ନିଜର ସ୍ୱପ୍ନ ଉପସ୍ଥାପନ କରିଥିଲେ।

**ଗ୍ରାଣ୍ଡ ଡାଏଲଗ: ଏକ ଐତିହାସିକ ସମାବେଶ**

ଜାନୁଆରୀ ୧୦, ୨୦୨୫ରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ବିକଶିତ ଭାରତ ଯୁବ ନେତା ଆଲୋଚନା ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଛି। ଏହି ଐତିହାସିକ ସମାବେଶରେ ୩,୦୦୦ରୁ ଅଧିକ ପ୍ରତିଯୋଗୀ ଏକାଠି ହୋଇଛନ୍ତି। ସେମାନଙ୍କ ମଧ୍ୟରେ ରାଜ୍ୟ ଚାମ୍ପିୟନଶିପର ଶ୍ରେଷ୍ଠ ୫୦୦ ଦଳକୁ ପ୍ରତିନିଧିତ୍ୱ କରୁଥିବା ବିକଶିତ ଭାରତ ଚ୍ୟାଲେଞ୍ଜ ଟ୍ରାକରୁ ୧୫୦୦ ପ୍ରତିଯୋଗୀ, ପାରମ୍ପରିକ ଟ୍ରାକରୁ ୧୦୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଭାରତର ସାଂସ୍କୃତିକ ବିବିଧତାକୁ ପ୍ରଦର୍ଶିତ କରୁଥିବା ଏହି ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରୁ ମନୋନୀତ ହୋଇଛନ୍ତି। ଏହାଙ୍କ ସହ ଥେମାଟିକ୍ ଟ୍ରାକରେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ୫୦୦ ପାଥବ୍ରେକର, ଟ୍ରେଲବ୍ଲେଜରଙ୍କୁ ଏଥିରେ ସାମିଲ କରାଯାଇଛି। ପ୍ରତିଯୋଗୀମାନେ ସାଂସ୍କୃତିକ ଏବଂ ବିଷୟବସ୍ତୁଗତ ଉପସ୍ଥାପନା, ବିଭିନ୍ନ ପ୍ରତିଯୋଗୀତାରେ ଭାଗ ନେବା ସହ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଏବଂ ଜାତୀୟ ଯୁଦ୍ଧ ସ୍ମାରକୀ ପରି ଐତିହାସିକ ସ୍ଥାନକୁ ଭ୍ରମଣ କରିବେ। ବିଭିନ୍ନ କେନ୍ଦ୍ର ମନ୍ତ୍ରୀ ଓ ସାଂସଦଙ୍କ ସହ ସେମାନଙ୍କର ସ୍ୱତନ୍ତ୍ର ନୈଶ ଭୋଜିରେ ଯୋଗଦାନ ତାଙ୍କୁ ଅନୌପଚାରିକ ଆଲୋଚନା ପାଇଁ ଏକ ବିରଳ ପ୍ଲାଟଫର୍ମ ପ୍ରଦାନ କରିବ, ଯାହା ନୀତି ନିର୍ଦ୍ଧାରଣରେ ଯୁବବର୍ଗଙ୍କ ଆକାଂକ୍ଷାକୁ ପୂରଣ କରିବ। ଜାନୁଆରୀ ୧୧ ରେ ଏହି ସମାବେଶ ଅଧିକ ଭବ୍ୟ ହେବାକୁ ଯାଉଛି। ଏହି ସମୟରେ ଜାତୀୟ ନେତା, ଚିନ୍ତାନାୟକ ଏବଂ ଉଦ୍ଭାବକମାନଙ୍କୁ ନେଇ ଏକ ଭବ୍ୟ ଉଦ୍‌ଘାଟନୀ ଅଧିବେଶନ ସହିତ ଆଲୋଚନା ପାଇଁ ସ୍ଥିର କରାଯାଇଛି। ପରାମର୍ଶଦାତା ଏବଂ ଡୋମେନ୍ ବିଶେଷଜ୍ଞଙ୍କ ନେତୃତ୍ୱରେ ଏହି ହାଇ-ପ୍ରୋଫାଇଲ୍ ଆଲୋଚନା ଦଶଟି ଗୁରୁତ୍ୱପୂର୍ଣ୍ଣ ଟ୍ରାକ୍ ରେ ବିଷୟଗତ ତର୍କ ଉପସ୍ଥାପନ ପାଇଁ ମଞ୍ଚ ପ୍ରସ୍ତୁତ କରିବ। ଯୁବବର୍ଗଙ୍କ ଅସୀମ ସାମର୍ଥ୍ୟକୁ ନେଇ ସନ୍ଧ୍ୟାରେ ଭାରତର କଳାତ୍ମକ ଐତିହ୍ୟ ସହ 'ବିକଶିତ ଭାରତର ବିଭିନ୍ନ ରଙ୍ଗ'କୁ ପ୍ରଦର୍ଶନ କରାଯିବ। ବୌଦ୍ଧିକ ଉତ୍ସାହ ଏବଂ ସାଂସ୍କୃତିକ ଉତ୍ସବ ମଧ୍ୟରେ ଏହି ଦିନଟି ଏକ ସଠିକ୍ ସନ୍ତୁଳନ ସୃଷ୍ଟି କରିବ, ଅଂଶଗ୍ରହଣକାରୀମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ ଏବଂ ନିର୍ଣ୍ଣାୟକ ଭାବରେ କାର୍ଯ୍ୟ କରିବାକୁ ପ୍ରେରଣା ଦେବ।

**ଜାତୀୟ ଯୁବ ଦିବସ: ବିକଶିତ ଭାରତ ପାଇଁ ଏକ ଦୃଷ୍ଟିକୋଣ**

ଜାନୁୟାରୀ ୧୨ ତାରିଖ ହେଉଛି ଏହି ସମାବେଶର ଉଦ୍‌ଯାପନୀ ଦିବସ। ଏହି ଦିନଟି ହେଉଛି ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିନ। ଯୁବ ସଶକ୍ତୀକରଣରେ ତାଙ୍କ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ଦିନଟିକୁ ଉତ୍ସର୍ଗ କରି ଭାରତରେ ଏହାକୁ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇଥାଏ। ଏହିଦିନ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ହେବ। ବିଷୟଗତ ଟ୍ରାକ୍ ରୁ ଶ୍ରେଷ୍ଠ ଦଶଟି ଚିନ୍ତାଧାରା ସିଧାସଳଖ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟରେ ଉପସ୍ଥାପିତ ହେବ, ଯାହା ଯୁବ ପ୍ରତିଭାଙ୍କ ଅଭିନବ ଚିନ୍ତାଧାରାକୁ ଚମକ ଦେବାଲାଗି ଏକ ପ୍ରେରଣାଦାୟକ ପ୍ଲାଟଫର୍ମ ପ୍ରଦାନ କରିବ। ଶାସନ ଓ ନିଷ୍ପତ୍ତି ନେବାରେ ଯୁବାୟବର୍ଗଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଭାରତର ପ୍ରତିବଦ୍ଧତା ଉପରେ ଏହି ଆଲୋଚନା ଗୁରୁତ୍ୱ ଦେବ। ଏହାପରେ ଅଂଶଗ୍ରହଣକାରୀମାନେ ମଧ୍ୟାହ୍ନ ଭୋଜନରେ ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ ବିଶିଷ୍ଟ ନେତାଙ୍କ ସହ ବାର୍ତ୍ତାଳାପ କରିବା, ଅର୍ଥପୂର୍ଣ୍ଣ କଥାବାର୍ତ୍ତାକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ଅଭୁଲା ସ୍ମୃତି ଓ ସଶକ୍ତୀକରଣର ଭାବନା ଆଦାନ ପ୍ରଦାନ ଲାଗି ସୁଯୋଗ ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ସ୍ୱୟଂ ଏହି ଦିନ ଏକ ଭବ୍ୟ ପୂର୍ଣ୍ଣାଙ୍ଗ ଆଲୋଚନାରେ ଅଧ୍ୟକ୍ଷତା କରିବେ। ଏହି ଅଧିବେଶନ ଭାରତର ଯୁବବର୍ଗଙ୍କ ପରିବର୍ତ୍ତନଶୀଳ ସମ୍ଭାବନାକୁ ସୁଦୃଢ଼ କରିବ ଏବଂ ଅଂଶଗ୍ରହଣକାରୀମାନଙ୍କୁ ସଶକ୍ତ କରିବ ତଥା ପରିବର୍ତ୍ତନ ପାଇଁ ଉତପ୍ରେରକ ଭାବରେ କାର୍ଯ୍ୟ କରିବାକୁ ପ୍ରେରଣା ଦେବ। 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ' ଏହାର ବ୍ୟାପକତା, ଅନ୍ତର୍ଭୁକ୍ତୀକରଣ ଏବଂ ପ୍ରଭାବ ପାଇଁ ସ୍ୱତନ୍ତ୍ର। ସ୍ୱଚ୍ଛ ଚୟନ ପ୍ରକ୍ରିୟାଠାରୁ ଆରମ୍ଭ କରି ଏହାର ଅଭିନବ ରୂପାୟନକାରୀ ଚିନ୍ତାଧାରା ଯାଏ, ଏହି ପଦକ୍ଷେପ ଯୁବ ସଶକ୍ତୀକରଣ ପ୍ରତି ଆମ ସରକାରଙ୍କ ପ୍ରତିବଦ୍ଧତାର ଏକ ଉତ୍କୃଷ୍ଟ ଉଦାହରଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନ୍ୟ ବିଶିଷ୍ଟ ଜାତୀୟ ଓ ବିଶ୍ୱ ନେତାଙ୍କ ଅଭିନବ ଚିନ୍ତାଧାରା ଉପସ୍ଥାପନା ଏବଂ ସିଧାସଳଖ ଯୁବ ନେତୃତ୍ୱଙ୍କ ସହ ବାର୍ତ୍ତାଳାପ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରି, ଏହି ଆଲୋଚନା କାର୍ଯ୍ୟକ୍ରମ ଶାସନରେ ଯୁବବର୍ଗଙ୍କ ସଂପୃକ୍ତିରେ ଏକ ନୂତନ ମାପଦଣ୍ଡ ସ୍ଥାପନ କରିବ।

## ପ୍ରଥମ ପୃଷ୍ଠାରୁ

### ୧୨ ଯାଏଁ ଖୋଲା ...

ନେଇଛନ୍ତି। ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, ଏହା ବହୁତ ଭଲ କାର୍ଯ୍ୟକ୍ରମ। ବହୁତ ସୁନ୍ଦର ଆୟୋଜନ କରାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଜ୍ୟ ସରକାରଙ୍କୁ ଧନ୍ୟବାଦ। ଏହି କାର୍ଯ୍ୟକ୍ରମକୁ ନେଇ ଲୋକଙ୍କ ମନରେ ବେଶ୍ ଉତ୍ସାହ ରହିଛି। ଏହି ପ୍ରଦର୍ଶନୀ ମାଧ୍ୟମରେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ସବୁକୁ ଗୋଟିଏ ବାସ୍କେଟ୍‌ରେ ବିଶ୍ୱ ଆଗରେ ରଖାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

### ଦେଶରେ ଆକ୍ରାନ୍ତଙ୍କ...

ରାଜସ୍ଥାନରେ ରାଜ୍ୟବାସୀଙ୍କୁ ଏବେ ମାସ୍କ ପରିଧାନ କରିବା ସହ ସାମାଜିକ ଦୂରତା ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଗୁଜରାଟ ସରକାର ରାଜ୍ୟର ସମସ୍ତ ହସ୍ପିଟାଲରେ ଆଇସୋଲେସନ୍ ୱାର୍ଡ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି। ହରିଆଣାରେ ମଧ୍ୟ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏହି ଭୂତାଣୁଜନିତ ସଂକ୍ରମଣ ଏବଂ ସାମ୍ନାକୁ ଆସୁଥିବା ମାମଲା ଉପରେ ତୀକ୍ଷ୍ଣ ଦୃଷ୍ଟି ନିବଦ୍ଧ ରଖିଛି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ନିଜ ହିସାବରେ ପ୍ରସ୍ତୁତି ଜାରି ରଖିଛନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟ ଅନୁସାରେ ବର୍ତ୍ତମାନ ସୁଦ୍ଧା କର୍ଣ୍ଣାଟକରୁ ୨ଟି, ଗୁଜରାଟରୁ ୪ଟି, ପଶ୍ଚିମବଙ୍ଗରୁ ୧ଟି, ତାମିଲନାଡୁରୁ ୨ଟି, ନାଗପୁରରୁ ୨ଟି, ମୁମ୍ବାଇରୁ ୧ଟି, ଉତ୍ତରପ୍ରଦେଶରୁ ୧ଟି, ରାଜସ୍ଥାନରୁ ୧ଟି ଲେଖାଏ ଏଚ୍‌ଏମ୍‌ପିଭି ସଂକ୍ରମିତ ଚିହ୍ନଟ ହୋଇସାରିଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ଆକ୍ରାନ୍ତଙ୍କ ବୟସ ୨ମାସରୁ ୮ ବର୍ଷ ମଧ୍ୟରେ ରହିଥିବା ବେଳେ କେବଳ ୨ଟି ମାମଲା (୬୦ରୁ ୮୦ ବର୍ଷର ନାଗରିକ) ରହିଛି।

### ୯ ମାର୍ଗରେ ୧୩ ...

ଜୀବନରେ ଏକ ସକରାତ୍ମକ ପରିବର୍ତ୍ତନ ଆଣିବା, ଯାହାଦ୍ୱାରା ସେମାନେ ରାଜ୍ୟ ସରକାରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଏହି ଉତ୍କୃଷ୍ଟ ସୁଯୋଗର ସଦୁପଯୋଗ କରିପାରିବେ। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଶିକ୍ଷା, କୃଷି, ଶିଳ୍ପ କ୍ଷେତ୍ରରେ ବିକାଶ କରିବା ଆମର ମୁଖ୍ୟ ଲକ୍ଷ୍ୟ। ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ବିଧାୟକ ନବରଙ୍ଗପୁର, କୋଟପାଡ ଏବଂ ଖଣ୍ଡପଡ଼ା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦିପ୍ତେଶ ପଟ୍ଟନାୟକ ଏବଂ ପରିବହନ କମିଶନ ଅମିତାଭ ଠାକୁରଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବ୍ୟଞ୍ଜନ ହିଁ ଗୋଟିଏ...

ପରିଚାଳନା କରାଇଥିଲେ ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦର ଡିଜି କେ. ନନ୍ଦିନୀ ସିଙ୍ଗଲା। ମରିସସ୍‌ର କଳା ଓ ସଂସ୍କୃତି ମନ୍ତ୍ରୀ ମହେନ୍ଦ୍ର ଗୋଣ୍ଡିଆ, ଭୁଟାନର ଲେଖିକା, ଡିଜାଇନର ତଥା କଳାକାର ସୁଶ୍ରୀ ଚାର୍ମି ଛେଦା, ୟୁକ୍ରେନ୍‌ର ଅର୍ଣ୍ଣବ ରାୟଚୂଡ଼ାମଣି, ନ୍ୟୁଜିଲାଣ୍ଡର ସୁଶ୍ରୀ ବାଣିସା ଧୀରୁ, ଓମାନ୍‌ର ଐଶ୍ୱର୍ଯ୍ୟା ହେଗ୍‌ଡେ, ଉଗାଣ୍ଡାର ପ୍ରବେଶ କୁମାର ରତିଲାଲ ମେହେତା, ମଲେୟେସିଆର ଶଙ୍କର କନ୍ଦସାମୀ, ଇଟାଲିର ସୁଶ୍ରୀ ଉର୍ମିଳା ଚକ୍ରବର୍ତ୍ତୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ପ୍ରଣୟନ ହେବ...

ଆସିଥିବା ପ୍ରତିନିଧିମାନଙ୍କ ପକ୍ଷରୁ ଆମେରିକାର ଲୀନା ମିଶ୍ର, ଅଜୟ ମହାନ୍ତି, ଜାପାନରୁ କାଳୀପଦ ତ୍ରିପାଠୀ, ଯୁକ୍ତ ରାଜ୍ୟରୁ ସୁସ୍ମିତା ରାଜହଂସ, ବିଶ୍ୱଜିତ୍ ପ୍ରଧାନ, ସୁକାନ୍ତ ସାହୁ, ଦୁବାଇରୁ ଅନୀଲ ଦାସ ଓ ଶୀତଲ ଯୋଶୀ, ଅଷ୍ଟ୍ରେଲିଆରୁ ପ୍ରଭାତୀ ପାଣିଗ୍ରାହୀ ଓ ଅମିତାଭ ମହାପାତ୍ର, ଥାଇଲାଣ୍ଡରୁ ଡ. ବ୍ରହ୍ମଦତ୍ତ, ମାଲେସିଆରୁ ସ୍ନିଗ୍ଧା ମିଶ୍ର ପ୍ରଭୃତି ଓଡ଼ିଶାର ଏହି ସୁନ୍ଦର ଆୟୋଜନ ପାଇଁ ଧନ୍ୟବାଦ ଦେବା ସହିତ ସେମାନଙ୍କର ଅନୁଭୂତି ଓ ଅଭିଜ୍ଞତା ପ୍ରକାଶ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ ମନ୍ତ୍ରୀ ସଂପଦ ଚରଣ ସ୍ୱାଇଁ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରବାସୀ ଭାରତୀୟ ଦିବସ

## 'ସମସ୍ତେ ନିଜ ମୂଳ ଇତିହାସ ଓ ମାତୃଭାଷାକୁ ସମ୍ମାନ ଦେବା ଜରୁରୀ'




**ଭଦ୍ରକ,୧୦।୧/ଏନ୍‌ଏନ୍‌ଏସ୍:** ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡକ୍ଟର ଦୁର୍ଗାଶଙ୍କର ଦାସ ସଭାପତିତ୍ୱ କରିଥିଲେ। କଲେଜର ଇଂରାଜୀ ବିଭାଗ ମୁଖ୍ୟ ଡକ୍ଟର ସନ୍ତୋଷ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିବା ସହ ସଭାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆମ ଦେଶରୁ ବାହାରକୁ ଯାଉଥିବା ବ୍ୟକ୍ତିମାନେ ସେଠାରେ ନିଜର ପରିଚୟ ସୃଷ୍ଟି କରିବା ସହ ନିଜ ଦେଶ କଥା ଚିନ୍ତା କରିବା ସେମାନଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ସଭାପତି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଇତିହାସ ପ୍ରଫେସର ତଥା ବିଶିଷ୍ଟ ସ୍ତମ୍ଭକାର ଡକ୍ଟର ସୋମା ଚାନ୍ଦ ଯୋଗଦେଇ ବ୍ୟକ୍ତି ନିଜର ମୂଳ ଇତିହାସ ଓ ମାତୃଭାଷାକୁ ସମ୍ମାନ ଦେବା ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ବିଜ୍ଞାନ ଲେଖକ ଓ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡକ୍ଟର କମଳାକାନ୍ତ ଜେନା ଯୋଗଦେଇ ଯେମିତି ଆମେ ଯେଉଁଠି ଝୁଣ୍ଟିଲେ ମାଆ କଥା ମନେପଡ଼େ, ସେମିତି ବିଦେଶରେ ରହିଲେ ବି ପ୍ରବାସୀ ଭାରତୀୟମାନେ ନିଜ ମାତୃଭୂମିକୁ ମନେ ରଖିବା ଆବଶ୍ୟକ। ଭାରତର ଶିକ୍ଷା, ସଂସ୍କୃତି ଓ ଅର୍ଥନୀତି ଉନ୍ନତ ନହେଲେ ବାହାର ଦେଶ ପ୍ରବାସୀ ଭାରତୀୟଙ୍କୁ ଉପଯୁକ୍ତ ସମ୍ମାନ ଦେବନାହିଁ। ସମ୍ମାନିତ ଅତିଥିଭାବେ ଡକ୍ଟର ପଦ୍ମନାଭ ପତ୍ରୀ ପ୍ରବାସୀମାନେ ନିଜ ଗାଁ, ରାଜ୍ୟ ଓ ଦେଶ ବିଷୟରେ ଚିନ୍ତା କଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତ ଦେଇଥିଲେ। ବିଭିନ୍ନ ବିଭାଗର ସ୍ନାତକ, ସ୍ନାତକୋତର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

### ଏମ୍‌ପିସି କଲେଜରେ ସାଇକେଲ୍ ରାଲି

**ବାରିପଦା:** ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ ଅବସରରେ ଏକ ସାଇକେଲ୍ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼ଃ ଆଲବର୍ଟିନା ଟିର୍କୀ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସାଧାରଣ ଜନତାଙ୍କୁ ପ୍ରବାସୀ ଭାରତୀୟ ଦିବସର ମହତ୍ତ୍ୱ ବିଷୟରେ ଅବଗତ କରାଯାଇଥିଲା। ମହାବିଦ୍ୟାଳୟର ଏଡମିନିଷ୍ଟ୍ରେଟିଭ୍ ଡଃ ଦୀପକ କୁମାର ବେହେରା, ଆକାଉଣ୍ଟାଣ୍ଟ ଡ଼ଃ ଆଶୁତୋଷ ପ୍ରୟାସ ଦାଶ, ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ



ଅଧିକାରୀ ଡ଼ଃ ଅନାମ ଚରଣ ରାଉଳ, ଯୁବ ରେଡକ୍ରସ୍ ସଂସ୍ଥାର କାଉନସିଲର୍ ଆଲେକ୍ସ ହେମ୍ବ୍ରମ୍, ଏନ୍‌ସିସି ଅଧିକାରୀ ଡ଼ଃ ନରେନ୍ଦ୍ର କୁମାର ବେହେରା, ଏନ୍‌ଏସ୍‌ଏସ୍ ଅଧିକାରୀ ଡ଼ଃ ପ୍ରିୟବ୍ରତ ବେହେରା, ମହେଶ୍ୱତା ମହାନ୍ତଙ୍କ ସମେତ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ।

### ଗୋରୁ ବୋଝେଇ ଗାଡ଼ି ଜବତ

**ସୋର,୧୦।୧/ଏନ୍‌ଏନ୍‌ଏସ୍:** ସୋର ପୁଲିସ ବାରିକପୁର ହାଟରେ ଚଢ଼ଉ କରି ୮ଟି ଗୋରୁଙ୍କୁ ଉଦ୍ଧାର କରିବା ସହ ଏକ ପିକଅପ୍ ଜବତ କରିଥିବା ଜଣାପଡ଼ିଛି। ଗୁରୁବାର ରାତିରେ ବାରିକପୁର ହାଟରୁ ଗୋରୁ ଚାଲାଣ ହେଉଥିବା ନେଇ ଆଡ଼ ପୁଲିସକୁ ଖବର ମିଳିଥିଲା। ପରେ ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶରେ ଏକ ଟିମ୍ ବାରିକପୁର ହାଟରେ ଚଢ଼ଉ କରିଥିଲା। ଏହି ସମୟରେ ମାଫିଆମାନେ ଛତ୍ରଭଙ୍ଗ ଦେଇଥିଲେ। ଅନ୍ୟପଟେ ଉଦ୍ଧାର ହୋଇଥିବା ଗୋରୁଙ୍କୁ ମଇତାପୁର ଗୋଶାଳାରେ ଛାଡ଼ିବା ସହ ଗାଡ଼ିଟିକୁ ଥାନାରେ ରଖି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ମା' ତାରିଣୀଙ୍କ ମନ୍ଦିରରୁ ଚୋରି

**ସୋର,୧୦।୧/ଏନ୍‌ଏନ୍‌ଏସ୍:** ସୋର-କୁପାରି ରାସ୍ତା ସରସଙ୍ଗ ଛକ ନିକଟରେ ଥିବା ମା' ତାରିଣୀଙ୍କ ମୂର୍ତ୍ତିକୁ ଭାଙ୍ଗି ଦୁର୍ବୃତ୍ତମାନେ ମା'ଙ୍କ ଆଖି, ପାଟି ଓ ନାକ ସମେତ ଏକାଧିକ ହାର ଲୁଟି ନେଇଛନ୍ତି। ଶୁକ୍ରବାର ସକାଳେ ପୂଜାରି ପୂଜା କରିବାକୁ ଆସିବାରୁ ମା'ଙ୍କ ମୂର୍ତ୍ତି ଭଙ୍ଗାଯାଇ ଚୋରି ହୋଇଥିବା ଜାଣିବାକୁ ପାଇ ସୋର ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଧାରଣା

**ବଡ଼ଚଣା,୧୦।୧/ଏନ୍‌ଏନ୍‌ଏସ୍:** ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ୧୬ନଂ ଜାତୀୟ ରାଜପଥ ଶାନ୍ତିଲତା ପେଟ୍ରୋଲ୍ ପମ୍ପ ନିକଟରେ ଧାରଣା ଦିଆଯାଇଛି। ସଭାପତି ପୁଷ୍ପରାଜ ନାୟକ ଓ ସମ୍ପାଦକ କୀର୍ତ୍ତିରାଜ୍ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ଟ୍ରକ୍ ମାଲିକ ଏହି ଧାରଣାରେ ସାମିଲ ହୋଇଛନ୍ତି। ମାଲିକଙ୍କ ଅଭିଯୋଗ ଅନୁଯାୟୀ, ସୁକିନ୍ଦା କ୍ରୋମ୍ ଭାଲିରେ ୨୦୧୯ ମସିହାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଫାଷ୍ଟ କମ୍ ଫାଷ୍ଟ ଲୋଡ୍ କାର୍ଯ୍ୟକାରୀ ହୋଇଆସୁଥିଲା। ମାତ୍ର ଅକ୍ଟୋବର ୪ ତାରିଖ ଏଥିରେ ବ୍ୟତିକ୍ରମ ହୋଇ ସ୍ଥାନୀୟ ମୁଷ୍ଟିମେୟ ଗାଡ଼ି ମାଲିକମାନେ ଫାଷ୍ଟକମ୍ ଫାଷ୍ଟଲୋଡ୍‌କୁ ଉଲ୍ଲଘଂନ କରି ୩୦ ଶତକଡ଼ା ସ୍ପେସାଲ୍ ଲୋଡ୍ ନେଲେ। ଏଥିପାଇଁ କ୍ଷତିଗ୍ରସ୍ତ ଗାଡ଼ି ମାଲିକମାନେ ଜିଲ୍ଲା ପ୍ରଶାସନ ନିକଟରେ ଦ୍ୱାରସ୍ଥ ହୋଇ ଅଭିଯୋଗ କଲେ। ଅଭିଯୋଗ ଅନୁସାରେ ଜିଲ୍ଲା ପ୍ରଶାସନ ଡିସେମ୍ବର ୨୧ ତାରିଖରେ ଏକ ଉଚ୍ଚସ୍ତରୀୟ ବୈଠକ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସେଠାରେ ଉପସ୍ଥିତ ଥିବା କାଳିଆପାଣି ଥାନାଧିକାରୀ ଖଣି ଅଞ୍ଚଳରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଖୋଲାଖୋଲି ଉଲ୍ଲଘଂନ ହେବାସହ ୩୦ ଶତକଡ଼ା ସ୍ପେସାଲ୍ ଲୋଡ୍ ଦିଆଯାଇଥିବା ସ୍ୱୀକାର କରିଥିଲେ। ପରବର୍ତ୍ତୀ ସମୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ସ୍ପେସାଲ୍ ଲୋଡିଂ ବନ୍ଦ ରହିବ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ କଡ଼ାକଡ଼ି ପାଳନ କରାଯିବ ବୋଲି କହିଥିଲେ। ମାତ୍ର ପରବର୍ତ୍ତୀ ଅବସ୍ଥାରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ ସ୍ଥାନୀୟ ଗାଡ଼ି ମାଲିକମାନେ ବେଖାତିର୍ କରିବା ସହ ଖଣି କର୍ତ୍ତୃପକ୍ଷଙ୍କ ସହଯୋଗରେ ସ୍ଥାନୀୟ ଗାଡ଼ି ମାଲିକମାନେ ୩୦ ଶତକଡ଼ା ସ୍ପେସାଲ୍ ଲୋଡ୍ ନେଉଛନ୍ତି। ଫଳରେ ଚଣ୍ଡିଖୋଲ, ବ୍ରାହ୍ମଣୀ ବ୍ରିଜ୍ ଓ ଯାଜପୁର ରୋଡ୍ ଗାଡ଼ି



ମାଲିକମାନେ ଲୋଡିଂରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ଚଣ୍ଡିଖୋଲ ଓ ଯାଜପୁରରୋଡ୍ ବ୍ରାହ୍ମଣୀବ୍ରିଜ୍‌ର ଗାଡ଼ି ମାଲିକମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବାସହ ଖଣି ଅଞ୍ଚଳରୁ କ୍ରୋମାଇଟ୍ ଲୋଡ୍ କରୁଥିବା ଗାଡ଼ି ଗୁଡ଼ିକୁ ଅଟକାଇବେ ବୋଲି ନିଷ୍ପତ୍ତି ନେବାସହ ଉପଯୁକ୍ତ ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଧାରଣା ଜାରି ରଖିବେ ବୋଲି କହିଥିଲେ। ପରେ ଦର୍ପଣ ତହସିଲଦାର୍ ମାନସ ରଞ୍ଜନ ତ୍ରିପାଠୀ ଓ ବଡ଼ଚଣା ଥାନାଧିକାରୀ ଅସିତ୍ କୁମାର ବଳବନ୍ତରାୟ ଧାରଣାସ୍ଥଳରେ ପହଞ୍ଚି ଶୁକ୍ରବାର ୪ଟା ୩୦ ମିନିଟ୍‌ରେ ଯାଜପୁର ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ସମସ୍ୟାର ସମାଧାନ ପାଇଁ ଏକ ବୈଠକ ଡାକିଥିବାରୁ ଏହାକୁ ସମ୍ମାନ ଜଣାଇ ଧାରଣାକୁ ସାମୟିକ ସ୍ଥଗିତ ରଖିଥିଲେ।

## ବିଜେପିର ସାଂଗଠନିକ ଉତ୍ସବ ଓ ରକ୍ତଦାନ ଶିବିର

**ବାଲେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍:** ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକଙ୍କ ଜନ୍ମଦିନ ଅବସରରେ ରେମୁଣା ବିଜେପିର ସାଂଗଠନିକ ଉତ୍ସବ ସହ ଏକ ମେଗା ରକ୍ତଦାନ ଶିବିର ବାଲିଆସ୍ଥିତ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରରେ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ରକ୍ତଦାନ କରିଥିଲେ। ଏଥିରେ ମୋଟ ୧୨୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହାସହ ନବନିର୍ବାଚିତ ବିଭିନ୍ନ ପଞ୍ଚାୟତର ୨୨୯ଟି ବୁଥ୍ ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିର୍ବାଚନମଣ୍ଡଳୀର ୬ଟି ମଣ୍ଡଳ ସଭାପତି ମଣିନାଗେଶ୍ୱର ମଣ୍ଡଳ, ପ୍ରଫୁଲ୍ଲ ଦ୍ୱିବେଦୀ, ବାଘାଯତୀନ ଉମାକାନ୍ତ ଜେନା, କ୍ଷୀରଚୋରା ମଣ୍ଡଳ, ରଘୁନାଥ ପରିଡ଼ା, ଲବଣତୀର୍ଥ ମାନସ କୁମାର ମହାନ୍ତି, କନକଦୁର୍ଗା ମଣ୍ଡଳ ବିବେକ ବିକାଶ ରାଉତ ଓ ଏନ୍‌ଏସି ମଣ୍ଡଳ ମାୟାଧର ପ୍ରଧାନଙ୍କୁ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ଲମ୍ବୋଦର ପ୍ରଧାନ, ଗିରିଧାରୀ ଦାସ, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ କୃଷ୍ଣଚନ୍ଦ୍ର ସାହା ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହ ଅବସରରେ ରେମୁଣା ଏନ୍‌ଏସି ବିଜେଡି ସଭାପତି ନରେନ୍ଦ୍ର ବେହେରା ଓ



ଖାନନଗର ସରପଞ୍ଚ ଅଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ତାଙ୍କ ସହଯୋଗୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେପିରେ ମିଶିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ସାହା ମଞ୍ଚ ଆହ୍ୱାନ କରିଥିବାବେଳେ କାର୍ତ୍ତିକ ଚନ୍ଦ୍ର ଗିରି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଗିରିଧାରୀ ଦାସ ଧନ୍ୟବାଦ ଦେଇଥିଲେ।

# ସମ୍ବିଧାନର ୭୫ବର୍ଷ ପୂର୍ତ୍ତି ଅବସରରେ ଆଲୋଚନାଚକ୍ର



**କଟକ,୧୦।୧/ଏନ୍‌ଏନ୍‌ଏସ୍:** ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ କଟକ ଗାନ୍ଧୀ ଭବନଠାରେ ଆୟୋଜିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସର୍ବୋଦୟ କର୍ମୀ ଅନ୍ତର୍ଯାମୀ ବରାଳଙ୍କ ସଭାପତିତ୍ୱରେ 'ସାମ୍ବିଧାନିକ ମୂଲ୍ୟବୋଧ, ଭାରତୀୟ ରାଷ୍ଟ୍ରୀୟତା, ଗଣତନ୍ତ୍ର ଓ ଆମ ଦାୟିତ୍ୱ' ଶୀର୍ଷକ ଆଲୋଚନାଚକ୍ରରେ ଚିତ୍ତରଞ୍ଜନ ମହାନ୍ତି, ଜୟନ୍ତୀ ମଞ୍ଜରୀ ରଥ, ବିଶ୍ୱାବସୁ ଦାସ, ଜୟନ୍ତ କୁମାର ଦାସ, ମିହିର ପ୍ରତାପ ଦାସ, କିଶୋର ଜେନା, ଯୁଗଳ କିଶୋର ନାୟକ, ଖଗେଶ୍ୱର ସେଠୀ, ମହେଶ୍ୱର ଅଜନବୀ, ଡ. ପ୍ରଭାବତୀ ପଣ୍ଡା, ଶଶୀଭୂଷଣ ଦାସ, ସୁରେନ୍ଦ୍ର ନାଥ କର, ଅନିମା ରାୟ, ଅନ୍ନପୂର୍ଣ୍ଣା ସାହୁ, କାଶୀନାଥ ସ୍ୱାଇଁ, ପ୍ରଦ୍ୟୁମ୍ନ ନାୟକ ପ୍ରମୁଖ ଯୋଗଦାନ କରି ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ସମଗ୍ର ଦେଶବାସୀଙ୍କୁ ଏକାଠି ହେବାର ସମୟ ଆସିଛି ବୋଲି ମତ ରଖିଥିଲେ। ସୂଚନାଯୋଗ୍ୟ, ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ୧୯୧୫ ମସିହା ୯ ଜାନୁଆରୀରେ ଭାରତକୁ ଫେରିଆସିଥିଲେ। ତାଙ୍କରି ସ୍ମୃତିରେ ପ୍ରତିବର୍ଷ ୯ ଜାନୁଆରୀକୁ ପ୍ରବାସୀ ଭାରତୀୟ ଦିବସ ରୂପେ ପାଳନ କରାଯାଏ। ଚଳିତବର୍ଷ ଓଡ଼ିଶା ସରକାର ଏହି ଦିବସର ଆୟୋଜନ କରିବା ସମୟରେ ମହାତ୍ମା ଗାନ୍ଧୀଙ୍କ ଫଟୋକୁ ସ୍ଥାନ ନଦେବା ଗାନ୍ଧୀଙ୍କ ପ୍ରତି ଅପମାନ ହୋଇଛି। ଗାନ୍ଧୀଙ୍କ ପ୍ରତି ଏହି ଅପମାନ ପାଇଁ ଏଠାରେ ଉପସ୍ଥିତ ବ୍ୟକ୍ତି ବିଶେଷ ଏହି ଘଟଣାର ଦୃଢ଼ ନିନ୍ଦା କରିଥିଲେ। ରାଷ୍ଟ୍ରୀୟ ଯୁବା ସଙ୍ଗଠନର ମାନସ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଶେଷରେ ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରଘୁରାଜପୁର ପରିଦର୍ଶନ କଲେ ପ୍ରବାସୀ ଭାରତୀୟ

## ଫିର୍ ମିଲେଙ୍ଗେ କହି ହାତ ମିଳାଇଲେ

**ପୁରୀ,୧୦।୧/ଏନ୍‌ଏନ୍‌ଏସ୍ :** ଶୁକ୍ରବାର ୮୦ ଜଣ ପ୍ରବାସୀ ଭାରତୀୟ ଓ ସହଯୋଗୀ ସଦସ୍ୟ କଳାଗ୍ରାମ ରଘୁରାଜପୁର ପରିଦର୍ଶନ କରିଥିଲେ। ସେମାନେ ରଘୁରାଜପୁରଠାରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ରଘୁରାଜପୁରର କଳାକୃତି ଦେଖି ପ୍ରବାସୀମାନେ ଖୁସି ଓ ବିସ୍ମୟ ପ୍ରକାଶ କରିଥିଲେ। ଏତେ ସୁନ୍ଦର ଚିତ୍ରକଳା ଓ ତାହାର ପ୍ରସ୍ତୁତି ପ୍ରଣାଳୀକୁ ଦେଖି ସେମାନେ ବିମୋହିତ ହୋଇଥିଲେ। ବେଶ କିଛି କିଣାକିଣି କରି କଳାକୃତି ଓ କଳାକାରଙ୍କ ସହ ଫଟୋ ଉଠାଇ ସେଲ୍ଫି ନେଇଥିଲେ। ନିଜ ପ୍ରତିକ୍ରିୟାରେ ତାଙ୍କୁ ଓଡ଼ିଶା ଭଲ ଲାଗିବା ସହ ଓଡ଼ିଶାର ଆତିଥେୟତାରେ ସେମାନେ ଅତ୍ୟନ୍ତ ଆନନ୍ଦିତ ବୋଲି କହିଥିଲେ। ପରେ ସେମାନେ ସାତପଡ଼ା ଯାଇ ନୌବିହାର କରିଥିଲେ। ଶେଷରେ କୋଣାର୍କ ସୂର୍ଯ୍ୟମନ୍ଦିର ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ। ଓଡ଼ିଆ ମୂର୍ତ୍ତି କଳାକାରଙ୍କ କୃତି ଅନନ୍ୟ ଓ ବିସ୍ମୟକର ବୋଲି ସେମାନେ କହିବା ସହ ଓଡ଼ିଶାକୁ ଏହି ପର୍ଯ୍ୟଟନ ସେମାନଙ୍କ ପାଇଁ ଅଭୁଲା ହୋଇରହିବ ବୋଲି କହିଥିଲେ। ଭବିଷ୍ୟତରେ ପୁଣି ଓଡ଼ିଶା ଆସିବୁ ବୋଲି ସୂଚନା ଦେଇ ସ୍ଥାନୀୟ ଲୋକଙ୍କୁ ହିନ୍ଦୀରେ 'ଫିର୍ ମିଲେଙ୍ଗେ' ସମ୍ବୋଧିତ କରି ହାତ ମିଳାଇ ବିଦାୟ ନେଇଥିଲେ। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଆସିଥିବା ଏହି ଅତିଥିମାନଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ମାଧ୍ୟମରେ ସମସ୍ତ ପର୍ଯ୍ୟଟନସ୍ଥଳ ପରିଭ୍ରମଣର ବ୍ୟବସ୍ଥା କରାଯାଇଥିଲା।



# ନାବାଳିକା ଦୁଷ୍କର୍ମ ମାମଲା, ଆସାମୀଙ୍କୁ ୫ବର୍ଷ ଜେଲ୍

**କଟକ,୧୦।୧/ଏନ୍‌ଏନ୍‌ଏସ୍:** ନାବାଳିକା ଦୁଷ୍କର୍ମ ଅଭିଯୋଗ ମାମଲାରେ କଟକର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଚୌଦ୍ୱାର ଥାନାର ଆମ୍ବିଳିଝରି ଗ୍ରାମର ଆସାମୀ ବିଶ୍ୱନାଥ ସଏଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କାର ଜୋରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଆସାମୀଙ୍କୁ ଆଉ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କହିଛନ୍ତି। ୨୦୧୮ ମସିହା ଅଗଷ୍ଟ ୨୬ ତାରିଖରେ ଚୌଦ୍ୱାର ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ବିଶ୍ୱନାଥ ଦୁଷ୍କର୍ମ କରିଥିବା ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଗଷ୍ଟ ୨୭ ତାରିଖରେ ଏତଲା ରୁଜୁ କରାଯାଇଥିଲା। ୨୦୧୮ ମସିହା ଅକ୍ଟୋବର ୨୯ ତାରିଖରେ ପୁଲିସ୍ ବିଶ୍ୱନାଥ ବିରୋଧରେ କଟକର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୋଗପତ୍ର ଦାଖଲ କରିଥିଲା। ଏହା ପରେ କୋର୍ଟ ବିଶ୍ୱନାଥ ବିରୋଧରେ ଚାର୍ଜଫ୍ରେମ୍ କରିବା ପରେ ମାମଲାର ଶୁଣାଣି ଚାଲିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ କୋର୍ଟରେ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ପରିଚାଳନା କରୁଥିଲେ।

# ଅତିରିକ୍ତ ଜିଲ୍ଲାପାଳ ଭାବେ ଯୋଗଦେଲେ ଡ. ଶରତ ଚନ୍ଦ୍ର ମହାପାତ୍ର

**ପୁରୀ,୧୦।୧/ଏନ୍‌ଏନ୍‌ଏସ୍:** ପୁରୀର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଭାବେ ଡ. ଶରତ ଚନ୍ଦ୍ର ମହାପାତ୍ର ଶୁକ୍ରବାର ଯୋଗଦେଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ(ରାଜସ୍ୱ) ନୂତନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଶ୍ରୀ ନାୟକଙ୍କ ର ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଥିବା ବେଳେ ଡ. ମହାପାତ୍ର ଏହା ପୂର୍ବରୁ ଅନୁଗୋଳର ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ।



# ଆଠଗଡ଼ ନିର୍ବାଚନମଣ୍ଡଳୀ ସ୍ତରୀୟ ଉନ୍ନୟନମୂଳକ କମିଟି ବୈଠକ




**କଟକ,୧୦।୧/ଏନ୍‌ଏନ୍‌ଏସ୍:** ଆଠଗଡ଼ ନିର୍ବାଚନମଣ୍ଡଳୀ ସ୍ତରୀୟ ଉନ୍ନୟନମୂଳକ କମିଟିର ବୈଠକ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସଭାରେ ଗ୍ରାମପଞ୍ଚାୟତରେ ରାଜସ୍ୱ ଆୟ କିପରି ବୃଦ୍ଧି ପାଇବ, ଖାଦ୍ୟ ଯୋଗାଣ ବିଭାଗ ଦ୍ୱାରା ପିଡିଏସ୍‌ରେ ଇ-କେୱାଇସି କରିପାରିବେ ଏବଂ ସେଥିରୁ ଜଣେ ବି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି ସେ ବିଷୟରେ ଗୁରୁତ୍ୱ ଦିଆଯାଇଥିଲା। ସାମାଜିକ ସୁରକ୍ଷା ବିଭାଗ ଅଧୀନରେ ବିଭିନ୍ନ ଭତ୍ତା ପାଉଥିବା ଏବଂ ଆଶାୟୀଥିବା ଯୋଗ୍ୟ ହିତାଧିକାରୀ ଯେପରି ଅଧିକରୁ ଅଧିକ ସାମିଲ ହେବେ, ସେ ଦିଗରେ ସଂପୃକ୍ତ ଅଧିକାରୀ ତତ୍ପରତା ସହ କାର୍ଯ୍ୟ ନିର୍ବାହ କରିବା ଉପରେ ବିଧାୟକ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ କଟକ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପନିର୍ଦ୍ଦେଶକ ଯୋଜନା ଓ ସମନ୍ୱୟ ବିଭାଗ ବିଶ୍ୱରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଠଗଡ଼ ବିଡିଓ, ତିଗିରିଆ ଓ ଟାଙ୍ଗୀ ଚୌଦ୍ୱାର ବିଡିଓ ଏବଂ ଆଠଗଡ଼ ବିଜ୍ଞାପିତଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ନିଯୁକ୍ତି ପାଇଥିବା ୬ ପ୍ରଶାସନିକ ଅଧିକାରୀ ପ୍ରଶିକ୍ଷଣ ନିମନ୍ତେ ଏହି ସମୀକ୍ଷା ବୈଠକରେ ଯୋଗଦେଇଥିଲେ।

# ଟି-ସେତୁରେ ଯାନବାହାନ ଚଳାଚଳ ଉପରେ କଟକଣା

**କଟକ,୧୦।୧/ଏନ୍‌ଏନ୍‌ଏସ୍:** ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ଆସନ୍ତା ମକର ସଂକ୍ରାନ୍ତି ଅବସରରେ ଜାନୁଆରୀ ୧୪ ତାରିଖରୁ ୧୬ ପର୍ଯ୍ୟନ୍ତ ଆଠଗଡ଼ସ୍ଥିତ ପ୍ରଭୁ ସିଂହନାଥ ପୀଠଠାରେ ମକରମେଳା ଏବଂ ଉତ୍ସବର ଭବ୍ୟ ଆୟୋଜନ କରାଯାଉଛି। ଏହି ମେଳାରେ କଟକ ସମେତ ଅନ୍ୟାନ୍ୟ ଆଖପାଖ ଜିଲ୍ଲାରୁ ଦୁଇଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ଭକ୍ତଙ୍କର ସମାଗମ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସିଂହନାଥ ପୀଠକୁ ସଂଯୋଗ କରୁଥିବା ବୈଦେଶ୍ୱର-ବଡ଼ମ୍ବା, ଟି-ସେତୁ ଉପରେ ସେମାନଙ୍କ ସୁରକ୍ଷା ସହ ଯେପରି କୌଣସି ଅଘଟଣ ନ ଘଟେ ସେଥିପ୍ରତି ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ଉତ୍ସବ ସମୟରେ ଉକ୍ତ ସେତୁ ଉପରେ ଯାନବାହନ ଯାତାୟାତ ନିମନ୍ତେ କଟକଣା ଜାରି କରାଯିବା ସହ ନୟାଗଡ ପଟୁ ବଡ଼ମ୍ବା ଆସୁଥିବା ସମସ୍ତ ଯାନବାହନଗୁଡ଼ିକୁ ସିଦ୍ଧମୂଳା ସେତୁ ଦେଇ ବଡ଼ମ୍ବା ଅଭିମୁଖେ ଗତି କରିବ, ସେହିଭଳି ବଡ଼ମ୍ବା ପଟୁ ଭୁବନେଶ୍ୱର ଓ ଖୋର୍ଦ୍ଧା ଯାଉଥିବା ଯାନବାହନଗୁଡିକ ଜାତମୁଣ୍ଡିଆ ସେତୁ ଦେଇ ଗତିକରିବ। ଏହି ମେଳା ସମୟରେ ଯାନବାହାନ ଚଳାଚଳର ନିୟନ୍ତ୍ରଣ, କଟକଣା ଓ ଗତିପଥ ପରିବର୍ତ୍ତନ ସମ୍ବନ୍ଧରେ ପୁଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଭାଗଚାଷୀଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରାନଯାଉ: କଂଗ୍ରେସ

**କଟକ,୧୦।୧/ଏନ୍‌ଏନ୍‌ଏସ୍:** ଲଘୁଚାପ ଜନିତ ଲଗାଣ ବର୍ଷାରେ ବ୍ୟାପକ ଫସଲ ନଷ୍ଟହେବା ପରେ ଫସଲହାନି ଓ ଋଣ ଭାରରେ ଅତିଷ୍ଠ ହେଲେଣି ଚାଷୀ। ସରକାର ଧାନ କ୍ୱିଣ୍ଟାଲ୍ ପିଛା ୩୧୦୦ଟଙ୍କା ଦେବେ ବୋଲି ଘୋଷଣା କରିବା ପରେ ଅନେକ ଚାଷୀ ନିଜ ଜମି ସହ ଭାଗରେ ଜମି ଆଣି ଚାଷ କରିଥିଲେ। ଅନେକ ଜମି ମାଲିକ ବଡ଼ବଡ଼ ଚାକିରି ସହ ସ୍ୱଚ୍ଛଳ ବର୍ଗର ଲୋକ ଯିଏ କି ଚାଷ କରନ୍ତି ନାହିଁ। କିନ୍ତୁ ସରକାର ଯଦି ଜମି ମାଲିକ ହିସାବରେ ସାହାଯ୍ୟ ସହାୟତା ପ୍ରଦାନ କରିବେ ତେବେ ପ୍ରକୃତ ଭାଗଚାଷୀ ହତାଶ ହେବେ ଏବଂ ଯେଉଁମାନେ ଋଣ ଆଣି ଚାଷ କରିଥିଲେ ସେମାନେ ଚାପରେ ରହିବେ। ଏଣୁ ପ୍ରଶାସନ ବିଲ ମୁଣ୍ଡକୁ ତଥା ଗ୍ରାଉଣ୍ଡ୍ ଜିରୋକୁ ଯାଇ ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରିବା ସହ ଯାହା ସରକାରୀ ସହାୟତା ମିଳୁଛି କେବଳ ଜମି ମାଲିକ ବୋଲି ନୁହେଁ ଯିଏ ପ୍ରକୃତ ଚାଷୀ ସେମାନଙ୍କୁ ପ୍ରଦାନ କରିବାକୁ କଂଗ୍ରେସ ପକ୍ଷରୁ କଟକ ସଦର ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତଙ୍କ ସହ କଟକ ନଗର(ଜିଲ୍ଲା)କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ନିର୍ମଳ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

# ୧୨ରୁ ୧୫ ରତ୍ନଭଣ୍ଡାର ମରାମତି ସ୍ଥଗିତ

**ପୁରୀ,୧୦।୧/ଏନ୍‌ଏନ୍‌ଏସ୍:** ମକର ସଂକ୍ରାନ୍ତି ସହ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତିକୁ ଦୃଷ୍ଟିରେ ରଖି ଜାନୁଆରୀ ୧୨ ତାରିଖଠାରୁ ୧୫ ତାରିଖ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାମ ସ୍ଥଗିତ ରଖାଯାଇଛି। ଆସନ୍ତା ୧୬ତାରିଖ ଠାରୁ ପୁଣିଥରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଏବଂ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା ଅନୁସାରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭହେବ। ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

# ପୁରୀ ବିଚ୍ ସ୍ପୋର୍ଟ୍ସ ଉଦ୍‌ଯାପିତ



**ପୁରୀ,୧୦।୧/ଏନ୍‌ଏନ୍‌ଏସ୍:** ପ୍ରବାସୀ ଭାରତୀୟ ସମ୍ମିଳନୀ ଉପଲକ୍ଷେ ପୁରୀ ବେଳାଭୂମିଠାରେ ପୁରୀ ଜିଲ୍ଲା ପ୍ରସାଶନ ଓ ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟ ପକ୍ଷରୁ ଚାଲିଥିବା ତିନିଦିନିଆ ପୁରୀ ବିଚ୍ ସ୍ପୋର୍ଟ୍ସ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି କ୍ରୀଡ଼ା ଉତ୍ସବରେ ପୁରୀ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ପ୍ରତିଯୋଗିତାରେ ଭାଗନେଇ ନେଇଥିଲେ। ତେବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହିତ ଖେଳାଳିଙ୍କ ମଧ୍ୟରେ ପ୍ରତିଯୋଗିତାର ଭାବ ସୃଷ୍ଟିକରିବା ହେଉଛି ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ। ବେଳାଭୂମି ଉତ୍ସବର ଉଦ୍‌ଯାପନୀ ଦିବସରେ ପୁରୀର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈାଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ୍ ନିଳମାଧବ ଭୋଇ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଡିଆଇସିର ଜେନେରାଲ୍ ମ୍ୟାନେଜର ଅମୂଲ୍ୟରତ୍ନ ପଣ୍ଡା, କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ପ୍ରଶାସନର ଉପଦେଷ୍ଟା ଶିଦ୍ଧାର୍ଥ ରାୟ ଓ ନିତା ସ୍ପୋର୍ଟସ ଏକାଡେମୀର ସମ୍ପାଦକ ଆଡ୍‌ଭୋକେଟ୍ ସତ୍ୟବ୍ରତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। କ୍ରୀଡ଼ାକୁ ପ୍ରସାହନ କରିବା ନିମନ୍ତେ ପୁରୀ ପ୍ରସାଶନ ତରଫରୁ ନୌକାଚାଳନା ପ୍ରତିଯୋଗିତାରେ ସାଗର ଗ୍ରୁପ୍ ପ୍ରଥମ, ବୁଢ଼ୀ ମା' ଦ୍ୱିତୀୟ ଓ ସାତଲହଡ଼ି ମଠ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ଦଳ ଭାବରେ ନିତା ସ୍ପୋର୍ଟସ ଏକାଡେମୀ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ପ୍ରଶାସନ ତରଫରୁ ଉତ୍ତମ ଖେଳ ପରିଚାଳନା ପାଇଁ କୋଚ ଜିତେନ୍ଦ୍ର ବେହେରା, ଶେଫାଳି ପତି ଓ ଗାୟତ୍ରୀ ସେଠି ପୁରସ୍କୃତ ହୋଇଥିଲେ। ଏହି ଉତ୍ସବକୁ ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟର କର୍ମକର୍ତ୍ତା ରାମଚନ୍ଦ୍ର ବେହେରା, କୁନା ବେହେରା, ସୌମ୍ୟ ପୁଜାରୀ, ପ୍ରଭାତୀ ରାଭା, ମାନସ ଦାସ, ଜ୍ଞାନ ରଞ୍ଜନ ବେହେରା, ବନିତା ଦୀକ୍ଷିତ ଓ ପ୍ରଦୀପ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଉଦ୍‌ଯାପିତ ହେଲା ପୁରୀ ବେଳାଭୂମି ମହୋତ୍ସବ




**ପୁରୀ,୧୦।୧/ଏନ୍‌ଏନ୍‌ଏସ୍ :** ପୁରୀ ବେଳାଭୂମି ମହୋତ୍ସବ ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ମହୋତ୍ସବର ସୁପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମହୋତ୍ସବକୁ ଆମେ ସମସ୍ତେ ମିଶି ନିୟମିତ କରିବାକୁ ସେ ଅନୁରୋଧ କରିଥିଲେ। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ମହୋତ୍ସବ ପାଇଁ ସମସ୍ତ ସହଯୋଗ ଯୋଗାଇ ଦେଇଥିବାରୁ ବିଧାୟକ ଶ୍ରୀ ମହାନ୍ତି ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବରେ ଏସ୍‌ପି ବିନୀତ ଅଗ୍ରୱାଲ, ବିଦାୟୀ ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ଡ. ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପଲ୍ଲିଶ୍ରୀ ମେଳା, ଗୁଡି ଉଡ଼ା ପ୍ରଦର୍ଶନୀ, ପୁଷ୍ପ ପ୍ରଦର୍ଶନୀ ଓ ବିଚ୍ କ୍ରୀଡ଼ାରେ କୃତିତ୍ୱ ହାସଲକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ରଘୁରାଜପୁରର ପ୍ରସିଦ୍ଧ ଗୋଟିପୁଅ ନୃତ୍ୟ ସହ ସଙ୍ଗୀତ ବିଚିତ୍ରା ପରିବେଷଣ କରାଯାଇଥିଲା।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ସୁଶିଲ କୁମାର ମିଶ୍ର, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା, ଡେପୁଟି କଲେକ୍ଟର ବିବେକାନନ୍ଦ ସାହୁ, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ବିଭାଗ ସରୋଜକାନ୍ତ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଓ ଅନ୍ୟାନ୍ୟ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

DSPL-315

ବନ୍ୟଜନ୍ତୁ ଏବଂ ଧନଜୀବନ ସୁରକ୍ଷା ପାଇଁ ବିଦ୍ୟୁତ୍ ସତର୍କତା

ଜଙ୍ଗଲ ଭିତରେ ଅନଧିକୃତ ଭାବେ ବିଦ୍ୟୁତ୍ ତାର ବିଛାଇ ବିଦ୍ୟୁତ୍ ସଂଯୋଗ କରନ୍ତୁ ନାହିଁ।





ଫସଲ ସୁରକ୍ଷା ପାଇଁ ବାଡ଼ି ବଗିଚାର ଚତୁଃପାର୍ଶ୍ୱରେ ଥିବା ତାର ବାଡ଼ରେ ବିଦ୍ୟୁତ୍ ସଂଯୋଗ କରନ୍ତୁ ନାହିଁ।

ଘରର ବିଦ୍ୟୁତ୍ ସଂଯୋଗ ଅନଧିକୃତ ଭାବେ ଅନ୍ୟ ସ୍ଥାନକୁ ବିସ୍ତାର କରନ୍ତୁ ନାହିଁ



ଏହି ସବୁ କାର୍ଯ୍ୟ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଟେ ଏବଂ ମନୁଷ୍ୟ, ବନ୍ୟଜନ୍ତୁ ମାନଙ୍କ ଜୀବନହାନିର କାରଣ ହୋଇପାରେ। ଏଭଳି କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ। ଯଦି ଏହି ବେଆଇନ କାମ କାହାର ନଜରରେ ଆସୁଛି, ତେବେ ସ୍ଥାନୀୟ ବିଦ୍ୟୁତ୍ ବିତରଣ ସଂସ୍ଥାକୁ ଓ ଜଙ୍ଗଲ ବିଭାଗକୁ ତୁରନ୍ତ ଜଣାନ୍ତୁ।

ବିଦ୍ୟୁତ୍ ସୁରକ୍ଷା ଆପଣାନ୍ତୁ ଧନଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର

ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04025/13/0004/2425

# ନବପଲ୍ଲବ

ମାନବତା ଉପରେ ବିଶ୍ୱାସ ହରାଇବା ଉଚିତ ନୁହେଁ। ମାନବତା ସାଗର ସହିତ ସମାନ। ଯଦି ସାଗରର କିଛି ବୁନ୍ଦ ପାଣି ଅପରିଷ୍କାର ଥାଏ, ତେବେ ପୁରା ସାଗର ଅପରିଷ୍କାର ହୋଇଯାଏ ନାହିଁ। - ଗାନ୍ଧୀ ବାଣୀ

150



ନିତିଦିନ NITIDIN

## ଆମ ଗର୍ବ, ଆମ ଗୌରବ



**ହଂସନାଥ ମୁଦୁଲି**

ଜନ୍ମସ୍ଥାନ: ଅଇନୀ, କଟକ
ବର୍ତ୍ତମାନ ଠିକଣା: ୫୦/୧୯୬୪,
ଡୁମଡୁମା-୯ ଖଣ୍ଡଗିରି,
ଭୁବନେଶ୍ୱର-୩୦
ମୋ: ୯୭୭୭୯୬୮୭୧୯

ରାଜ୍ୟର ଜଣେ ଖ୍ୟାତନାମା ଶିଶୁ ସାହିତ୍ୟିକ। ସାହିତ୍ୟର ଅନ୍ୟାନ୍ୟ ବିଭାଗରେ ମଧ୍ୟ ଖ୍ୟାତି ଅର୍ଜନ କରିଛନ୍ତି। କିରଣଜ୍ୟୋତ୍ସ୍ନା, ସହର କହିଲା ଗାଆଁକୁ, ଜଗତ ସେବାରେ ମୁଁ, ଛୋଟ ଏକ ଗାଆଁ ଅଇନୀ ତା'ର ନାଆଁ ସମେତ ୧୪ ଶିଶୁସାହିତ୍ୟ ପୁସ୍ତକର ଲେଖକ। ଏହା ସହ ୬ଟି ଗୀତି କବିତା, ୬ଟି ଆଧୁନିକ ଗଳ୍ପ ସଂକଳନର ମଧ୍ୟ ରଚୟିତା। ସରଗଶଶୀ, ଝୁମୁକା, ଶିଶୁବଜାର, ସଂସାର, ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ ସମେତ ଅନେକ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ଓ ସମ୍ମାନିତ।

**ଆମ ପ୍ରଶ୍ନ:** ଓଡ଼ିଆ ବହି ଓ ପତ୍ରପତ୍ରିକାର ପାଠକ ସଂଖ୍ୟା ପୂର୍ବ ତୁଳନାରେ କମିକମି ଯାଉଥିବା ବେଳେ ଶିଶୁସାହିତ୍ୟର ଭବିଷ୍ୟତକୁ ନେଇ କ'ଣ କହିବେ ?

**ଆପଣଙ୍କ ଉତ୍ତର:** ସୃଜନଶୀଳ ସାହିତ୍ୟର ଆଦର ବଢ଼େ ପାଠକମାନଙ୍କ ଦ୍ୱାରା। ପାଠକମାନଙ୍କ ଦ୍ୱାରା ଆଦୃତ ଓ ପ୍ରଶଂସିତ ହେଲେ ସାହିତ୍ୟ ଲୋକାଭିମୁଖୀ ହୁଏ। ଉଭୟ ସାହିତ୍ୟ ଓ ସାହିତ୍ୟିକମାନଙ୍କର ଉନ୍ନତି ହୁଏ, ସମାଜର ମଧ୍ୟ। ମାତ୍ର ଏବେର ଆଧୁନିକ ଓ ଯନ୍ତ୍ର ଯୁଗରେ ବିଶେଷ କରି ଟେଲିଭିଜନ ଓ ମୋବାଇଲର ସଂଖ୍ୟାରେ ବୃଦ୍ଧି ହେବା ପରେ ପାଠକ ସଂଖ୍ୟା କମିକମି ଚାଲିଛି। ଯଦିଓ ଓଡ଼ିଆ ସାହିତ୍ୟରେ (ଶିଶୁ ସାହିତ୍ୟ ସମେତ) ଏବେ ପ୍ରକାଶିତ ପୁସ୍ତକ ସଂଖ୍ୟା ପୂର୍ବଠାରୁ ଅଧିକ ବଢ଼ିଚାଲିଛି, ତଥାପି ପାଠକ ସଂଖ୍ୟା କମ୍ ହେବା ଫଳରେ ସୃଜନଶୀଳ ସାହିତ୍ୟ ପ୍ରଭାବିତ ହେଉଛି। ପାଠକ ସଂଖ୍ୟାରେ ବୃଦ୍ଧି ଘଟାଇବା ସାହିତ୍ୟିକ, ପାଠକ ଓ ସାଧାରଣ ବ୍ୟକ୍ତିବିଶେଷଙ୍କ ସହ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟ ଗୁରୁଦାୟିତ୍ୱ। ଆମେ ସମସ୍ତେ ଯତ୍ନବାନ ହେଲେ ଏବଂ ପିଲା ଓ ଯୁବପିଢ଼ିଙ୍କୁ ଏ ଦିଗରେ ଉତ୍ସାହିତ କଲେ ପାଠକ ସଂଖ୍ୟାରେ ବୃଦ୍ଧି ନିଶ୍ଚୟ ଘଟିବ ଏବଂ ସାହିତ୍ୟର ବାସ୍ତବ ଉନ୍ନତି ହେବ। ଅପରପକ୍ଷରେ ଆମ ଶିଶୁସାହିତ୍ୟ କେତେକ ସ୍ଥଳେ ଆହୁରି ଉନ୍ନତି ଆବଶ୍ୟକ କରୁଥିଲେ ବି ଏହାର ଭବିଷ୍ୟତ ଉଜ୍ଜ୍ୱଳମୟ ଅଛି ଏବଂ ରହିବ।

## ଜଙ୍ଗଲ ବଢ଼ିଲା

ଜଣେ ରାଜା ଥିଲେ। ସେ ଥିଲେ ଭାରି ଦୟାଳୁ। ପ୍ରଜାମାନଙ୍କୁ ସୁଖରେ ରଖିବା ତାଙ୍କ ଶାସନର ବ୍ରତ ଥିଲା। ପ୍ରଜାମାନଙ୍କର ସବୁ ସୁବିଧା କରିଦେବା ପାଇଁ ସେ ନିଜେ ତ ସର୍ବଦା ତତ୍ପର ଥିଲେ ତା' ସହିତ ତାଙ୍କ ରାଜ ପାରିଷଦମାନଙ୍କୁ ଏ ବିଷୟରେ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଥରେ ତାଙ୍କ ରାଜ୍ୟରେ ବର୍ଷା ହେଲା ନାହିଁ। ଚାଷ କାର୍ଯ୍ୟରେ ଖୁବ୍ ବାଧା ଉପୁଜିଲା। ଲୋକମାନଙ୍କ ମଧ୍ୟରେ ଭାଲେଣି ପଡ଼ିଲା। ବର୍ଷା ନ ହେଲେ କୃଷି କାର୍ଯ୍ୟ କିପରି ହେବ! କୃଷିକାର୍ଯ୍ୟ ନ ହେଲେ ଫସଲ ଉପୁଜିବ କେମିତି! ଲୋକମାନେ ଖାଇବେ କ'ଣ! ରାଜାଙ୍କର ଚିନ୍ତା ବଢ଼ିଗଲା। ସେ ରାଜ୍ୟରେ ନାନା ପ୍ରକାର ପୂଜାବିଧି କରାଇଲେ, ଯେପରି କି ଇନ୍ଦ୍ର ଦେବତା ଖୁସି ହେବେ ଓ ବର୍ଷା କରାଇବେ। ମାତ୍ର ଫଳ କିଛି ହେଲା ନାହିଁ। ତା'ପରେ ରାଜା ତାଙ୍କର ମନ୍ତ୍ରୀପରିଷଦ ସହିତ ବିଚାର ଆଲୋଚନା କଲେ। ବର୍ଷା ନ ହେବାର କାରଣ ବିଷୟରେ ନାନା ବିଚାର ବିମର୍ଷ ହେଲା। ଏହି ପ୍ରକାର ବିଚାର ଆଲୋଚନାରୁ ଯାହା ଜଣାପଡ଼ିଲା ତାହା ଥିଲା ଏପରି।

ପ୍ରଜାମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱାର୍ଥ ପାଇଁ ଗଛମାନ କାଟି ସଫା କରି ଦେଉଛନ୍ତି। ଯେଉଁଠି ଦେଖ କୌଣସି ନା କୌଣସି ଆଳରେ ଗଛ କଟା ଚାଲିଛି। ତେଣୁ ଧିରେ ଧିରେ ଗଛମାନଙ୍କର ସଂଖ୍ୟା କମୁଛି। ତା' ଫଳରେ ସବୁଜ ବଳୟ ନଷ୍ଟ ହେଉଛି। ପଶୁପକ୍ଷୀମାନଙ୍କ ଚଳପ୍ରଚଳନରେ ବାଧା ଉପୁଜୁଛି। ଜଙ୍ଗଲୀ ପଶୁମାନେ ଦୂର ଜଙ୍ଗଲକୁ ପଳାଉଛନ୍ତି। ରାଜ୍ୟ ନିକଟବର୍ତ୍ତୀ ଅଞ୍ଚଳ ଶୁଷ୍କଭୂମିରେ ପରିଣତ ହୋଇଯାଉଛି। ପକ୍ଷୀମାନେ କିଚିରି ମିଚିରି ହୋଇ ଗୀତ ଗାଉ ନାହାନ୍ତି କି ଲୋକମାନଙ୍କ ଘର ପାଖରେ ଉଡ଼ି ବୁଲୁନାହାନ୍ତି। ତେଣୁ ରାଜା ମନ୍ତ୍ରୀପରିଷଦ ସହିତ ଭଲ ଭାବରେ ଆଲୋଚନା କରି କେତେକ ନିୟମ ପ୍ରଚଳନ କଲେ। ତା' ପରେ ରାଜ୍ୟରେ ଘୋଷଣା କଲେ ଯେ-

କୌଣସି ପ୍ରଜା ମନଇଚ୍ଛା ଗଛ କାଟିପାରିବେ ନାହିଁ। ବରଂ ନିଜ ଘରର ଆଖପାଖ ଅଞ୍ଚଳରେ ବିଶେଷକରି ଖାଲି ସ୍ଥାନ ମାନଙ୍କରେ ଗଛର ଚାରା ଲଗାଇ ସେମାନଙ୍କର ସଂଖ୍ୟା ବଢ଼ାଇ ଚାଲିବେ। ଯଦି କୌଣସି କାମ ପାଇଁ ଗଛ କାଟିବା ନିହାତି ଜରୁରୀ ହୁଏ ତେବେ ରାଜାଙ୍କଠାରୁ ବା ଶାସନକଳର ଅନୁମତି ନେବେ। ତା' ବ୍ୟତୀତ କଟାଯାଇଥିବା ଗଛର ପୂରଣ ପାଇଁ ତା' ଠାରୁ ଅଧିକ ଗଛ ଲଗାଇବେ। ପର୍ବପର୍ବାଣି ତଥା ଯେକୌଣସି ଉତ୍ସବ ପାଳନ ଉପଲକ୍ଷେ ଗଛ ଲଗାଇବା କାର୍ଯ୍ୟ କରିବା ବାଧ୍ୟତାମୂଳକ ହେବ। ପିଲା ହୁଅନ୍ତୁ କି ବୁଢ଼ା ହୁଅନ୍ତୁ, କୌଣସି ବ୍ୟକ୍ତିଙ୍କ ଜନ୍ମ ଦିବସ ପାଳନ ମଧ୍ୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଦ୍ୱାରା କରାଯିବ। ତା' ବ୍ୟତୀତ ପ୍ରତି ପରିବାର ନିଜ ନିଜ ଘରବାରିର ବଳକା ଅଞ୍ଚଳରେ ଗଛ ଲଗାଇବା ମଧ୍ୟ ଜରୁରୀ।

ଏହି ସବୁ ନିୟମ କିପରି କଡ଼ାକଡ଼ି ଭାବରେ ପାଳନ କରାଯିବ ସେଥିପାଇଁ ରାଜା ନିଜର ପାରିଷଦ ତଥା ଶାସନକଳର କର୍ମଚାରୀମାନଙ୍କୁ ଦୃଢ଼ ଭାବରେ ନିର୍ଦ୍ଦେଶ ଦେଲେ। ସମସ୍ତ ନୀତିନିୟମ ବି ରାଜ୍ୟ ସାରା ପାଳନ କରାଗଲା।

କିଛି ବର୍ଷ ପରେ ଦେଖାଗଲା ଯେ ରାଜ୍ୟରେ ଜଙ୍ଗଲ ଅଞ୍ଚଳ ଧୀର ହେଲେ ବି କିଛି ଅଂଶରେ ବୃଦ୍ଧି ପାଇଛି। ଯାହାଦ୍ୱାରା କି ପ୍ରାକୃତିକ ସନ୍ତୁଳନ କିଛି ପରିମାଣରେ ଠିକ୍ ହୋଇଛି। ବର୍ଷା ମଧ୍ୟ ଅଧିକ ହୋଇଛି ମଝିରେ ମଝିରେ।

ଏଥର ରାଜା ଓ ପ୍ରଜାମାନେ ଟିକିଏ ଆଶ୍ୱସ୍ତ ହେଲେ। ଯାହା ହେଉ ଆମ ଚାରିପାଖରେ କିଛି କିଛି ବୃକ୍ଷ ସଂଖ୍ୟା ବଢ଼ିଥିବାରୁ ପରିବେଶ ସନ୍ତୁଳନରେ ଟିକିଏ ସୁଧାର ଆସିଛି। ଏହି କାର୍ଯ୍ୟ ଯଦି ସଦାସର୍ବଦା ଚାଲୁ ରହେ ତେବେ ପରିସ୍ଥିତିରେ ଉନ୍ନତି ଆସିବ ନିଶ୍ଚୟ।



## ହିଲ୍ ଷ୍ଟୋନ୍

**ଜଣାଅଜଣା**



**ପ୍ରଫେସର ରେଖା ଦାସ**

ଲଣ୍ଡନଠାରୁ ଦକ୍ଷିଣ-ପଶ୍ଚିମକୁ ଏକଶହ ତିନି ମାଇଲ ଦୂରରେ ଅବସ୍ଥିତ ଷ୍ଟୋନହେଞ୍ଜ, ଏହା ଏକ ଐତିହ୍ୟ ସ୍ଥାନ। ଏହା ନୂତନ ପ୍ରସ୍ତର ଯୁଗରେ ତେରଫୁଟ ଉଚ୍ଚ, ଛଅଫୁଟରୁ ଅଧିକ ଓସାରିଆ ପ୍ରାୟ ପଚିଶ ଟନ ଓଜନର ବିଶାଳକାୟ ପଥରଖଣ୍ଡଗୁଡ଼ିକୁ ଠିଆବାଗରେ ପୋତି ତାହା ଉପରେ ସେହି ଏକା ସାଇଜର ପଥର ଲିଂଟେଲ ପକାଇ ତିଆରି କରାଯାଇଥିବା ଏକ ଗୋଲାକାର କ୍ଷେତ୍ର। ବହୁତ ବଡ଼ କ୍ଷେତ୍ର କମ୍ୟୁନିଟି ସେଂଟର, ମଝିଲା କ୍ଷେତ୍ର କବରସ୍ଥାନ ଓ ସାନକ୍ଷେତ୍ର ଆରୋଗ୍ୟଶାଳା ଭାବରେ ବ୍ୟବହୃତ ହେଉଥିଲା ବୋଲି ବିଶ୍ୱାସ। ଏଡ଼େ ବଡ଼ ପଥର ଏଠାକୁ କିପରି ଆସିଲା ଭାବିଲେ ଆଶ୍ଚର୍ଯ୍ୟଲାଗେ। ଏଥିରେ ବ୍ୟବହାର କରାଯାଇଥିବା ନୀଳ ପଥରଗୁଡ଼ିକ ପ୍ରାୟ ୨୫୦ କିଲୋମିଟର ଏବଂ ବାଲିଆ (ସାର୍‌ସେନ ଝବଙ୍କସ୍ବରଭ) ପଥରଗୁଡ଼ିକ ୨୫ କିଲୋମିଟର ଦୂରରୁ ଆସିଥିବା ବିଶ୍ୱାସ।

ଷ୍ଟୋନହେଞ୍ଜ କ୍ଷେତ୍ରର ମଝିରୁ ପ୍ରାୟ ୨୫୪ଫୁଟ ଦୂରରେ ଗୋଟିକିଆ ହୋଇ ଏକ ବିଶାଳ ପଥରଖଣ୍ଡ ଅଲଗା ହୋଇ ପଡ଼ି ରହିଛି। ହିଲ୍ ଷ୍ଟୋନ (ଐରରକ ଝସ୍ବଙ୍କଭର) ନାମରେ ପରିଚିତ ଏହି ବିଶାଳ ସାର୍‌ସେନ ପଥର ଖଣ୍ଡକ ମୋଟ ଉଚ୍ଚତା ପ୍ରାୟ ଅଠରଫୁଟରୁ ତିନିଫୁଟ ମାଟିରେ ପୋତିହୋଇ ରହିଛି। ଏହାର ଗୋଲେଇ ପ୍ରାୟ ପଚିଶ ଫୁଟ। ଏହାକୁ ଅନ୍ୟ ପଥରଖଣ୍ଡଗୁଡ଼ିକପରି ଏକ ନିର୍ଦ୍ଦିଷ୍ଟ ଆକାର ଦେବାଲାଗି ସୁଆଁସ କରାଯାଇନାହିଁ। ସୂର୍ଯ୍ୟଙ୍କ ଉତରାୟଣବେଳେ ଏହି ଫଥରଖଣ୍ଡରୁ ସୂର୍ଯ୍ୟୋଦୟ ଦେଖାଯାଏ।



୧୯୭୯ ମସିହାରେ ଏହି ପଥରପାଖରେ ପଡ଼ିଥିବା ଏକାପରି ଗୋଟିଏ ପଥରର ଓଜନ ଛତିଶ ଟନ୍ ଥିଲା ବୋଲି ହିଲ ଷ୍ଟୋନ୍‌ର ଓଜନ ବି ସେୟା ହେବ ବୋଲି ବିଶ୍ୱାସ କରାଯାଏ। ସ୍ଥାନୀୟ ଲୋକକଥାରୁ ଜଣାଯାଏ ଯେ ସୈତାନ ଏହି ପଥରଗୁଡ଼ିକୁ ଆୟାର୍ଲାଣ୍ଡର ଜଣେ ମହିଳାଙ୍କଠାରୁ କିଣିକରି ଆଣୁଥିଲା। ଗୋଟିଏ ପଥର ଆଭନ ନଈରେ ଖସିପଡ଼ିଲା। ସୈତାନ ସେଇଠି ପାଟିକରି କହିଲାଯେ ଭଲ, କେହି ଜାଣିବେ ନାହିଁ ଏ ପଥର କେଉଁଠୁ ଆସିଲା। ତା' ଆଗରେ ଜଣେ ସନ୍ୟାସୀ ଯାଉଥିଲେ। ସେ ପାଟିକରି କହିଲେ 'ହଁ ତୁ ଭାବୁଛୁ କେହି ଜାଣିବେ ନାହିଁ -ହେଲେ ମୁଁ ତସବୁ ଜାଣିଛି!' ଏହା ଶୁଣି ସୈତାନ ରାଗିଗଲା ଓ ଖଣ୍ଡେ ପଥର ସନ୍ୟାସୀଙ୍କୁ ଫୋପାଡ଼ିଲା। ମାତ୍ର ପଥରଟା ସନ୍ୟାସୀଙ୍କ ଗୋଇଠିରେ (ଇଂରାଜୀରେ ହିଲ୍) ବାଜି ଛିଟକି ଆସି ଏହି ଜାଗାରେ ପଡ଼ି ପୋତିହୋଇ ରହିଗଲା। ସନ୍ୟାସୀଙ୍କ ଗୋଇଠିରେ ବାଜି ଛିଟକିଥିବାରୁ ଏହାର ନାମ ହିଲ୍‌ଷ୍ଟୋନ ରଖାଯାଇଛି।

୨୫୨ ସହିଦ ନଗର, ଭୁବନେଶ୍ୱର
ମୋ: ୮୨୮୦୫୪୭୬୩୨

## ସୂରୁଯ କଥା



**ବିଜୟଲକ୍ଷ୍ମୀ ପାଣିଗ୍ରାହି**

ବୋଉ ଲୋ ବୋଉ କାମ ତୋ ଥାଉ
କହ ଏ ସୁରୁଜ କଥା
ଥକୁନି ଟିକେ କେମିତି ସିଏ
ପାଦେ ହୁଏନି କି ବଥା ?
କେମିତି ଆସେ ପଶ୍ଚିମ ଦିଗୁଁ
ପୁଣି ଏ ପୂରୁବ ଦିଗ
କେବେ ଶୋଇଲା କେତେ ବା ଘଣ୍ଟା
ତଥାପି ଉଠଏ ଆଗ।
ମଳିନ କେବେ ଦିଶୁନି ସିଏ
ଲଗାଏ କି ପାଉଡ଼ର
ଗରମ ଦିନେ କାହିଁକି ରାଗି
ହେଉଥାଏ ଗରଗର ?
ବୋଉ କହିଲା ତୋ ପରି ସିଏ
ହୁଅଇ ନାହିଁ ଛାନିଆଁ
ଯେତିକି ଧୀର ସେତିକି ସ୍ଥିର
ରାଗିବ ଭଲା ସେ କିଆଁ ?
କ୍ଷଣେ ଅଟକେ ନାହିଁ ତା' ଗତି
ରାତିରେ ବି ଚାଲେ ପାଦ
ଅଝଟ ନାହିଁ ଅଳି ବି ନାହିଁ
କରେନି ତୋ ପରି ବାଦ।
ମଉନ ଥାଏ ସିନା ସର୍ବଦା
ତୋଠାରୁ ଅଧିକ ବୁଦ୍ଧି
ଶାନ୍ତ ରହିଲେ ଧୀର ହୋଇଲେ
ହେବ ସକଳ ସିଦ୍ଧି।

**ଶିକ୍ଷୟିତ୍ରୀ ଜୟପୁର, କୋରାପୁଟ**
**ମୋ: ୮୨୪୯୪୫୦୦୫୦**

## ଧରଣୀ ପରେ ସୁବାସ ଭରେ



**ମହେନ୍ଦ୍ର କୁମାର ମଲ୍ଲିକ**

ରାତି ପାହିଲେ ରବି ଉଇଁଲେ
ଫୁଟଇ କେତେ ଫୁଲ
କିରଣ ପଡି ହିମ କାକର
ଦିଶଇ ଝଲ ମଲ।
ରଙ୍ଗ ବେରଙ୍ଗ ପରଜାପତି
ଫୁଲରୁ ଫୁଲ ବସେ
ପଡ଼ଇ ଝରି ଗଙ୍ଗଶିଉଳି
ମଲ୍ଲୀ କେତକୀ ବାସେ।
ଧରଣୀପରେ ସୁବାସ ଭରେ
ପବନ ସାଥେ ମିଶି
ଚାରିଦିଗକୁ ନିଜର ଗୁଣ
ବିତରେ ହସି ହସି।
ପଦ୍ମୁଅଁ ଫୁଟେ ଦିଗ ଚହଟେ
କଳା ଭଅଁର ଆସି
ପାଖୁଡ଼ା ଛୁଇଁ ଶୁଣ୍ଢ ଲଗାଇ
ମହୁକୁ ନିଏ ଶୋଷି।
ପରଜାପତି କେଡ଼େ ଆନନ୍ଦେ
ନିଏ ପରାଗ ରେଣୁ
ଫୁଲରୁଫୁଲ ଉଡ଼ି ଉଡ଼ିକା
ନୂତନ ସୃଷ୍ଟି ଜାଣୁ।
ଟିକି ଜୀବର ଗୁଣ ଅପାର
କରଇ ଉପକାର
ବିଜ୍ଞାନପାଠେ ହୋଇଛି ଲେଖା
ପତଙ୍ଗରେ ସେ ସାର।

**ଜିଏ-୪୨୩, କୈଳାଶ ବିହାର**
**ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
**ମୋ: ୯୪୩୭୨୮୧୧୫୫**



**ଜ୍ଞାନ ବିଜ୍ଞାନ**

## ଜୁଜୁବ୍

ଫଳଟିର ନାଁ ଜୁଜୁବ୍। ଏହାର ଆକାର ବିଲାତି ବରକୋଳି ଭଳି। ଏହା ଅଧା ମିଠା ଅଧା ଖଟା। ତେବେ ଖାଇବାକୁ ଭଲ ଲାଗେ। ଏହାର ସ୍ୱାଦ ବହୁ ଅଂଶରେ ସେଓ ଭଳି। ଖାଦ୍ୟ ଖାଇବା ପରେ ସେଓ ଭଳି ମଧ୍ୟ ଖାଇହୁଏ। ଏହା 'ଲୋହିତ ଖଜରା' ରୂପେ ମଧ୍ୟ ପରିଚିତ। ଏହା ଶୁଖି ଗଲେ ମଧ୍ୟ ଖଜୁରୀ କୋଳି ଭଳି ଖାଇବାକୁ ଭଲ ଲାଗେ। ଏହା ଶରୀର ପାଇଁ ଉପକାରୀ। ଖାଦ୍ୟ ହଜମ କରିବାରେ ଏହା ସାହାଯ୍ୟ କରେ। ଏହାକୁ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହିତ ସ୍ୱାସ୍ଥ୍ୟଗତ ସମସ୍ୟା କିଛି ଅଂଶରେ ଦୂର କରିଥାଏ। ଏହାକୁ ରାତିରେ ଖାଇଲେ ନିଦ ମଧ୍ୟ ଭଲ ହୁଏ। ଏହାକୁ ସିଝାଇ ମଧ୍ୟ ଖାଇ ହେବ। ଚା'ର ସ୍ୱାଦ ବଢ଼ାଇବା ଲାଗି ଏହା ମଧ୍ୟ ବ୍ୟବହାର କରାଯାଏ। ଚୀନରେ ପ୍ରଥମେ ପ୍ରାୟ ୪୦୦୦ ବର୍ଷ ପୂର୍ବେ ଏହାର ଚାଷ ଆରମ୍ଭ ହୋଇଥିଲା। ବହୁ ବର୍ଷ ହେଲା ଭାରତରେ ଏହା ଚାଷ କରାଯାଇଛି। ଜୁଜୁବ ଉତ୍ପାଦନରେ ସମଗ୍ର ବିଶ୍ୱରେ ଚୀନ ତଳକୁ ଭାରତର ସ୍ଥାନ ଦ୍ୱିତୀୟ। ଗୋଟିଏ ଗୋଟିଏ ଜୁଜୁବ୍‌ର ଓଜନ ସାଧାରଣତଃ ୨୫ରୁ ୩୫ ଗ୍ରାମ ମଧ୍ୟରେ ହୋଇଥାଏ। ଭାରତରେ ଏହାର କିଲୋ ୬୦ ଟଙ୍କା ।ବା ତହିଁରୁ କିଛି ଅଧିକ। ଶୁଖିଲା ଜୁଜୁବ ଦାମ ପ୍ରାୟ ୨୦୦ ଟଙ୍କା।



## ଶୀତ ଆସେ ଥିରି ଥିରି



**କବିଜ୍ୟୋତି ନିରଞ୍ଜନ ପତି**

ମାସ ମଧ୍ୟେ ସାର ଏଇ ମଗୁଶିର
ଶୀତ ଆସିଅଛି ଥିରି ଥିରି,
ଫୁଲେଇ ଶୀତଟି ଡେରିରେ ଆସିଚି
ଲାଜେଇ ହସୁଚି କିରି କିରି।
'ଶୀତ' ନାଆଁର ଏ ଝିଅଟିକୁ ସିନା
ସଭିଏଁ ପାଆନ୍ତି ଭାରି ଭଲ,
ତା' ପହିଲି ଛୁଆଁ ହଟିବାକୁ କିଆଁ
ଖୋଜୁଚ କମ୍ବଳ ଆଉ ସାଲ।
ଦାମୀ ସୁଇଟର, ଜ୍ୟାକେଟ ମଫ୍ଲର
ଦେଖି ଶୀତ ଭଲ ପାଇ ଯାଏ,
ଧନୀକଙ୍କୁ ଶୀତ ଆପଣେଇ ନିଏ
ଭଲ ଶୀତ ବାସ ପିନ୍ଧେ ଯିଏ।
ଯୁବକ ଯୁବତୀ ଶୀତ ଭଲ ପା'ନ୍ତି
ବୁଢ଼ା ବୁଢ଼ୀଙ୍କର ଭାରି ଡର,
ନିଆଁ ପୋଇଁ ଥାନ୍ତି ଶୀତକୁ ହଟାନ୍ତି
ଉଷୁମ ଖାଇବା ଦରକାର।
ଶୀତ ଛୁଆଁ ପାଇ ଉଠି ହୁଏ ନାହିଁ
ଶେଯ ଛାଡ଼ିବାକୁ ହୁଏ ଡେରି,
ଦିନ ସାନ ହୋଇ ରାତି ବଡ ହୁଏ
ଜଳଦି ବେଳଟା ଯାଏ ସରି।
ଜଳବାୟୁ ଏବେ ବଦଳି ଯାଇଚି
ଶୀତ ଆସିବାକୁ ହୁଏ ଡେରି,
କେଇ ଦିନ ରହି ଆନନ୍ଦ ଖେଳେଇ
ପ୍ରକୃତି କୋଳରୁ ଯାଏ ଫେରି।

ସମ୍ପାଦକ, ମଧୁମାଳତୀ
**ଗାନ୍ଧୀ ମାର୍ଗ, ଅନୁଗୋଳ**
**ମୋ: ୯୯୩୮୧୩୩୫୫୯**

## ଜ୍ଞାନ ହେଉ ତୁମ ଜୀବନ ଧନ



**ଅଶୋକ କୁମାର ପ୍ରଧାନ**

ଆସ ଆସ ପିଲେ କର ନାହିଁ ଡେରି
ବିଦ୍ୟାଳୟ ଯିବା ସଭିଏଁ ଆମେ
ସେଇ ବିଦ୍ୟାଳୟେ ପଢ଼ିବା ଲେଖିବା
ଲଗାଇବା ତାହା ଜଗତ କାମେ।
ଗୁରୁଜୀ ଗୁରୁମାମାନଙ୍କୁ ସଭିଏଁ
ମଥାପାତି ଆମେ ପ୍ରଣାମ କରି
ବର୍ଣ୍ଣମାଳାଠାରୁ ପଣକିଆ ଯାଏ
ଶିଖିବା ହାତରେ ସିଲଟ ଧରି।
ଦେଶ ବିଦେଶର କଥାକୁ ଜାଣିବା
ପାଠ ଯଦି ଆମେ ପଢ଼ିବା ଭଲେ
କେତେ ନୀତିକଥା ଜାଣିବା ସଭିଏଁ
ବିଦ୍ୟାଳୟ ଆମେ ନିଇତି ଗଲେ।
ତୁମରି ବୟସ ପିଲା ତ ଧରମା
ମାରିଥିଲା ଦିନେ କୋଣାର୍କ ଚୂଳି
ତୁମେ ପରା ପିଲେ ଧ୍ରୁବ ପ୍ରହଲ୍ଲାଦ
ତୁମରି ଗରିମା କି ହେବ ତୁଳି।
ଆଳସ୍ୟକୁ ତେଜି ପରିଶ୍ରମୀ ହୁଅ
ଭଲ ପାଠ ପାଇଁ ଲଗାଅ ମନ
ତୁମେ ପରା ଆମ ଅମୂଲ୍ୟ ସମ୍ପଦ
ଜ୍ଞାନ ହେଉ ତୁମ ଜୀବନ ଧନ।

ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
**ରୋହିଗାଁ, ଗଞ୍ଜାମ**
**ମୋ: ୮୨୪୯୧୧୯୧୩୦**



**ତୁମ ପାଇଁ ବହି**



## ନନ୍ଦନ କାନନ

**ସଂପାଦକ: ସରଳା ପତ୍ରୀ**
**ଠିକଣା: ଏନ୍-୧/୨୭୧, ନୟାପଲ୍ଲୀ, ଭୁବନେଶ୍ୱର-୧୫**
**ମୂଲ୍ୟ: ୩୦ ଟଙ୍କା**

ଏହି ଶିଶୁପତ୍ରିକାର ନୂଆବର୍ଷ ସଂଖ୍ୟା ପ୍ରକାଶ ପାଇଛି। ଏଥିରେ ସାଧାରଣ ଗପ, କବିତା ସାଙ୍ଗକୁ ଅନେକ ଜାଣିବା କଥା ମଧ୍ୟ ସ୍ଥାନ ପାଇଛି। ସେଥିରେ ରହିଛି ସାଧାରଣଜ୍ଞାନ, ଜୀବନୀ, ପଶୁପକ୍ଷୀ କାହାଣୀ, ସ୍ୱାସ୍ଥ୍ୟ ବିଜ୍ଞାନ, ପୁରାଣ କଥା, ଜ୍ଞାନ ବିଜ୍ଞାନ ସମ୍ବନ୍ଧୀୟ ଅନେକ ଲେଖା। ସବୁଗୁଡ଼ିକ ମଜାଦାର ଓ କୌତୂହଳପୂର୍ଣ୍ଣ। ପତ୍ରିକାଟି ପିଲାଙ୍କର ନିଶ୍ଚୟ ପସନ୍ଦ ହେବ।

**କୁନାକୁନିଙ୍କ ଚିତ୍ର**





**ଆର୍ଯ୍ୟା ଐଶ୍ୱର୍ଯ୍ୟା ଷଡ଼ଙ୍ଗୀ**

କ୍ଲାସ୍-୩,
ଡିଏଭି ପବ୍ଲିକ୍ ସ୍କୁଲ,
ପୋଖରୀପୁଟ, ଭୁବନେଶ୍ୱର



**ପ୍ରିୟଲ ଶା**

କ୍ଲାସ୍-ୟୁକେଜି,
ଡିଏଭି ପବ୍ଲିକ୍ ସ୍କୁଲ,
ପୋଖରୀପୁଟ, ଭୁବନେଶ୍ୱର



**'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ**

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

# ୬୮ ପ୍ରବାସୀ ଭାରତୀୟଙ୍କ ସାତପଡ଼ା ପରିଦର୍ଶନ

**କୃଷ୍ଣପ୍ରସାଦ,୧୦।୧/ଏନ୍ଏନ୍ଏସ୍:** ରାଜ୍ୟ ଏବଂ ଜିଲ୍ଲା ପ୍ରଶାସନ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଗହଣରେ ଦେଶବିଦେଶରେ ରହୁଥିବା ୬୮ଜଣ ପ୍ରବାସୀ ଭାରତୀୟ କୃଷ୍ଣପ୍ରସାଦ ବ୍ଲକ ଅଧିନ ସାତପଡ଼ା ପରିବେଶ ପର୍ଯ୍ୟଟନ ସ୍ଥଳୀ ଭ୍ରମଣ କରିଛନ୍ତି। ପର୍ଯ୍ୟଟନ ସ୍ଥଳୀ ପରିସରରେ କୃଷ୍ଣପ୍ରସାଦ ବିଡିଓ ଅମୀୟ କୁମାର ପଣ୍ଡା, ଅନ୍ତର୍ଦେଶୀୟ ଜଳପଥ ପରିବହନ ବରିଷ୍ଠ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ମାନସିଂହ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ କନିଷ୍ଠ ଯନ୍ତ୍ରୀ ଡମ୍ବରୁଧର ବିଶ୍ୱାଳ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଶରତ ଜାନିଙ୍କ ନେତୃତ୍ୱରେ ସମସ୍ତ ପ୍ରବାସୀ ଭାରତୀୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ବେଳେ ଶହ ଶହ ମହିଳାଙ୍କ ହୁଳହୁଳି ଧ୍ୱନିରେ ପ୍ରାକୃତିକ ପରିବେଶ ଉତ୍ସବମୁଖର ହୋଇଉଠିଥିଲା। ପ୍ରଶାସନ ଏବଂ



ସ୍ଥାନୀୟ ବାସିନ୍ଦାଙ୍କଠାରୁ ଭବ୍ୟ ସମ୍ବର୍ଦ୍ଧନା ପାଇ ପ୍ରବାସୀ ଭାରତୀୟମାନେ ଆନନ୍ଦ ପ୍ରକାଶ କରିଥିଲେ। ପରେ ଅନ୍ତର୍ଦେଶୀୟ ଜଳପଥ ପରିବହନ ବିଭାଗ ପକ୍ଷରୁ ଶବ୍ଦ ବିହୀନ ମୋଟରଚାଳିତ ବୋଟରେ ଚିଲିକା ପରିଭ୍ରମଣ କରିଥିଲେ। ସେଠାରେ ବିଦେଶାଗତ ପକ୍ଷୀଙ୍କ ବିଚରଣ ସହ ଚିଲିକାର ନୀଳ ଜଳରାଶିରେ ଡଲ୍ଫିନ୍‌ମାନଙ୍କ ଜଳକ୍ରୀଡ଼ା ଦୃଶ୍ୟକୁ ପ୍ରବାସୀ ଭାରତୀୟମାନେ ବେଶ୍ ଉପଭୋଗ କରି ଆନନ୍ଦ ପ୍ରକାଶ କରିଥିଲେ। ପରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଇକୋ ପାର୍କ ସହିତ ପର୍ଯ୍ୟଟକ ପରିଦର୍ଶନ କେନ୍ଦ୍ର ବୁଲିଥିଲେ। ସିଡିଏ କନିଷ୍ଠ ଯନ୍ତ୍ରୀ ଡମ୍ବରୁଧର ବିଶ୍ୱାଳ ଚିଲିକାର ଜୈବ ବିବିଧତା ଓ ପର୍ଯ୍ୟଟନ ସ୍ଥଳୀ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସାତପଡ଼ା ପର୍ଯ୍ୟଟନ ସ୍ଥଳୀକୁ ସୌନ୍ଦର୍ଯ୍ୟକରଣ କରବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ଅନ୍ତର୍ଦେଶୀୟ ଜଳପଥ ପରିବହନ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ମାନସିଂହ ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ସହକାରୀ ଯନ୍ତ୍ରୀଙ୍କୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଦୀର୍ଘ ବର୍ଷ ପରେ ପ୍ରବାସୀ ଭାରତୀୟମାନଙ୍କୁ ପାଖରେ ପାଇ ସାତପଡ଼ାବାସୀ ଗୌରବ ଅନୁଭବ କରିଥିଲେ। ଦୀର୍ଘ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରବାସୀ ଭାରତୀୟ ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନକରି ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ସୁଦୂର ଦକ୍ଷିଣ ଆଫ୍ରିକା, କେନିଆ, ଆମେରିକା, ଶ୍ରୀଲଙ୍କା, କାଲିଫର୍ନିଆରୁ ପ୍ରବାସୀ ଭାରତୀୟମାନେ ଏଠାକୁ ଆସିଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି।

## ଯୁବ ବ୍ୟବସାୟୀଙ୍କ ପରଲୋକ

**କଣ୍ଟିଲୋ,୧୦।୧/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧିନ କଣ୍ଟିଲୋ ପଞ୍ଚାୟତ ହାଟମୁଣ୍ଡପାଟଣା ଗ୍ରାମର ଯୁବ ବ୍ୟବସାୟୀ କାଶୀନାଥ ମାହାଣା(୫୬)ଙ୍କର ବୁଧବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୧୧ଟାରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଶ୍ୱାସରୋଗରେ ପୀଡ଼ିତ ଥିଲେ। ସେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହୋଇ ଗତ ୨ ଦିନ ତଳେ ଘରକୁ ଫେରିଥିଲେ। ସ୍ୱର୍ଗତ ମାହାଣା ଜଣେ ମିଷ୍ଟଭାଷୀ, ମେଳାପୀ, ବନ୍ଧୁବତ୍ସଳ ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେ। ତାଙ୍କର ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏକ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସ୍ଥାନୀୟ ମହାନଦୀ ଅପର ପାର୍ଶ୍ୱ ମହାନଦୀ ପଠାରେ ସମ୍ପନ୍ନ ହୋଇଛି। ପୁତୁରା କପିଳେଶ୍ୱର ମୁଖାଗ୍ନି ଦେଇଛନ୍ତି।

## ଅସ୍ତରଙ୍ଗ ପ୍ରେସ୍ କ୍ଲବ୍‌ର ବନ୍ଧୁମିଳନ

**ଅସ୍ତରଙ୍ଗ,୧୦।୧/ଏନ୍ଏନ୍ଏସ୍:** ଅସ୍ତରଙ୍ଗ ପ୍ରେସ୍ କ୍ଲବ୍‌ର ବନ୍ଧୁମିଳନ ଓ ନବମ ଜନ୍ମବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କ୍ଲବ୍ ସଭାପତି ଶରତ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟ ଉପଦେଷ୍ଟା ସମାଜସେବୀ ପ୍ରତାପ ଚନ୍ଦ୍ର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଜନ୍ମ ବାର୍ଷିକୀ କେକ୍ କାଟିବା ସହିତ ସମସ୍ତ ସଦସ୍ୟଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଆଗାମୀ ଦିନରେ କ୍ଲବର ଉତ୍ତରୋତ୍ତର କାମନା ସହ ମା' ମାଟି ପାଇଁ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଆସନ୍ତା ଜାନୁୟାରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆଲୋଚନା କରାଯାଇ ଅଞ୍ଚଳର କିଛି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସଂଯୋଜକ ଶୋଭାକର ବେହେରା ସଭା ପରିଚାଳନା କରିଥିବାବେଳେ ବରିଷ୍ଠ ସଦସ୍ୟ ତଥା କଲ୍ୟାଣ ପାଣ୍ଠିର ଅଧ୍ୟକ୍ଷ ପ୍ରମୋଦ ଦାସ, ମମତା ଜେନା, ତ୍ରିଲୋଚନ ବେହେରା, ଅଲେଖ ବିଶ୍ୱାଳ, ଅନୀଲ ବାରିକ, ପ୍ରିୟବ୍ରତ ମୁଦୁଲି, ପ୍ରଶାନ୍ତ ଜେନା, ଅକ୍ଷୟ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଶେଷରେ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ ଧନ୍ୟବାଦ୍ ଦେଇଥିଲେ।

## ପୂର୍ବତନ ଏଜି ଆକାଉଣ୍ଟାଣ୍ଟ୍‌ଙ୍କ ପରଲୋକ

**ବାଲିଅନ୍ତା,୧୦।୧/ଏନ୍ଏନ୍ଏସ୍:** ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ଶାସନର ମୁରବି ତଥା ବରିଷ୍ଠ ନାଗରିକ ନିଶାକର ବେହେରାଙ୍କ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ଭୁବନେଶ୍ୱରସ୍ଥିତ ଏଜି ଅଫିସରେ ଜଣେ ଦକ୍ଷ ଆକାଉଣ୍ଟାଣ୍ଟ୍ ଅଫିସର୍ ଭାବେ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ କନକଲତା, ପୁତ୍ର ନିକୁଞ୍ଜ, ନୀଳାଦ୍ରି, ନିଖିଳ, ରାମକୃଷ୍ଣ, କନ୍ୟା ନିରୁପମା ଓ ନୀଳୋତ୍ପଳାଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ଏହି ଖବର ପାଇ ବିଭାଗର ବହୁ କର୍ମଚାରୀ, ଗ୍ରାମବାସୀ ଓ ସହକର୍ମୀ ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ ସହ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ନିକୁଞ୍ଜକିଶୋର ବେହେରା ମୁଖାଗ୍ନି ଦେଇଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**କୁଆଁପାଳ,୧୦।୧/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ନାହାଙ୍ଗ ପଞ୍ଚାୟତ ସରକାରୀ କେନ୍ଦ୍ରୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାହାଙ୍ଗର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ଅତିଥିମାନେ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ସାହୁ, ନିରଞ୍ଜନ ଦାସ, ବସନ୍ତ ବେହେରା, ପ୍ରଫୁଲ୍ଲ କୁମାର ସାହୁ, ପୂର୍ବତନ ସିଆର୍‌ସିସି ହରେକୃଷ୍ଣ ସାହୁ, ସିଆର୍‌ସିସି ରମାକାନ୍ତ ଦାସ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ୟୋତିରଞ୍ଜନ ମହାନ୍ତି, ଭାଗବତ ବେହେରା, ଶିକ୍ଷୟିତ୍ରୀ ବନଶ୍ରୀ ବାରିକ, ମନୋରମା ବେହେରା, ଗୁଣମଣୀ ସୋରେନ୍ ଯୋଗଦେଇ କ୍ରୀଡ଼ା କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଦୁଇ ଦିନ ଧରି ବିଭିନ୍ନ ବିଭାଗର କ୍ରୀଡ଼ା ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ୍ତ ମହାରଣା, ମାନସ କୁମାର ରାଉତ, ଅମିତ୍ ପୃଷ୍ଟି, ଅଶିତ୍ ପୃଷ୍ଟି, ସ୍ମୃତି ରଞ୍ଜନ ସାହୁ, ଆକାଶ ବେହେରା ସହଯୋଗ କରିଥିଲେ।

## ଧାନକଟାକୁ ବିରୋଧ କରିବାରୁ ମହିଳାଙ୍କୁ ହତ୍ୟା ଧମକ୍

**ସାଲେପୁର,୧୦।୧/ଏନ୍ଏନ୍ଏସ୍:** ସାଲେପୁର ଥାନା ଜପକୁଦ ଫାଣ୍ଡି ଭୀମଦାସପୁର ପଞ୍ଚାୟତ ଉଲଦିଆସ୍ଥିତ ବାଲିତୋଟା ମୌଜାର ଏକ ଚାଷ ଜମିରୁ ଜୋର ଜବରଦସ୍ତ ଧାନ କାଟିବାକୁ ବିରୋଧ କରିବାରୁ ମହିଳାଙ୍କୁ ଆକ୍ରମଣ ଓ ହତ୍ୟା ଧମକ ଦିଆଯାଇଛି। ଏ ନେଇ ସାଲେପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଭୀମଦାସପୁର ପଞ୍ଚାୟତ ଉଲଦିଆର ଶ୍ରୀକାନ୍ତ ରଞ୍ଜନ ବେହେରାଙ୍କ ପତ୍ନୀ ସଙ୍ଗୀତା ସାହୁଙ୍କ ଅଭିଯୋଗ ମୁତାବକ, ଗତ ମାସ ୨୭ ତାରିଖ ସନ୍ଧ୍ୟା ୫ଟାରେ ବଳିତୋଠାମୌଜା ସ୍ଥିତ ତାଙ୍କ ଚାଷ ଜମିରେ ଥିବା ଧାନ ଫସଲକୁ ଜୋର ଜବରଦସ୍ତ କଟରପା ପଞ୍ଚାୟତ ଅଧିନ ଜାଗୁଳାଇ ପଡ଼ାର କୈଳାସ ଚନ୍ଦ୍ର ମହାନ୍ତି(କାକୁଆ) ଓ ପ୍ରଶାନ୍ତ ମହାପାତ୍ର(ମଣ୍ଟୁଆ) ଧାନ କଟା ମେସିନ୍‌ରେ କାଟୁଥିବା ଖବର ପାଇ ସେ ବିରୋଧ କରିଥିଲେ। ନିଶାଶକ୍ତ ଅବସ୍ଥାରେ ଥିବା ଦୁଇ ଜଣ ତାଙ୍କୁ ଗାଳିଗୁଲଜ ଓ ଅସଦାଚରଣ ସହ ଆକ୍ରମଣ କରିଥିଲେ। ଏଥି ସହ ତାଙ୍କ ବେକରେ ଥିବା ସୁନାଚେନ୍ ଛିଡ଼ାଇନେବା ସହିତ କାହାରିକୁ ଜଣାଇଲେ ପରିବାରକୁ ହତ୍ୟା କରିବାର ଧମକ ଦେଇଛନ୍ତି ବୋଲି ସଙ୍ଗୀତା ସାଲେପୁର ଥାନାରେ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ଜପକୁଦ ଫାଣ୍ଡିରେ ଅଭିଯୋଗ ସତ୍ତ୍ୱେ ସୁଫଳ ନ ମିଳିବାରୁ ସେ ସାଲେପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ପୁଲିସ ସୂଚନା ଦେଇଛି।

## ଚାରିଛକ ଥାନା ସ୍ଥାପନକୁ ୨ବର୍ଷ ପୂରିଲା, ନାହିଁ ଷ୍ଟାଫ୍ କ୍ୱାର୍ଟର୍ସ




**ଚାରିଛକ,୧୦।୧/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଚାରିଛକ ଥାନା ସ୍ଥାପନ ହେବାକୁ ଚଳିତ ମାସ ୯ ତାରିଖରେ ଦୁଇ ବର୍ଷ ପୂରଣ ହୋଇଛି। ଏହି ନୂତନ ଥାନାକୁ ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ଜଣେ ଦକ୍ଷ ମହିଳା ଅଫିସରଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି। ଥାନା ଅଧିକାରୀ ଓ କର୍ମଚାରୀଙ୍କ ଉତ୍ତମ ବ୍ୟବହାର ପାଇଁ ଅଞ୍ଚଳବାସୀ ବେଶ୍ ଆନନ୍ଦିତ ଥିବାବେଳେ ଗତ ଦୁଇବର୍ଷ ମଧ୍ୟରେ ଆମ ପୁଲିସ କାର୍ଯ୍ୟକ୍ରମ, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ବଜାର ସଫେଇ, ଜୁଏଲାରୀ ଦୋକାନୀମାନଙ୍କୁ ସଚେତନତା କରାଇବା, ଅନ୍ତର୍ଜାତୀୟ ତନଖି ଫାଟକ, ନାକାବନ୍ଦୀ, ଗାଡ଼ି ମୋଟର ଯାଞ୍ଚ ଓ କଲେଜ ଛାତ୍ରୀମାନଙ୍କୁ ସଚେତନତା ଆଦି କରାଯାଇଛି। ଦୁଇବର୍ଷ ମଧ୍ୟରେ ୨୯୯ଟି ମାମଲା ରୁଜୁ ହେବା ସହିତ ୨୨୯ଟି ମାମଲାର କ୍ଲୋଜ୍ ହୋଇଛି। ବିଭିନ୍ନ ମାମଲାରେ ୧୦୦ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ବିଶେଷ କରି ଚାରିଛକ ଥାନା ପୁଲିସ ଚୋରି, ଡକାୟତି, ରାହାଜାନୀ, ନିଶାସକ୍ତ ଅବସ୍ଥାରେ ବେପାରୁଆ ଗାଡ଼ି ଚାଳନା, ଚାରିଛକ ବଜାରର ଟ୍ରାଫିସ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଇଛି। ରାତ୍ର ପ୍ରାଟ୍ରୋଲିଂ କଡ଼ାକଡ଼ି କରାଯାଉଛି। ଏହା ସତ୍ତ୍ୱେ ଚାରିଛକ ଥାନାରେ ନୂତନ ଥାନା ଗୃହ, କର୍ମଚାରୀ ରହିବା ପାଇଁ ବ୍ୟାରେକ୍ ଓ ଷ୍ଟାଫ୍ କ୍ୱାର୍ଟର୍ସ ନଥିବାରୁ କର୍ମଚାରୀମାନେ ବାହାରେ ଭଡ଼ାଘରେ ରହୁଛନ୍ତି। ରାଜ୍ୟ ସରକାର ଏହି ଥାନା ପାଇଁ ନୂତନ ଗୃହ, ବ୍ୟାରେକ୍ ଓ ଷ୍ଟାଫ୍ କ୍ୱାର୍ଟର୍ସ ଯୋଗାଇଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ଯୁବତୀଙ୍କୁଠାରୁ ଲୁଟ୍ ଉଦ୍ୟମ

**ବଳଙ୍ଗା,୧୦।୧/ଏନ୍ଏନ୍ଏସ୍:** ଶୁକ୍ରବାର ଅପରାହ୍ନରେ ବଳଙ୍ଗା ଥାନା ଜଇନାବାଦ ସାହିଠାରେ ଫାଇନାନ୍ସ କମ୍ପାନୀର ଜଣେ ଯୁବତୀଙ୍କଠାରୁ ଦୁର୍ବୃତ୍ତମାନେ ଲୁଟ୍ ଉଦ୍ୟମ କରିଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନଙ୍କ ବାଇକ୍ ଧକ୍କାରେ ଯୁବତୀ ଜଣକ ଆହତ ହୋଇଥିଲା ବେଳେ ସେମାନେ ଧରାପଡ଼ିଯିବା ଭୟରେ ଫେରାର ହୋଇଯାଇଛନ୍ତି।

ସୂଚନା ମୁତାବକ ପିପିଲିସ୍ଥିତ ଏକ ଫାଇନାନ୍ସ କମ୍ପାନୀର କାର୍ଯ୍ୟରତ ଜଣେ ଯୁବତୀ ଶୁକ୍ରବାର ମଧ୍ୟାହ୍ନରେ ସ୍ଥାନୀୟ ବିଲଗୋରଡ଼ା ଗ୍ରାମରୁ ମହିଳାମାନଙ୍କଠାରୁ ଋଣକିସ୍ତି ଆଦାୟ କରି ଅପରାହ୍ନରେ ନୂଆଗାଁ କେନାଲ ବନ୍ଧରେ ଦକ୍ଷିଣରାଉସ ଅଭିମୁଖେ ଯାଉଥିବା ବେଳେ ପଛରୁ ଏକ ବାଇକ୍‌ରେ ହେଲ୍‌ମେଟ୍ ପନ୍ଧିଥିବା ୨ ଜଣ ଦୁର୍ବୃତ୍ତ ଆସି ମହାନ୍ତି ସାହିଠାରେ ଯୁବତୀଙ୍କ ସ୍କୁଟିକୁ ଧକ୍କାଦେଇଥିଲେ। ଫଳରେ ଯୁବତୀ ଜଣଙ୍କ ସ୍କୁଟିରୁ ପଡ଼ିଯାଇଥିଲାବେଳେ ଦୁର୍ବୃତ୍ତମାନଙ୍କ ବାଇକ୍ ମଧ୍ୟ ପଡ଼ିଯାଇଥିଲା। ଏହି ସମୟରେ ଜଣେ ଦୁର୍ବୃତ୍ତ ଯୁବତୀଙ୍କ ବ୍ୟାଗ୍‌କୁ ଭିଡ଼ିବାକୁ ଚେଷ୍ଟା କରିବାବେଳେ ଯୁବତୀ ଜଣକ ପାଟି କରିବାରୁ ସ୍ଥାନୀୟ ଗ୍ରାମବାସୀ ଆସିଥିଲେ। ଏହାଦେଖି ଦୁର୍ବୃତ୍ତମାନେ ବାଇକ ସହ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ଗାଡ଼ିରୁ ପଡ଼ି ଯୁବତୀ ଜଣକ ଆହତ ହୋଇଛନ୍ତି। ଖବର ପାଇ ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ ଯୁବତୀଙ୍କୁ ନେଇଯାଇଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## 'ଗଣତନ୍ତ୍ରର ସମସ୍ୟା ଓ ସମ୍ଭାବନା' ଆଲୋଚନାଚକ୍ର

**କଣ୍ଟିଲୋ,୧୦।୧/ଏନ୍ଏନ୍ଏସ୍:** କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ଗଣତନ୍ତ୍ରର ସମସ୍ୟା ଓ ସମ୍ଭାବନା' ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଆଜି ଗୁରୁବାର ଅପରାହ୍ନରେ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କର୍ମଶାଳାକୁ ବିଭାଗୀୟ ମୁଖ୍ୟ ଡ. ଅଶୋକ କୁମାର ପାତ୍ର ଏବଂ ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର୍ ସୂର୍ଯ୍ୟ ନାରାୟଣ ମିଶ୍ର ଓ ଉପସ୍ଥିତ ଅନ୍ୟାନ୍ୟ ଅତିଥିମାନେ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ।




ପ୍ରାରମ୍ଭରେ ଓଡ଼ିଆ ବିଭାଗର ମୁଖ୍ୟ ଡ. ନିରୋଦ କୁମାର ମନ୍ତ୍ରୀ ଅତିଥିମାନଙ୍କୁ ସ୍ୱାଗତ ସହ ପରିଚୟ ପ୍ରଦାନ କରିଥିଲେ। ଭାରତର ଗଣତନ୍ତ୍ର ହେଉଛି ବିଶ୍ୱର ସର୍ବଶ୍ରେଷ୍ଠ ଗଣତନ୍ତ୍ର ବୋଲି ମୁଖ୍ୟବକ୍ତା ଶ୍ରୀ ମିଶ୍ର କହିବା ସହ ଗଣତନ୍ତ୍ରର ଉନ୍ମେଷ ଓ ବିକାଶ ସମ୍ପର୍କରେ ସୁଚିନ୍ତିତ ମତାମତ ପ୍ରଦାନ କରି ତଥ୍ୟ ତଥା ତତ୍ତ୍ୱ ଆଧାରରେ ପ୍ରମାଣିତ କରିଥିଲେ। ଅପର ପକ୍ଷରେ ଭାରତର ପ୍ରାଚୀନ ଶାସ୍ତ୍ରବିତ୍ ଚାଣକ୍ୟ ହିଁ ଗଣତନ୍ତ୍ର ସମ୍ପର୍କରେ ପ୍ରଥମେ ଦୃଢ଼ ମତ ଦେଇଥିଲେ ବୋଲି ସେ ଶ୍ଳୋକ ଗାନ କରି ଭାରତୀୟ ପରମ୍ପରାର ଜୟଗାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧାପକ ପ୍ରଭାତ କୁମାର ବେହେରା, ଅଧାପିକା ଜୟ ଶ୍ରୀ ସାହୁ, ଅଧାପକ ଯୋଗୀନାଥ ବିଶ୍ୱାଳ, ଡ. ନିରୋଦ କୁମାର ମନ୍ତ୍ରୀ ପ୍ରମୁଖ ଯୋଗଦେଇ ଗଣତନ୍ତ୍ରର ସମ୍ଭାବନା ବର୍ତ୍ତମାନର ଯୁବପିଢ଼ିମାନଙ୍କ ଉପରେ ନିର୍ଭର କରେ ବୋଲି ମତ ପ୍ରଦାନ କରିଥିଲେ। ପାଠଚକ୍ରର ଦ୍ୱିତୀୟ ପର୍ଯ୍ୟାୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗଣତନ୍ତ୍ରକୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ପରେ ପରେ ମୁଖ୍ୟବକ୍ତା ପ୍ରଫେସର ଶ୍ରୀ ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ନୀଳମାଧବ ଜିଉଙ୍କ ଏକ ପିତଳ ମୂର୍ତ୍ତି ପ୍ରଦାନ କରାଯାଇଥିଲା। ପ୍ରାଧାପକ ଶ୍ରୀ ବେହେରା ଧନ୍ୟବାଦ୍ ଦେଇଥିଲେ।

## ସାଂସଦ ବାଲଯୋଗୀ ଶ୍ରୀଉମେଶନାଥ ମହାରାଜଙ୍କ ନୀଳମାଧବ ମନ୍ଦିର ଦର୍ଶନ

**କଣ୍ଟିଲୋ,୧୦।୧/ଏନ୍ଏନ୍ଏସ୍:** ଶୁକ୍ରବାର ଅପରାହ୍ନରେ ମଧ୍ୟପ୍ରଦେଶ ରାଜ୍ୟସଭା ସାଂସଦ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶଦାତା ଗୁରୁ ତଥା ଅଯୋଧ୍ୟାର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀ ରାମମନ୍ଦିର ଟ୍ରଷ୍ଟ ସଭ୍ୟ ରାଷ୍ଟ୍ରୀୟ ସନ୍ଥ ବାଲଯୋଗୀ ଶ୍ରୀ ଉମେଶନାଥ ମହାରାଜ ଅନ୍ୟାନ୍ୟ ସହଯୋଗୀମାନଙ୍କ ସହ ଆସି ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ସୁଖ୍ୟାତି ଅର୍ଜନ କରିଥିବା କଣ୍ଟିଲୋର ଆଦିଦେବତା ପ୍ରଭୁ ଶ୍ରୀ ନୀଳମାଧବଙ୍କ ଦର୍ଶନ କରିଛନ୍ତି। ସର୍ବପ୍ରଥମେ ରାଜ୍ୟସଭା ସାଂସଦ ନୟାଗଡ଼ ଜିଲ୍ଲା ତଥା ସମଗ୍ର ରାଜ୍ୟରେ ଦ୍ୱିତୀୟ ରାମ ମନ୍ଦିର ଭାବେ ପରିଚିତ ଭାପୁର ବ୍ଲକ ଫତେଗଡ ସ୍ଥିତ ପ୍ରଭୁ ଶ୍ରୀ ରାମମନ୍ଦିର ପରିସରରେ ମହର୍ଷି ବାଲ୍ମୀକିଙ୍କ ପ୍ରତିମୂର୍ତ୍ତି ଶିଳାନ୍ୟାସ ଓ ଭୂମିପୂଜନ କରିଥିଲେ। ଭୂମି ପୂଜନ ସମୟରେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଉପସ୍ଥିତ ଥିଲେ। ପରେ ଅପରାହ୍ନରେ ନୀଳମାଧବ ମନ୍ଦିର ଦର୍ଶନ ନିମନ୍ତେ ମହାରାଜ ସହକର୍ମୀଙ୍କ ସମେତ ଗହଣରେ ଆସି ନୀଳମାଧବ ମନ୍ଦିର ପୂର୍ବଦ୍ୱାରଠାରେ ପହଞ୍ଚି ସେବାୟତମାନଙ୍କ ସହିତ ପ୍ରଭୁ ଶ୍ରୀନୀଳମାଧବଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ପରେ ପରେ ନୀଳମାଧବ ମନ୍ଦିରର ସେବାୟତ ଚିତ୍ତରଞ୍ଜନ ମିଶ୍ର, ସନ୍ତୋଷ କୁମାର ମିଶ୍ର, ସରୋଜ କୁମାର ମିଶ୍ର ଓ ଅନ୍ୟାନ୍ୟ ସେବାୟତମାନେ ସାଂସଦଙ୍କୁ ମନ୍ଦିରର ଚତୁଃପାର୍ଶ୍ୱରେ ଥିବା ସମସ୍ତ ମନ୍ଦିର



ବୁଲାଇ ଦେଖାଇବା ସହ ନୀଳମାଧବଙ୍କ କିମ୍ବଦନ୍ତୀ ସମ୍ବନ୍ଧରେ ସମ୍ୟକ୍ ଧାରଣା ଦେଇଥିଲେ। ନୀଳମାଧବ ମନ୍ଦିର ବିକାଶ ପ୍ରକଳ୍ପ କାର୍ଯ୍ୟ ଠିକ୍ ଭାବରେ ହେଉନଥିବା ଅଭିଯୋଗ କରିଥିଲେ। କେତେକ ସମସ୍ୟା ସମ୍ବନ୍ଧରେ ଆଲୋଚନା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତ ସମୟରେ ନୀଳମାଧବ ମନ୍ଦିର ଦର୍ଶନ କରିଆସିବା ପାଇଁ ନିମନ୍ତ୍ରଣ ସାଂସଦଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ସାଂସଦ ସନ୍ଥ ଶ୍ରୀ ଉମେଶନାଥ ମହରାଜ ମନ୍ଦିର ଚତୁଃପାର୍ଶ୍ୱର ଶୋଭା ଓ ଉତ୍ତର ଦିଗରେ ପ୍ରବାହିତ ମହାନଦୀର ନୀଳ ଶୋଭାରାଜି ଦେଖି ଆନନ୍ଦ ଅନୁଭବ କରି ଭାପୁର ଅଭିମୁଖେ ବାହାରି ଯାଇଥିଲେ। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଭାପୁର ମହୋତ୍ସବ ଉଦ୍‌ଘାଟନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେବା ପାଇଁ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ନିମନ୍ତ୍ରଣ ରକ୍ଷାକରି ଯୋଗ ଦେଇଥିଲେ। ପରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିବାର ସୂଚନା ହସ୍ତଗତ ହୋଇଛି।

# ପରିବେଶ ସୁରକ୍ଷା କରିଆସୁଛନ୍ତି ଦିଲ୍ଲୀପ

**କଣାସ,୧୦।୧/ଏନ୍ଏନ୍ଏସ୍:** ପରିବେଶ ସନ୍ତୁଳନ, ବିପର୍ଯ୍ୟସ୍ତ ଜୈବ ବିବିଧତା ସୁରକ୍ଷା ଦିଗରେ ଛାତ୍ରଛାତ୍ରୀ, ଅଭିଭାବକ, ଜନସାଧାରଣଙ୍କୁ ସଭା, ଶୋଭାଯାତ୍ରା, କ୍ଷୁଦ୍ରନାଟିକା, ପ୍ରଚାରପତ୍ର, କର୍ମଶାଳା, ବନ ମହୋ ତ୍ସବ, ଚାରାବଣ୍ଟନ, ଆଦି ନାନା ଉପାୟରେ ସଚେତନ କରାଉଥିବା ନିଆରା ଶିକ୍ଷକ ହେଉଛନ୍ତି କଣାସ ବ୍ଲକ ନୂଆଗାଁର ଦିଲ୍ଲୀପ କୁମାର ଶ୍ରୀଚନ୍ଦନ। ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ସହ ସଭାପର୍ବରୁ ବୃକ୍ଷପୂଜା, ରାକ୍ଷୀପୂର୍ଣ୍ଣିମାରେ ଛାତ୍ରଛାତ୍ରୀ ଅତିଥିଙ୍କ ଦ୍ୱାରା ଗଛରେ ରାକ୍ଷୀ ବାନ୍ଧିବା, ବୃକ୍ଷ ବିବାହ, ଗଛ ଉପହାର ତରିକାରେ ପ୍ରୟୋଗ କରିଥାଆନ୍ତି। ନିଜ ବିଦ୍ୟାଳୟ ଓ ଆଖପାଖ ୧୫ଟି ବିଦ୍ୟାଳୟରେ ବୃକ୍ଷରୋପଣ ବନ ମହୋତ୍ସବରେ ତାଙ୍କର ଆଗ୍ରହରୁ ବିଦ୍ୟାଳୟ ସବୁଜିମାରେ ପରିଣତ ହୋଇଛି। ଗୁରୁଦେବ ଶ୍ରୀ ଅଭିରାମ ସରସ୍ୱତୀଙ୍କ ପ୍ରେରଣାରେ ୨୦୦୪ ମସିହାରୁ ବୃକ୍ଷରୋପଣ, ପରିବେଶ



ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା, ପକ୍ଷୀ ସୁରକ୍ଷାରେ ନିଜେ ଜଡ଼ିତ ହେବା ସହ ଶତାଧିକ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସାମିଲ କରାଇପାରିଛନ୍ତି। ଦିଲ୍ଲୀପ ଜଣେ ସୁପରିତ ପ୍ରବଚକ ଓ ଭାଷ୍ୟକାର ହୋଇଥିବାରୁ ବିଭିନ୍ନ ପ୍ରବଚନ ମଞ୍ଚରେ କର୍ମକର୍ତ୍ତା ଓ ଶ୍ରୋତାମାନଙ୍କୁ ପରିବେଶ ସୁରକ୍ଷା ଦିଗରେ ଉତ୍ସାହିତ କରିଥାଆନ୍ତି। ଏଥିପାଇଁ ତାଙ୍କୁ ରାଜ୍ୟପାଳଙ୍କଠାରୁ ଗୁରୁବ୍ରହ୍ମା ସମ୍ମାନ ଓ ଜଙ୍ଗଲ ପରିବେଶ ମନ୍ତ୍ରୀଙ୍କ ଠାରୁ ପ୍ରକୃତି ମିତ୍ର ପୁରସ୍କାର ମିଳିଛି। ନିଜ ଅଞ୍ଚଳ ତଥା ବିଭିନ୍ନ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ଲୁପ୍ତ ପ୍ରତିଭା ଅନ୍ୱେଷଣ ସହ ୩ ଶହରୁ ଊର୍ଦ୍ଧ୍ୱ ପ୍ରତିଭାଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଇପାରିଛନ୍ତି। ତାଙ୍କର କହିବା କଥା ହେଲା, ଛାତ୍ର ଓ ଯୁବ ସମାଜ ପରିବେଶ ସୁରକ୍ଷା ଦିଗରେ ଆଗେଇ ଆସିଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ। ଦିଲ୍ଲୀପ ସମ୍ପ୍ରତି ସାନଓରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରୂପେ କାର୍ଯ୍ୟ କରୁଛନ୍ତି।

## ଅଦିନିଆ ବର୍ଷା କ୍ଷୟକ୍ଷତି: କାକଟପୁର ତହସିଲଦାରଙ୍କୁ ଭେଟିଲେ ଚାଷୀ ପ୍ରତିନିଧି

**କାକଟପୁର,୧୦।୧/ଏନ୍ଏନ୍ଏସ୍:** ଅଦିନିଆ ବର୍ଷାରେ ଚାଷୀର ବ୍ୟାପକ କ୍ଷତି ହୋଇଥିବା ସରକାର ଚାଷୀଙ୍କୁ କ୍ଷତିପୂରଣ ଦେଇଥିବାବେଳେ କାକଟପୁର ବ୍ଲକ ସେଥିରୁ ବାଦ୍ ପଡ଼ିଛି। ସେ ନେଇ ଆଜି କାକଟପୁର ପଞ୍ଚାୟତ ବାବେନିପଦା ଗ୍ରାମର ଚାଷୀ କରୁଣାକର ସେନାପତି ବିଡ଼ାଏ ଧାନ ଗଛ ନେଇ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଭଳି କ୍ଷତି ପରେ ଅଦିନିଆ ସାହାଯ୍ୟ ପାଇବାରେ କାକଟପୁର ପଞ୍ଚାୟତ, ଏପରିକି କାକଟପୁର ବ୍ଲକ ବଞ୍ଚିତ ହେବା ନେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତହସିଲଦାର୍ କହିଛନ୍ତି ଯେ ଏସ୍‌ଆର୍‌ସି ନିୟମ ଅନୁଯାୟୀ କାକଟପୁରର କ୍ଷତି ୩୩ ପ୍ରତିଶତ ନ ହେବାରୁ କାକଟପୁର ବାଦ୍



ପଡ଼ିଲା। କୃଷି ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଯାଞ୍ଚ କରାଯାଇଥିଲା ବୋଲି ପ୍ରକାଶ କରିଥିଲେ। ସେହି ଉତ୍ତରରେ ଚାଷୀ କରୁଣାକର ସେନାପତି ସନ୍ତୁଷ୍ଟ ହୋଇପାରିନଥିଲେ। ପରେ ସେହି ଧାନକେଣ୍ଡା ଧରି କାକଟପୁର କୃଷି କାର୍ଯ୍ୟାଳୟରେ ପହଞ୍ଚିଥିଲେ। କୃଷି ବିଭାଗର ଅଧିକାରୀମାନେ ପୁରୀ ମିଟିଂକୁ ଯାଇଥିବା ଜାଣିଲା ପରେ ସାଙ୍ଗରେ ନେଇଥିବା ଧାନ କେଣ୍ଡାକୁ କାର୍ଯ୍ୟାଳୟ ପରିସରରେ ଛାଡ଼ି ନିରାଶରେ ଫେରିଥିଲେ। ସରକାର କାକଟପୁର ବ୍ଲକର ଯେଉଁ ସବୁ ପଞ୍ଚାୟତରେ ପ୍ରକୃତରେ କ୍ଷତି ହେଇଛି ସେହି ସବୁ ପଞ୍ଚାୟତକୁ ଅଦିନିଆ ବର୍ଷା କ୍ଷତିପୂରଣ ଦେବାକୁ ଶ୍ରୀ ସେନାପତି ମୁଖ୍ୟମନ୍ତ୍ରୀ, ରାଜ୍ୟ କୃଷି ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଜୋକୋଭିଚ୍‌ଙ୍କ ବିସ୍ଫୋରକ ବୟାନ

# ଅଷ୍ଟ୍ରେଲିଆରେ ବିଷ ଦିଆଯାଇଥିଲା

**ନୂଆଦିଲ୍ଲୀ,୧୦।୧/ଏଜେନ୍ସି:** ବର୍ଷର ପ୍ରଥମ ଗ୍ରାଣ୍ଡ୍ ସ୍ଲାମ୍ ଅଷ୍ଟ୍ରେଲିଆନ୍ ଓପନ୍ ଆରମ୍ଭ ପୂର୍ବରୁ ସର୍ବିୟାର ଷ୍ଟାର୍ ଟେନିସ୍ ଖେଳାଳି ନୋଭାକ୍ ଜୋକୋଭିଚ୍ ଏକ ବିସ୍ଫୋରକ ବୟାନ ଦେଇଛନ୍ତି। ୨୦୨୨ ଜାନୁଆରୀରେ ତାଙ୍କୁ ଅଷ୍ଟ୍ରେଲିଆରେ ବିଷ ଦିଆଯାଇଥିବା ଚୋକୋଭିଚ୍ ଦାବି କରିଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍ ୨୦୨୫ ଜାନୁଆରୀ ୧୨ରୁ ଆରମ୍ଭ ହେବ। ସୂଚନାଯୋଗ୍ୟ, କୋଭିଡ୍-୧୯ ଭ୍ୟାକ୍ସିନ୍ ନେଇନଥିବାରୁ କୋଜୋଭିଚ୍‌ଙ୍କୁ ୨୦୨୨ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଭାଗ ନେବାରୁ ରୋକାଯାଇଥିଲା। ୨୦୨୨ ଅଷ୍ଟ୍ରେଲିଆ ଓପନ୍ ପୂର୍ବରୁ ଟ୍ରାଭେଲ୍ ଡକ୍ୟୁମେଣ୍ଟ୍‌ରେ ଭୁଲ୍ ସୂଚନା ଦେଇଥିବାରୁ ଜୋକୋଭିଚ୍‌ଙ୍କୁ ମେଲ୍‌ବର୍ଣ୍ଣରେ ହେପାଜତକୁ ନିଆଯାଇଥିଲା। ଏହାପରେ ତାଙ୍କ ଭିସା ରଦ୍ଦ କରି ତାଙ୍କୁ ଅଷ୍ଟ୍ରେଲିଆରୁ ଫେରାଇ ଦିଆଯାଇଥିଲା। ଆଇନଗତ କାର୍ଯ୍ୟାନୁଷ୍ଠାନ ବେଳେ ତାଙ୍କୁ ମେଲବର୍ଣ୍ଣର ଏକ ହୋଟେଲ୍‌ରେ ରଖାଯାଇଥିଲା। ସେହିଠାରେ ହିଁ ତାଙ୍କୁ ବିଷ ଦିଆଯାଇଥିବା ସେ କହିଛନ୍ତି।



୨୪ ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ୍ ଏକ ସାକ୍ଷାତକାରରେ କହିଛନ୍ତି 'ମୋର କେତେକ ସ୍ୱାସ୍ଥ୍ୟ ସମସ୍ୟା ଥିଲା ଏବଂ ମୁଁ ଅନୁଭବ କରିଥିଲି ଯେ ମେଲବର୍ଣ୍ଣର ସେହି ହୋଟେଲ୍‌ରେ ମୋତେ ଏପରି କିଛି ଖାଦ୍ୟ ଦିଆଯାଇଥିଲା ଯେଉଁଥିରେ ବିଷ ମିଶିଥିଲା। ସର୍ବିୟା ପ୍ରତ୍ୟାବର୍ତ୍ତନ କରିବା ପରେ ମୁଁ କେତେକ ବିଷୟ ଜାଣିପାରିଥିଲି। ମୁଁ ସାର୍ବଜନୀକ ଭାବେ କାହାରିକୁ ଏହା କହିନାହିଁ। କିନ୍ତୁ ମୋ ଶରୀରରେ ଭାରୀ ଧାତୁର ସ୍ତର ବହୁତ ଅଧିକ ଥିବା ଜାଣିବାକୁ ପାଇଥିଲି। ମୋ ଶରୀରରେ ସୀସା ଓ ପାରଦର ସ୍ତର ବହୁ ଅଧିକ ଥିଲା।'

ଜୋକୋଭିଚ୍ ୨୪ ଗ୍ରାଣ୍ଡସ୍ଲାମ ବିଜେତା ପ୍ରଥମ ଖେଳାଳି। ୨୦୦୮ରେ ଅଷ୍ଟ୍ରେଲିଆନ୍ ଓପନ୍ ରୂପେ ସେ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଜିତିଥିଲେ। ୨୦୨୩ ମଧ୍ୟରେ ସେ ୧୦ ଥର ଏହି ଟ୍ରଫି ଜିତିଛନ୍ତି। ଏହା ବ୍ୟତୀତ ଜୋକୋଭିଚ୍ ୩ ଥର ଫ୍ରେଞ୍ଚ୍ ଓପନ୍ ଏବଂ ୪ ଥର ୟୁଏସ୍ ଓପନ୍ ଜିତିଛନ୍ତି। ସେହିପରି ସେ ୭ ଥରର ୱିମ୍ବଲଡନ୍ ଚାମ୍ପିଅନ୍ ମଧ୍ୟ। ଗୋଲ୍‌ଡେନ ସ୍ଲାମ୍ ଜିତିବାରେ ଜୋକୋଭିଚ୍ ବିଶ୍ୱର ୫ମ ଖେଳାଳି। ତାଙ୍କ ପୂର୍ବରୁ ସ୍ପେନ୍‌ର ରାଫେଲ୍ ନାଡାଲ୍, ଆମେରିକାର ସେରେନା ୱିଲିଅମ୍ସ, ଆନ୍ଦ୍ରେ ଆଗାସୀ ଏବଂ ଜର୍ମାନୀର ଷ୍ଟେଫି ଗ୍ରାଫ୍ କ୍ୟାରିୟର୍ ଗୋଲ୍‌ଡେନ୍ ସ୍ଲାମ୍ ଜିତିଛନ୍ତି।

## ପ୍ରଥମ ମହିଳା ଦିନିକିଆ: ପ୍ରତିକା ଓ ତେଜଲ୍‌ଙ୍କ ଅର୍ଦ୍ଧଶତକ

# ଆୟର୍ଲାଣ୍ଡକୁ ୬ ୱିକେଟ୍‌ରେ ହରାଇଲା ଭାରତ

**ରାଜକୋଟ,୧୦।୧/ଏଜେନ୍ସି:** ଭାରତୀୟ ମହିଳା ଟିମ୍ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ୬ ୱିକେଟ୍‌ରେ ପରାସ୍ତ କରିଛି। ଏହି ବିଜୟ ସହିତ ଭାରତ ତିନି ମ୍ୟାଚ୍‌ର ଦିନିକିଆ ସିରିଜ୍‌ରେ ୧-୦ର ଅଗ୍ରଣୀ ହାସଲ କରିଛି। ଶୁକ୍ରବାର ରାଜକୋଟର ସୌରାଷ୍ଟ୍ର କ୍ରିକେଟ୍ ସଂଘ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ ନେଇଥିବା ଭ୍ରମଣକାରୀ ଟିମ୍ ୫୦ ଓଭର୍‌ରେ ୭ ୱିକେଟ୍ ହରାଇ ୨୩୮ ରନ୍ କରିଥିଲା। ଟିମ୍ ପକ୍ଷରୁ କ୍ୟାପ୍‌ଟେନ୍ ଗାବି ଲୁଇସ୍ ୯୨ ଏବଂ ଲି ପଲ୍ ୫୯ ରନ୍ କରିଥିଲେ। ଜବାବରେ ଭାରତ ୩୪.୩ ଓଭର୍‌ରେ ଚାରି ୱିକେଟ୍ ୨୪୧ ରନ୍ କରିବା ସହିତ ମ୍ୟାଚ୍ ନିଜ ନାମରେ କରିଛି। ଭାରତ ପକ୍ଷରୁ ପ୍ରତିକା ରାୱଲ୍ ସର୍ବଶ୍ରେଷ୍ଠ ପ୍ରଦର୍ଶନ ସହ ୮୯ ରନ୍‌ର ଦମ୍‌ଦାର ଇନିଂସ୍ ଖେଳି ଟିମ୍‌କୁ ବିଜୟୀ କରାଇଛନ୍ତି। ତାଙ୍କ ବ୍ୟତୀତ ତେଜଲ୍ ହସବନିସ୍ ୫୩ ରନ୍‌ର ଅପରାଜିତ ଇନିଂସ୍ ଖେଳି ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ।

### ଦିନିକିଆରେ ମନ୍ଧାନାଙ୍କ ୪ ହଜାର ରନ୍

କାମଚଳା କ୍ୟାପ୍‌ଟେନ୍ ସ୍ମୃତି ମନ୍ଧାନା ୱେଷ୍ଟଇଣ୍ଡିଜ୍ ସିରିଜ୍‌ର ଚମତ୍କାର ଫର୍ମ ଜାରିରଖି ୨୯ ବଲ୍‌ରୁ ଦ୍ରୁତ ୪୧ ରନ୍ କରିଥିଲେ। ଏହି ଅବସରରେ ସେ ଦିନିକିଆରେ ୪ ହଜାର ରନ୍ ପୂରଣ କରିବାରେ ଦ୍ୱିତୀୟ ଭାରତୀୟ ଏବଂ ୧୫ତମ ଖେଳାଳି ହୋଇଛନ୍ତି। ମନ୍ଧାନା ଆୟର୍ଲାଣ୍ଡ ବୋଲର୍‌ଙ୍କ ବିପକ୍ଷରେ ୱିକେଟ୍‌ର ଦୁଇପଟୁ ଶଟ୍ ଖେଳିଥିଲେ ଏବଂ ୱେଷ୍ଟଇଣ୍ଡଜ୍ ସିରିଜ୍‌ରେ ପଦାର୍ପଣ କରିଥିବା ପ୍ରତିକା ତାଙ୍କୁ ଭଲ ସହାୟତା କରିଥିଲେ। ଦୁହେଁ ଚାରିଟି ମ୍ୟାଚ୍‌ରେ ଇନିଂସ୍ ଓପ୍ନିଂ କରି ତୃତୀୟ ଅର୍ଦ୍ଧଶତକୀୟ ଭାଗୀଦାରି କରିଥିଲେ। ଅବଶ୍ୟ ଆୟର୍ଲାଣ୍ଡ୍ ପାୱାରପ୍ଲେ ଶେଷରେ ମନ୍ଧାନାଙ୍କୁ ଆଉଟ୍ କରି ଭାରତକୁ ପ୍ରଥମ ଝଟ୍‌କା ଦେଇଥିଲା। ଏହାପରେ ହରଲିନ୍ ଦେଓଲ୍ (୨୦) ଓ ଜେମିମା ରଡ୍ରିଗ୍ସ (୯) ଆରମ୍ଭରୁ ଭଲ ଫର୍ମରେ ଥିଲେ ମଧ୍ୟ ଆୟର୍ଲାଣ୍ଡର ବାମହାତୀ ସ୍ପିନର୍ ଏମି ମାଗୁଏରେଙ୍କ ଶିକାର ହୋଇଥିଲେ। ଏହି ପ୍ରକାରେ ଭାରତ ୪୬ ରନ୍‌ରେ ୩ ୱିକେଟ୍ ହରାଇଥିଲା। ମାତ୍ର ମନ୍ଧାନାଙ୍କ ଆକ୍ରମଣାତ୍ମକ ଇନିଂସ୍ କାରଣରୁ ଟିମ୍ ଭଲ ସ୍ଥିତିରେ ରହିଥିଲା। ଆୟର୍ଲାଣ୍ଡର ୧୮ ବର୍ଷୀୟା ମାଗୁଏରେ ୮ ଓଭର୍‌ରେ ୫୭ ରନ୍ ଦେଇ ତିନିଟି ୱିକେଟ୍ ନିଜ ନାମରେ କରିଥିଲେ। ମାତ୍ର କମ୍ ଅନୁଭବ ଟିମ୍ ପାଇଁ କ୍ଷତିକାରକ ହୋଇଥିଲା ଏବଂ ଟିମ୍ ୨୧ ଅତିରିକ୍ତ ରନ୍ ବ୍ୟୟ କରିଥିଲା। ୨୪ତମ ଓଭର୍‌ରେ ଡେଲାନେଙ୍କ ଲଗାତାର ଦୁଇଟି ନୋ-ବଲ୍‌ରେ ତେଜଲ୍ ଚୌକା ମାରିଥିଲେ।



ଏହା ପୂର୍ବରୁ ଭାରତୀୟ ଟିମ୍‌ର ଦୁର୍ବଳ ଫିଲ୍ଡିଂ ଲାଭ ଉଠାଇ ଆୟର୍ଲାଣ୍ଡ କ୍ୟାପ୍‌ଟେନ୍ ଗାବି ଲୁଇସ୍‌ଙ୍କ ୯୨ ରନ୍‌ର ଚମତ୍କାର ଇନିଂସ୍ ଏବଂ ଲିୟାହ ପଲ୍ (୫୯)ଙ୍କ ସହ ୧୧୭ ରନ୍‌ର ଭାଗୀଦାରି ବଳରେ ୭ ୱିକେଟ୍‌ରେ ୨୩୮ ରନ୍‌ର ସମ୍ମାନଜନକ ସ୍କୋର୍ ଛିଡ଼ା କରିଥିଲା। ଟସ୍ ଜିତି ବ୍ୟାଟିଂ ନେଇଥିବା ଆୟର୍ଲାଣ୍ଡ ଟିମ୍ ୧୪ତମ ଓଭର୍‌ରେ ୫୬ ରନ୍‌ର ସ୍କୋର୍‌ରେ ୪ ୱିକେଟ୍ ହରାଇ ବିପଦରେ ପଡ଼ିଥିଲା। ମାତ୍ର ଲୁଇସ୍ (୧୨୯ ବଲ୍, ୧୫ ଚୌକା) ଏବଂ ଲିୟାହଙ୍କ ମଧ୍ୟରେ ପଞ୍ଚମ ୱିକେଟ୍ ପାଇଁ ଶତକୀୟ ଇନିଂସ୍ ବଳରେ ଟିମ୍ ଭଲ ସ୍କୋର୍ କରିବାରେ ସଫଳ ହୋଇଥିଲା। ତିନିଟି କ୍ୟାଚ୍ ହାତଛଡ଼ା ସହିତ ଦୁର୍ବଳ ଫିଲ୍ଡିଂର ଲାଭ ଉଠାଇ ଲୁଇସ୍ ଓ ଲିୟାହଙ୍କ ଯୋଡ଼ି ଭାରତ ବିପକ୍ଷରେ ଟିମ୍‌ର ପ୍ରଥମ ଶତକୀୟ ଭାଗୀଦାରି କରିଥିଲେ। ମିଡିୟମ୍ ଫାଷ୍ଟ ବୋଲର୍ ଟିଟାସ୍ ସାଧୁ ସ୍ଲିପ୍‌ରେ ସାରା ଫୋର୍ବ୍ସ (୯)ଙ୍କୁ ଦୀପ୍ତି ଶର୍ମାଙ୍କ ହାତରେ କ୍ୟାଚ୍ କରାଇ ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଉନା ରେମଣ୍ଡ ହୋଏ (୫) ରନ୍ ଆଉଟ୍ ହେବା ପରେ ପ୍ରଥମ ଥର ଭାରତ ଗସ୍ତରେ ଆସିଥିବା ଆୟର୍ଲାଣ୍ଡ ୩୪ ରନ୍‌ରେ ଦୁଇଟି ୱିକେଟ୍ ହରାଇଥିଲା। ୧୪ତମ ଓଭର୍‌ରେ ପ୍ରିୟା ମିଶ୍ରା ଲଗାତାର ଦୁଇଟି ବଲ୍‌ରେ ଦୁଇଟି ୱିକେଟ୍ ନେବା ଫଳରେ ଭ୍ରମଣକାରୀ ଟିମ୍‌ର ସ୍କୋର୍ ୪ ୱିକେଟ୍‌ରେ ୫୬ ରନ୍ ହୋଇଥିଲା। ପ୍ରିୟା ତୃତୀୟ ବଲ୍‌ରେ ଓର୍ଲା ପ୍ରେଣ୍ଡରଗାଷ୍ଟ (୯)ଙ୍କୁ ୱିକେଟ୍‌କିପର୍ ରିଚା ଘୋଷଙ୍କ ଦ୍ୱାରା ଷ୍ଟମ୍ପ୍ ଆଉଟ୍ କରାଇବା ପରେ ପରବର୍ତ୍ତୀ ବଲ୍‌ରେ ଲୌରା ଡେଲାନି (୦)ଙ୍କୁ ବୋଲ୍ଡ ଆଉଟ୍ କରିଥିଲେ। ଏହାପରେ ଲୁଇସ୍ ଓ ଲିୟାହ ଶତକୀୟ ଭାଗୀଦାରି କରିଥିଲେ। ଦୀପ୍ତି ଶର୍ମା ନିଜ ବଲ୍‌ରେ ଲୁଇସ୍‌ଙ୍କୁ କ୍ୟାଚ୍ ଆଉଟ୍ କରି ଏହି ଯୋଡ଼ିରେ ବ୍ରେକ୍ ଲଗାଇଥିଲେ। ଏହାପରେ ଆର୍ଲେନ୍ କେଲୀ ୨୫ ବଲ୍‌ରେ ୨୮ ରନ୍‌ର ଉପଯୋଗୀ ଇନିଂସ୍ ଖେଳିଥିଲେ। ଡେବ୍ୟୁଟାଣ୍ଟ ସୟାଲୀ ସତଘରେ ତାଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିଥିଲେ।

ମ୍ୟାଚ୍‌ରେ ଭାରତ ପକ୍ଷରୁ ଅଲ୍‌ରାଉଣ୍ଡର୍ ସୟାଲୀ ଦିନିକିଆ ପଦାର୍ନଣ କରିଥିବା ବେଳେ ନିୟମିତ କ୍ୟାପ୍‌ଟେନ୍ ହରମନପ୍ରୀତ୍ କୌର୍ ଓ ଫାଷ୍ଟ ବୋଲର୍ ରେଣୁକା ଠାକୁରଙ୍କୁ ସିରିଜ୍‌ରେ ବିଶ୍ରାମ ଦିଆଯାଇଛି। ସିନିୟର୍ ଓପ୍ନର୍ ବ୍ୟାଟର୍ ସ୍ମୃତି ମନ୍ଧାନା ଟିମ୍‌ର ନେତୃତ୍ୱ କରୁଛନ୍ତି।

## ଫାଷ୍ଟ ବୋଲର୍ ବରୁଣ ଆରୋନ୍‌ଙ୍କ ସନ୍ନ୍ୟାସ

**ନୂଆଦିଲ୍ଲୀ,୧୦।୧/ଏଜେନ୍ସି:** ଲଗାତାର ଆଘାତ ସମସ୍ୟାକୁ ସଂଘର୍ଷ କରୁଥିବା ଭାରତୀୟ ଫାଷ୍ଟ ବୋଲର୍ ବରୁଣ ଆରୋନ୍ ଶୁକ୍ରବାର କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ବିଜୟ ହଜାରେ ଟ୍ରଫିରେ ତାଙ୍କ ଘରୋଇ ଟିମ୍ ଝାଡ଼ଖଣ୍ଡର ଅଭିଯାନ ସମାପ୍ତ ପରେ ବରୁଣ ଏହି ନିଷ୍ପତ୍ତି ନେଇଛନ୍ତି। ୨୦୧୧ରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ୩୫ ବର୍ଷୀୟ ଫାଷ୍ଟ ବୋଲର୍ ଭାରତ ପକ୍ଷରୁ ୯ ଦିନିକିଆ ଓ ସମାନ ସଂଖ୍ୟକ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଆରୋନ୍ ଗତବର୍ଷ ଲାଲ୍‌ବଲ୍ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ।



ଆରୋନ୍ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ୍‌ରେ ଲେଖିଛନ୍ତି- ଗତ ୨୦ ବର୍ଷ ଧରି ଫାଷ୍ଟ ବୋଲିଂକୁ ସମର୍ପିତ ଥିଲି। ଆଜି ପୂରା କୃତଜ୍ଞତା ସହିତ ମୁଁ ଆଧିକାରିକ ଭାବେ କ୍ରିକେଟ୍‌ରୁ ସନ୍ନ୍ୟାସ ନେଉଛି। ଏତେ ବର୍ଷ ଧରି କ୍ୟାରିୟର୍ ପାଇଁ ବିପଦ ସୃଷ୍ଟି କରିଥିବା ଅନେକ ଆଘାତରୁ ସୁସ୍ଥ ହେବାକୁ ଶାରୀରିକ ଓ ମାନସିକ ସ୍ତରରେ କଠିନ ପରିଶ୍ରମ କରିଛି। ବାରମ୍ବାର ପ୍ରତ୍ୟାବର୍ତ୍ତନ କରିଛି। ଏଥିପାଇଁ ମୋ ଫିଜିଓ, ଟ୍ରେନର୍ ଏବଂ ଜାତୀୟ କ୍ରିକେଟ୍ ଏକାଡେମୀର କୋଚ୍‌ଙ୍କୁ ଧନ୍ୟବାଦ ଜଣାଉଛି। ଏବେ ଜୀବନର ଛୋଟ ଛୋଟ ଖୁସିର ମଜା ଉଠାଇବି। ମାତ୍ର ମୋତେ ସବୁକିଛି ଦେଇଥିବା କ୍ରିକେଟ୍ ଖେଳ ସହିତ ମଧ୍ୟ ଜଡ଼ିତ ରହିବି। ଫାଷ୍ଟ ବୋଲିଂ ମୋର ପ୍ରଥମ ପ୍ରେମ ଥିଲା ଏବଂ ସର୍ବଦା ମୋ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ରହିବ।

୨୦୧୧ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟେଷ୍ଟ ଡେବ୍ୟୁ କରିଥିବା ବରୁଣ ଭାରତ ପକ୍ଷରୁ ୯ ମ୍ୟାଚ୍ ଖେଳି ମୋଟ ୧୮ ୱିକେଟ୍ ଦଖଲ କରିଛନ୍ତି। ଏହି ଅବସରରେ ତାଙ୍କ ଇକୋନୋମି ୪.୭୮ ଥିଲା। ଟେଷ୍ଟ ଡେବ୍ୟୁ ଠିକ୍ ପୂର୍ବରୁ ବରୁଣଙ୍କୁ ଇଂଲଣ୍ଡ ବିପକ୍ଷରେ ଦିନିକିଆ ମ୍ୟାଚ୍ ଖେଳିବାର ସୁଯୋଗ ମିଳିଥିଲା। ନଅଟି ଦିନିକିଆ ମ୍ୟାଚ୍‌ରେ ସେ ୧୧ ୱିକେଟ୍ ନିଜ ନାମରେ କରିଥିଲେ। ଏହା ବ୍ୟତୀତ ବରୁଣ ଆଇପିଏଲ୍ ମଧ୍ୟ ଖେଳିଥିଲେ ଏବଂ ୫୨ ମ୍ୟାଚ୍‌ରେ ମୋଟ ୪୪ ୱିକେଟ୍ ଅକ୍ତିଆର କରିଥିଲେ।

## ପ୍ରେମାନନ୍ଦ ମହାରାଜଙ୍କ ଶରଣରେ ବିରୁଷ୍କା

**ନୂଆଦିଲ୍ଲୀ,୧୦।୧/ଏଜେନ୍ସି:** ଅଷ୍ଟ୍ରେଲିଆ ଗସ୍ତରୁ ଫେରିବା ପରେ ଟିମ୍ ଇଣ୍ଡିଆ ଷ୍ଟାର୍ ବ୍ୟାଟର୍ ବିରାଟ କୋହଲି ପତ୍ନୀ ଅନୁଷ୍କା ଶର୍ମା ଏବଂ ଦୁଇ ସନ୍ତାନ ଭାମିକା ଓ ଅକାୟଙ୍କ ସହ ମଥୁରାସ୍ଥିତ ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମରେ ପହଞ୍ଚି ତାଙ୍କ ଆଶୀର୍ବାଦ ନେଇଛନ୍ତି। ଏହି ଅବସରରେ ପ୍ରେମାନନ୍ଦ ମହାରାଜଙ୍କ ସହିତ ଅନୁଷ୍କା କଥା ହେଉଥିବା ପ୍ରେମାନନ୍ଦ ମହାରାଜାଙ୍କ ଆଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡଲ୍‌ରେ ପୋଷ୍ଟ ଭିଡିଓରୁ ଦେଖିବାକୁ ମିଳିଛି।



ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ କୋହଲି କିଛି ଖାସ୍ ପ୍ରଦର୍ଶନ କରିପାରି ନଥିଲେ। ପର୍ଥ ଟେଷ୍ଟର ଦ୍ୱିତୀୟ ଇନିଂସ୍‌ରେ ଶତକ ହାସଲ କରିବା ପରେ ସେ ଲୟ ହରାଇଥିଲେ। ପ୍ରେମାନନ୍ଦ ମହାରାଜଙ୍କ ନିକଟରେ ପହଞ୍ଚିବା ପରେ ମନ ପ୍ରସନ୍ନ ଅଛି କି ପ୍ରଶ୍ନରେ କୋହଲି ମୁଣ୍ଡ ହଲାଇ ହଁ ଭରିଥିଲେ। ପ୍ରେମ ଭକ୍ତି ପ୍ରଦାନ ପାଇଁ ଅନୁଷ୍କାଙ୍କ ଅନୁରୋଧରେ ବିରାଟ ବହୁତ ବାହାଦୁର ବୋଲି ପ୍ରେମାନନ୍ଦ କହିଥିଲେ। କାରଣ ସଂସାରର ଏତେ ସମ୍ମାନ ପାଇବା ପରେ ଭକ୍ତି ପ୍ରତି ଆକୃଷ୍ଟ ହେବା କଠିନ ବ୍ୟାପାର। କୋହଲିଙ୍କ ଉପରେ ଭକ୍ତିର ବିଶେଷ ପ୍ରଭାବ ପଡ଼ିବ ବୋଲି ପ୍ରେମାନନ୍ଦ ମହାରାଜ କହିଥିଲେ। ମହାରାଜ ବିରାଟ-ଅନୁଷ୍କାଙ୍କୁ ଉପଦେଶ ଦେଇ ଭଗବାନଙ୍କ ଭରସାରେ ନାମ ଜପିବା ସହିତ ଖୁବ୍ ପ୍ରେମ ଏବଂ ଆନନ୍ଦରେ ରହିବାକୁ କହିଥିଲେ।






# ସହିଦ୍ ଜବାର ଓ ପ୍ରତ୍ୟାଶା ରାୟ ପାଇବେ ଓସ୍‌ଜା ପୁରସ୍କାର

**ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍:** ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ତଥା ସଫଳ ଫୁଟ୍‌ବଲ୍ କୋଚ୍ ମହମ୍ମଦ ସହିଦ ଜବାର ଏବଂ ସଫଳ ଓଡ଼ିଆ ସନ୍ତରଣକାରୀ ପ୍ରତ୍ୟାଶା ରାୟ ଚଳିତ ବର୍ଷର ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ବାର୍ଷିକ ପୁରସ୍କାର ପାଇବେ। ଗତବର୍ଷ ଅନେକ ସଫଳତା ଅର୍ଜନ କରିଥିବା ପ୍ରତ୍ୟାଶା ରାୟଙ୍କୁ ୨୦୨୪ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ଏବଂ ଭାରତୀୟ ମହିଳା ଫୁଟ୍‌ବଲ୍ ଦଳର ସଫଳତାରେ ବିଶେଷ ଯୋଗଦାନ ଦେଇଥିବା ସହିଦ ଜବାରଙ୍କୁ ଜୀବନବ୍ୟାପୀ ସେବା ସକାଶେ ପୁରସ୍କାର ପ୍ରଦାନ କରାଯିବ। ଜାନୁଆରୀ ୧୯ରେ ଭୁବନେଶ୍ୱରରେ ହେବାକୁ ଥିବା ଓସ୍‌ଜାର ବାର୍ଷିକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସଭାପତି ସନ୍ଦୀପ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

ପିତା ତଥା ବିଶିଷ୍ଟ ଫୁଟବଲର୍ ଅବ୍‌ଦୁଲ ଜବାରଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ମହମ୍ମଦ ସହିଦ ଜବାର ଓଡ଼ିଶା ଫୁଟ୍‌ବଲ୍ ଦଳ ପକ୍ଷରୁ ବହୁ ବର୍ଷ ପ୍ରତିନିଧିତ୍ୱ କରିଥିଲେ। ଜାତୀୟ ଜୁନିୟର ଏବଂ ସିନିୟର ସନ୍ତୋଷ ଟ୍ରଫିରେ ଓଡ଼ିଶା ପକ୍ଷରୁ ଅନେକ ବର୍ଷ ଖେଳିବା ସହ ଦୀର୍ଘ ୧୫





ବର୍ଷ ଓଡ଼ିଶା ପୁଲିସ ଦଳର ସଦସ୍ୟ ଭାବେ ସର୍ବଭାରତୀୟ ପୁଲିସ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଫୁଟ୍‌ବଲ୍‌ରୁ ଖେଳାଳି ଭାବେ ଅବସର ନେବା ପରେ କୋଚିଂ ପ୍ରତି ଧ୍ୟାନ ଦେଇଥିବା ସହିଦ ଜବାର ଭାରତୀୟ ମହିଳା ଫୁଟ୍‌ବଲ୍ ଦଳର ବହୁବର୍ଷ ମୁଖ୍ୟ କୋଚ୍ ରହିଥବଲେ। ତାଙ୍କ ଅଧୀନରେ ଭାରତୀୟ ମହିଳା ଦଳ ସାଫ୍ ଚାମ୍ପିଅନ୍‌ଶିପ୍ ଏବଂ ଅନେକ ବଡ଼ ବଡ଼ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବା ସହ ଟାଇଟଲ୍ ଜିତିଥିଲା। ଏଥିସହ ସେ ଓଡ଼ିଶାର ବିଭିନ୍ନ ବୟସ ବର୍ଗର ଉଭୟ ପୁରୁଷ ଓ ମହିଳା ଦଳର କୋଚ୍ ଭାବେ ମଧ୍ୟ ଦାୟିତ୍ୱ ସମ୍ପାଦନ କରିଛନ୍ତି। ଜବାର ଏବେ ବି କୋଚ ଏବଂ ଫୁଟବଲ ପ୍ରଶାସକ ଭାବେ ଅଛନ୍ତି ସକ୍ରିୟ।

ଓଡ଼ିଶା ସନ୍ତରଣର ମାର୍ଗଦର୍ଶକ ଭାବେ ପରିଚିତ ପ୍ରତ୍ୟାଶା ରାୟ ୨୦୨୪ରେ ଏକାଧିକ ବିଶେଷ ସଫଳତା ହାସଲ କରିଥିଲେ। ସେ ଗତବର୍ଷ ସେପ୍ଟମ୍ବରରେ ଅନୁଷ୍ଠିତ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ୍ ମେଡାଲ ଜିତିଥିଲେ। ଏହା ବ୍ୟତୀତ ୨୦୨୪ରେ ସାଉଥ୍ ଆଫ୍ରିକାର ପ୍ରିଟୋରିଆରେ ଅନୁଷ୍ଠିତ ପ୍ରିମିୟର ପ୍ରାଦେଶିକ ସନ୍ତରଣ ପ୍ରତିଯୋଗିତାରେ ସେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ୍ ପଦକ ଜିତିବାର ସୁଯୋଗ ପାଇଥିଲେ। ଏଥିସହ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳର ପ୍ରତିନିଧିତ୍ୱ କରି ଖେଲୋ ଇଣ୍ଡିଆ ଗେମ୍ସରେ ସେ ୪ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ୍ ପଦକ ନିଜ ନାମରେ କରିଥିଲେ। ୨୦୨୪ ମସିହାର ଏକଲବ୍ୟ ପୁରସ୍କାର ମଧ୍ୟ ପ୍ରତ୍ୟାଶାଙ୍କୁ ମିଳିଥିଲା।

ପୁରସ୍କାର ଆକାରରେ ଉଭୟ ସହିଦ ଜବାର ଓ ପ୍ରତ୍ୟାଶାଙ୍କୁ ନଗଦ ୨୫ ହଜାର ଟଙ୍କା, ପ୍ରଶସ୍ତିପତ୍ର, ଉତ୍ତରୀୟ ଏବଂ ବିଶେଷ ଟ୍ରଫି ପ୍ରଦାନ କରାଯିବ। ସର୍ବଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ ସହିତ ଅନୁବନ୍ଧିତ ଓସ୍‌ଜା ୨୦୧୮ରୁ ଏହି ବାର୍ଷିକ ପୁରସ୍କାର ଦେଇଆସୁଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra